
ମହିଳା ପ୍ରିମିୟର୍ ଲିଗ୍
ଟି-୨୦ ଉଦ୍‌ଘାଟିତ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-195 ♦SATURDAY ♦10 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୯୫ ♦ଶନିବାର ♦୧୦ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ପରିବହନ ବିଭାଗର 'ଅନ୍ଧ ନୀତି'

# ବିନା ଅକଲରେ ଦିଲ୍ଲୀକୁ ନକଲ

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟ ପରିବହନ ବିଭାଗ ଦ୍ୱାରା 'ପିୟୁସିସି ନାହିଁ ତ ତେଲ ନାହିଁ' ଭଳି ଅପରିପକ୍ୱ ନିଷ୍ପତ୍ତି ଯୋଗୁଁ ହରଡ଼ଘଣାରେ ପଡ଼ିଛନ୍ତି ସରକାର। ପରିବହନ ପ୍ରାଧିକରଣ 'ଏସ୍‌ଟିଏ'ର ଏହି ନିର୍ଦ୍ଦେଶନାମା ଏବେ ପରିବହନ ବିଭାଗ

### ଦିଲ୍ଲୀ ଢାଞ୍ଚାରେ ଓଡ଼ିଶା କଷୁଛି ୧୦,୦୦୦ ଜରିମାନା

### ଅଧିକାଂଶ ରାଜ୍ୟରେ ପିୟୁସିସି ଜରିମାନା ୧୦୦୦ ଟଙ୍କା

ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଶିରପୀଡ଼ାର କାରଣ ହୋଇଛି। ଏପରି ଅପରିଣାମଦର୍ଶୀ ନିଷ୍ପତ୍ତି ପାଇଁ ସରକାର ଅକଳରେ ପଡ଼ିଛନ୍ତି ଓ ପରିସ୍ଥିତି ଖରାପ ହେବା ପୂର୍ବରୁ ୟୁ-ଟର୍ଣ୍ଣ ନେଇ ପ୍ରଦୂଷଣ ଜୋରିମାନା ହ୍ରାସ ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ତେବେ ଦିଲ୍ଲୀକୁ ନକଲ କରି ଓଡ଼ିଶାରେ ପରିବହନ ପ୍ରାଧିକରଣ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ହିଁ ସବୁ ସମସ୍ୟାର ମୂଳ ବୋଲି କୁହାଯାଉଛି । ପ୍ରଦୂଷଣ ଯୋଗୁଁ ଦେଶର ସବୁଠୁ ସମ୍ବେଦନଶୀଳ ସହର ଭାବେ ପରିଗଣିତ ହେଉଥିବା ଦିଲ୍ଲୀରେ ଏହି ନିୟମ ପରିଚାଳିତ ହେଉଛି। ଦିଲ୍ଲୀକୁ ଛାଡ଼ି ଦେଲେ ଦେଶର କୌଣସି ସ୍ଥାନରେ ବର୍ତ୍ତମାନ ସମୟରେ ଏଭଳି ବିଚିତ୍ର ନିୟମ କାର୍ଯ୍ୟକାରୀ ହେଉନାହିଁ। ▶ପୃଷ୍ଠା-୭

### ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ଜବାବ ତଲବ



■ କଟକ, ୯ ।୧ (ସମିସ): ଇ-ଚିହ୍ନଟ ମାଧ୍ୟମରେ ଜାରି କରାଯାଉଥିବା ମୋଟାଅଙ୍କର ପ୍ରଦୂଷଣ ଚାଲାଣକୁ ବେଆଇନ ଦର୍ଶାଇବା ସହ ଏହାକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜନୈକା ମହିଳା। ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ହାଇକୋର୍ଟ ଆଜି ନୋଟିସ ଜାରି ସହ ଜବାବ ତଲବ କରିଛନ୍ତି। ଡ. କୀର୍ତ୍ତିଧାରା ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ଡିସେମ୍ବର ୨୧ରେ ଆବେଦନକାରୀଙ୍କ କାର୍ (ଓଡି୦୨ଏଟି୭୨୦୦)ର ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିବାରୁ ୧୦ହଜାର ଟଙ୍କାର ଇ-ଚାଲାଣ ଜାରି କରାଯାଇଥିଲା। ଏହି ଚାଲାଣଟି ଗାଡ଼ି ଚେକିଂ ବେଳେ କୌଣସି ▶ପୃଷ୍ଠା-୭

### ଅପରିପକ୍ୱ ନୀତି: ନବୀନ



■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନେଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟରେ ହଠାତ୍ 'ପିୟୁସି ନାହିଁ ତ ତୈଳ ନାହିଁ' ନିୟମକୁ ଲାଗୁ କରିବା ଦ୍ୱାରା ଦେଖାଦେଇଥିବା ଅବ୍ୟବସ୍ଥା

**ସୁସ୍ଥ ପରିବେଶ ସହ ଭଲ ଶାସନ ପାଇବାକୁ ଓଡ଼ିଶାବାସୀ ହକ୍‌ଦାର**

**ପ୍ରଦୂଷଣ ନିୟନ୍ତ୍ରଣ ନାମରେ ରାଜ୍ୟବାସୀଙ୍କୁ ହଇରାଣ କରା ନ ଯାଉ**

ସରକାରଙ୍କ ଅପରିପକ୍ୱ ନୀତି ଓ ବିନା ପ୍ରସ୍ତୁତିର ଫଳ ବୋଲି ନବୀନ କହିଛନ୍ତି। ଶୁକ୍ରବାର ରାଜ୍ୟରେ ପିୟୁସିସି ▶ପୃଷ୍ଠା-୭

## ଇଡି ଚଢ଼ଉ ବିରୋଧରେ ଟିଏମ୍‌ସିର ପ୍ରତିବାଦ

# ମମତାଙ୍କ ମହାରାଲି



■ ନୂଆଦିଲ୍ଲୀ, ୯ ।୧ (ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଆଇଟି ସେଲ୍‌ର ମୁଖ୍ୟଙ୍କ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଚଢ଼ାଉ କରିଥିଲା। ଏହା ବିରୋଧରେ ଟିଏମ୍‌ସି ଶୁକ୍ରବାର ଦିଲ୍ଲୀରୁ କୋଲକାତ ପର୍ଯ୍ୟନ୍ତ ପ୍ରତିବାଦ ଓ ଶୋଭାଯାତ୍ରା କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ଅପରାହ୍ଣ ୨ଟାରେ ଇଡିର ଚଢ଼ାଉକୁ ବିରୋଧ କରି ଶୋଭାଯାତ୍ରା ଆରମ୍ଭ କରିଥିଲେ। ଏଥିରେ ବହୁସଂଖ୍ୟାରେ ଟିଏମ୍‌ସି ସମର୍ଥକ ଯୋଗ ଦେଇଥିଲେ। ଇଡି ବିରୋଧରେ ସେ ଦୁଇଟି ଏଫ୍‌ଆଇଆର ଦାଏର କରିଛନ୍ତି।

**୮ ସାଂସଦଙ୍କୁ ଅଟକ ରଖିବାର ୨ ଘଣ୍ଟା ପରେ ଛାଡ଼ିଲା ପୁଲିସ**

ସେ ଅମିତ ଶାହାଙ୍କୁ ଖୋଲା ଖୋଲି ଧମକ ଦେଇ କହିଛନ୍ତି ଯେ, ତାଙ୍କ ବରୋଧରେ ମୋ ପାଖରେ ପେନ୍ ଡ୍ରାଇଭ ଅଛି। ମୋ ସହ ଲାଗିଲେ ଛାଡ଼ିବି ▶ପୃଷ୍ଠା-୭

# ରେକର୍ଡ ଭାଙ୍ଗୁଛି ଶୀତ

### ଶିମିଳିପାଳରେ ବିୟୁକ୍ତ ୧ ଡିଗ୍ରୀ

■ ଭୁବନେଶ୍ୱର/ବାରିପଦା, ୯ ।୧ (ସମିସ): ମାଘ ମାସରେ ଅନୁଭୂତ ହେଉଛି ବାଘ ଭଳି ଶୀତ। ଲଗାତାର ଭାବେ ପାରଦ ତଳମୁହାଁ ହେତୁ ଅଧିକାଂଶ ସ୍ଥାନରେ ଶୀତ ଲହରୀ ଜାରି ରହିଛି। ଉପାନ୍ତରୁ ଉପକୂଳ ଯାଏଁ ପ୍ରବଳ ଜାଡ଼ରେ ଥରୁଛି ସାରା ଓଡ଼ିଶା। ରାଜ୍ୟର ପାହାଡ଼ିଆ ଅଞ୍ଚଳ ଭଳି ସମତଳ ଅଞ୍ଚଳରେ ମଧ୍ୟ ପ୍ରବଳ ଶୀତ ଅନୁଭୂତ ହେବା ସଙ୍ଗେ ସଙ୍ଗେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ କାଠୁଆ ଶୀତ ପଡ଼ିଛି। ସ୍ଥିତି ଏମିତି ହୋଇଛି, ଗତ ୨୪ ଘଣ୍ଟାରେ ରାଉରକେଲାର ତାପମାତ୍ରା ସମତଳ ଅଞ୍ଚଳରେ ଦେଶର ଚତୁର୍ଥ ସର୍ବନିମ୍ନ ତାପମାତ୍ରା ଭାବେ ରେକର୍ଡ ହୋଇଛି। ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ବିୟୁକ୍ତ ୧ ଡିଗ୍ରୀ ରେକର୍ଡ ହୋଇଛି। ବୁଧବାର ଓ ଗୁରୁବାର ଦୁଇଦିନ ଧରି ଉପରବାରହାକାମୁଡା (ୟୁବିକେ)ରେ ତାପାମାତ୍ରା ଶୂନ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଆଜି ପାରଦ ବିୟୁକ୍ତ ୧ ଡିଗ୍ରୀକୁ ଖସି ଆସିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ▶ପୃଷ୍ଠା-୭

**୧୦ ଡିଗ୍ରୀ ତଳେ ୨୫ ସହର**

**ରବିବାର ପରେ ଶୀତର ପ୍ରଭାବ ସାମାନ୍ୟ କମିବ**

**ରାଉରକେଲା ଦେଶର ଚତୁର୍ଥ ଥଣ୍ଡା ସମତଳ ଅଞ୍ଚଳ**

### ବରଫ ପାଲଟିଲା ଡାଲ୍ ହ୍ରଦ



■ ଶ୍ରୀନଗର, ୯ ।୧ (ଏଜେନ୍ସି): ଉତ୍ତର ଭାରତରେ ଶୀତର ଲହର ଜାରି ରହିଛି। ଜମ୍ମୁ-କଶ୍ମୀରରେ ଚିଲାଇ କଲାନ ଯୋଗୁଁ ଚଳିତ ଶୀତ ଋତୁରେ ସବୁଠାରୁ ଥଣ୍ଡା ରାତି ରେକର୍ଡ କରାଯାଇଛି। ପ୍ରବଳ ଥଣ୍ଡା ଯୋଗୁ ଏହି ଋତୁରେ ପ୍ରଥମଥର ପାଇଁ ବିଶ୍ୱ ପ୍ରସିଦ୍ଧ ଡାଲ ହ୍ରଦ କିଛି ଅଂଶ ଜମାଟ ବାନ୍ଧି ଯାଇଥିଲା। ଶ୍ରୀନଗରର ତାପମାତ୍ର ଶୂନରୁ ତଳକୁ ଖସି ବିୟୁକ୍ତ ୬ ଡିଗ୍ରୀରେ ପହଞ୍ଚିଛି ବୋଲି ପାଣିପାଗ ବିଭାଗ ତରଫରୁ କୁହାଯାଇଛି। ଥଣ୍ଡା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ସେପଟେ ରାଜସ୍ଥାନରେ ମଧ୍ୟ ପ୍ରବଳ ଥଣ୍ଡା ପଡିଛି। ଉଦୟପୁର, ଚିତ୍ତୋରଗଡ଼ ଓ ବାଂସୱାଡାରେ ଘନ କୁହୁଡି ଛାଇ ହୋଇ ରହିଥିଲା। ମଧ୍ୟପ୍ରଦେଶର ୧୭ଟି ଜିଲ୍ଲାରେ କୁହୁଡି ପଡିଛି। ଫଳରେ ଏକ ଡଜନ ଟ୍ରେନ୍ ବିଳମ୍ବ ହୋଇଥିଲା। ବିହାରରେ ପ୍ରବଳ ଶୀତ କାରଣରୁ ୧,୦୦୦ରୁ ଅଧିକ ପିଲା ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର କାଶୀରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି ଓ ୨୨ ବର୍ଷ ତଳର ରେକର୍ଡ ଭାଙ୍ଗିଛି।

### ଓସ୍କାର ଦୌଡ଼ରେ କାନ୍ତାରା, ତନଭୀ

■ ନୂଆଦିଲ୍ଲୀ, ୯ ।୧ (ଏଜେନ୍ସି): ଓସ୍କାର ଫିଲ୍ମ ସମାରୋହରେ ଅଂଶଗ୍ରହଣ କରିବା, ଏଥିରେ ସାମିଲ ହେବାକୁଥିବା ବିଶ୍ୱର ବିଭିନ୍ନ ଦେଶ ଓ ଭାଷାର ସିନେମା ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବା ସବୁ କଳାକାରଙ୍କର ସ୍ୱପ୍ନ ରହିଥାଏ। କିନ୍ତୁ ସମସ୍ତଙ୍କର ଏହି ସ୍ୱପ୍ନ ପୂରଣ ହୋଇ ନଥାଏ। ଏଥର ଭାରତୀୟଙ୍କ ପାଇଁ ବିଶେଷ ଖୁସି ଖବର ଆସିଛି। ଏବର୍ଷ ଏହି ପ୍ରତିଷ୍ଠିତ ସିନେମା ସମାରୋହରେ ଏଥର ଗୋଟିଏ କିମ୍ବା ଦୁଇଟି ନୁହେଁ ମୋଟ ଉପରେ ୧୧ଟି ଭାରତୀୟ ସିନେମା ଅଂଶଗ୍ରହଣ କରିବ ଓ ପୁରସ୍କାର ଜିତିବା ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବ। ଓସ୍କାରର ୯୮ତମ ସଂସ୍କରଣରେ ଋଷଭ ସେଟ୍ଟୀଙ୍କ ▶ପୃଷ୍ଠା-୭

### ସ୍ୱର୍ଗଦ୍ୱାର ଆଗରେ ଗଡ଼ିଲା ମୁଣ୍ଡ

**ଶବଦାହ ପାଇଁ ଆସି ଶବ ହୋଇଗଲେ**

■ ପୁରୀ, ୯।୧ (ସମିସ): ଶବଦାହ ପାଇଁ ଆସି ଶବ ପାଲଟିଗଲେ। ବଡ଼ ପାଟିରେ କଥାବାର୍ତ୍ତା ହେବାରୁ ବେକରେ ଛୁରି ଭୁସିଦେଲା ଦୁର୍ବୃତ୍ତ। ସ୍ୱର୍ଗଦ୍ୱାର ନିକଟ ଚୈତନ୍ୟ ଛକରେ ଗୁରୁବାର ରାତିଅଧରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ଭଦ୍ରକ ଜିଲ୍ଲା ଆପଣ୍ଡାର ରଞ୍ଜନ ଦାସ। ସମୁଦ୍ରକୂଳ ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ତା'ଠାରୁ ଏକ ରକ୍ତଲଗା ଛୁରି ମଧ୍ୟ ଜବତ କରିଛି। କିନ୍ତୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୁଲିସ ତା' ନାମ ପ୍ରକାଶ କରିନାହିଁ। ଘଟଣାରେ ଅନ୍ୟ ଜଣେ ଯୁବକ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣା ପୁରୀର ଆଇନଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇଥିବା ମାନସ କୁମାର ନାୟକ ଏ ସଂପର୍କରେ ଏକ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗରୁବାର ▶ପୃଷ୍ଠା-୭

**ବଡ଼ପାଟିରେ କଥା ହେବାରୁ ଛୁରି ଭୁସିଦେଲା ଦୁର୍ବୃତ୍ତ**






### ୫୦୨ ମେଡିକାଲ୍ ପିଜି ସିଟ୍ ବଢ଼ିବ

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟର ସରକାରୀ ମେଡିକାଲ କଲେଜଗୁଡ଼ିକରେ ପୋଷ୍ଟ ଗ୍ରାଜୁଏଟ (ପିଜି) ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୋଟ୍ ୧୨ ଟି ମେଡିକାଲ୍ କଲେଜରେ ୫୦୨ଟି ନୂଆ ପିଜି ସିଟ୍ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ଏହି ସିଟ୍ ବୃଦ୍ଧି ଆଗାମୀ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ। ଏନେଇ ମେଡିକାଲ ଏଜୁକେସନ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟ (ଡିଏମଇଟି) ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲ, ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଏବଂ କଟକର ଏଏଚପିଜିଆଇସି ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି।

ଡିଏମଇଟି ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଏସ୍‌କେ ମିଶ୍ରଙ୍କ ଦ୍ୱାରା ଲିଖିତ ଏହି ଚିଠିରେ ସିଟ୍ ବୃଦ୍ଧି ଏବଂ ନୂଆ ପିଜି କୋର୍ସ ଆରମ୍ଭ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଦ ସୃଷ୍ଟି (ଯଦି ଥାଏ) ଏବଂ ତାହାର ଆର୍ଥିକ ପ୍ରଭାବ ସହିତ ଏକ ବ୍ୟାପକ ପ୍ରସ୍ତାବ ▶ପୃଷ୍ଠା-୭




## ଜଳୁଛି ଇରାନ

- ଦରଦାମ ବୃଦ୍ଧି ବିରୋଧରେ ୧୦୦ ସହରରେ ପ୍ରତିବାଦ
- ଏପର୍ଯ୍ୟନ୍ତ ୪୫ ଜଣ ମୃତ୍ୟୁବରଣ କରିଛନ୍ତି
- ଟ୍ରମ୍ପଙ୍କୁ ଖୁସି କରିବାକୁ ଦେଶକୁ ନଷ୍ଟ କରନାହିଁ: ଖାମନେଇ
- ଦେଶରେ ଇଣ୍ଟରନେଟ୍, ଫୋନ ସେବା ବନ୍ଦ
- ତେହେରାନ ବିମାନ ବନ୍ଦରକୁ ମଧ୍ୟ ବନ୍ଦ କରାଯାଇଛି





ଇରାନ, ୯ ।୧(ଏଜେନ୍ସି): ଇରାନରେ ଏବେ ଜେନ୍- ଜେଡ୍ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି । ଦରଦାମ ବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ବିରୋଧ କରି ସାରା ଦେଶର ୧୦୦ଟି ସହରରେ ପ୍ରତିବାଦ ତଥା ଆନ୍ଦୋଳନ ଦ୍ରୁତବେଗରେ ବ୍ୟାପିବାରେ ଲାଗିଛି । ୧୩ ଦିନ ଧରି ଚାଲିଥିବା ଏହି ପ୍ରତିବାଦରେ ଗୁରୁବାର ରାତିରେ ସ୍ଥିତି ଆହୁରି ଖରାପ ହୋଇଥିଲା । ପ୍ରତିବାଦରେ ଏପର୍ଯ୍ୟନ୍ତ ୪୫ ଜଣ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏଥିରେ ୮ ଜଣ ଶିଶୁ ସାମିଲ ରହିଛନ୍ତି । ଏକାଧିକ ପୁଲିସ ଅଧିକାରୀ ଏଥିରେ ମୃତ୍ୟୁବରଣ କରିଛନ୍ତି । ଦେଶରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି । ୨,୨୭୦ ଲୋକଙ୍କୁ ଅଟକ ରଖାଯାଇଛି । ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିବା ସହ ବିଭିନ୍ନ ସ୍ଥାନରେ ନିଆଁ ଲଗାଇଥିଲେ । ଲୋକେ 'ଖାମନେଇଙ୍କ ମୃତ୍ୟୁ ଓ ଇସ୍‌ଲାମିକ ଗଣରାଜ୍ୟ ଶେଷ ହୋଇଛି' ବୋଲି ସ୍ଲୋଗାନ ଦେଇଥିଲେ । ସାରା ଦେଶରେ ଇଣ୍ଟରନେଟ ଓ ଫୋନ ସେବାକୁ ବନ୍ଦ କରାଯାଇଛି । ତେହେରାନ ବିମାନ ବନ୍ଦରକୁ ମଧ୍ୟ ବନ୍ଦ କରିଦିଆଯାଇଛି ଓ ସେନାକୁ ସତର୍କ ରଖାଯାଇଛି । ନିର୍ବାସିତ ରାଜକୁମାର ରାଜା ପହଲବୀ ଆନ୍ଦୋଳନ ପାଇଁ ଲୋକଙ୍କୁ ସଡ଼କକୁ ଓହ୍ଲାଇବାକୁ ଆହ୍ୱାନ ଦେଇଥିଲେ । ୧୯୭୯ରେ ଇସ୍‌ଲାମିକ କ୍ରାନ୍ତି ଦ୍ୱାରା ପହଲବୀଙ୍କ ପିତାଙ୍କୁ କ୍ଷମତାରୁ ହଟାଯାଇଥିଲା । ଯୁବରାଜ ପହଲବୀ ଏବେ ଆମେରିକାରେ ରହୁଛନ୍ତି । ଦେଶବ୍ୟାପୀ ପ୍ରତିବାଦ ଚାଲିଥିବା ବେଳେ ଇରାନର ସର୍ବୋଚ୍ଚ ନେତା ଅଲି ଖାମନେଇ ପ୍ରଥମଥର ପାଇଁ ଦେଶକୁ ସମ୍ବୋଧିତ କରିଥିଲେ । ଇରାନର ସରକାରୀ ଟିଭି ଖାମନେଇଙ୍କ ଭାଷଣର ପ୍ରସାରଣ କରିଥିଲା । ସେ କହିଥିଲେ ଯେ, ପ୍ରତିବାଦକାରୀ ଅନ୍ୟ ଦେଶର ରାଷ୍ଟ୍ରପତିଙ୍କୁ ଖୁସି କରିବାକୁ ପ୍ରୟାସ କରୁଛନ୍ତି ଓ ଏଥିପାଇଁ ନିଜ ଦେଶକୁ ନଷ୍ଟ କରିବାକୁ ପଛାଉ ନାହାନ୍ତି । ବିଦେଶୀମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଭଡ଼ାଟିଆଙ୍କୁ ଇରାନ ସହ୍ୟ କରିବ ନାହିଁ । ପ୍ରତିବାଦ ପଛରେ ବିଦେଶୀ ଏଜେଣ୍ଟ ଅଛନ୍ତି ଓ ଏମାନେ ହିଁ ଦେଶରେ ହିଂସାକୁ ଉସୁକାଉଛନ୍ତି ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଇରାନରେ ଅତ୍ୟଧିକ ଦରଦାମ ବୃଦ୍ଧି କାରଣରୁ ଆର୍ଥିକ ସ୍ଥିତି ଖରାପ ହୋଇଛି । ଫଳରେ ଯୁବ ସମାଜ ଅର୍ଥାତ ଜେନ୍- ଜେଡ ଦେଶବ୍ୟାପୀ ନିଜର ଅସନ୍ତୋଷ ପ୍ରଦର୍ଶନ କରିଛି ।

### ଅମ୍ବରନାଥରେ ବିଗିଡ଼ିଗଲା ଅଙ୍କ

## ବିଜେପିକୁ ବିଦାକଲେ ଶିବ୍‌ସେନା-ଏନ୍‌ସିପି

ଅମ୍ବରନାଥ, ୯ ।୧(ଏଜେନ୍ସି): ମହାରାଷ୍ଟ୍ର ଥାଣେର ଅମ୍ବରନାଥ ପୌର ପାଳିକାରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି । ଦୁଇଦିନ ତଳେ କଂଗ୍ରେସର ୧୨ଜଣ କାଉନସିଲରଙ୍କୁ ନେଇ ଶିବସେନା (ସିନ୍ଦେ) କୁ ବାହର କରି କ୍ଷମତାକୁ ଆସିଥିବା ବିଜେପି ଏବେ ନିଜ ଜାଲରେ ନିଜେ ଫସିଯାଇଛି । ବିଜେପିକୁ ସମର୍ଥନ ଦେଇଥିବା ଅଜିତ ପାୱାରଙ୍କ ଏନ୍‌ସିପିର ୪ ଜଣ କାଉନସିଲର ଶିବସେନା ସହ ଏକାଠି ହୋଇ କ୍ଷମତାକୁ ଆସିଛି । ଶିବସେନାର ସର୍ବାଧିକ ୨୭ କାଉନସିଲର ବିଜୟ ଲାଭ କରିଥିଲେ । କଂଗ୍ରେସ ସହ ମିଶିବାର କଳଙ୍କକୁ ମୁଣ୍ଡାଇଥିବା ବିଜେପିକୁ ଶେଷରେ ହଟହଟା ହେବାକୁ ପଡ଼ିଛି । ୬୦ ସଦସ୍ୟ ବିଶିଷ୍ଟ ଅମ୍ବରନାଥ ପୌରପାଳିକାରେ ଦୁଇଦିନ ତଳେ ବିଜେପି ନିଜର ୧୪ ସଦସ୍ୟଙ୍କ ସହ କଂଗ୍ରେସର ୧୨ ଓ ଏନ୍‌ସିପିର ୪ ଏବଂ ଜଣେ ସ୍ୱାଧୀନ କାଉନସିଲରଙ୍କ ସମର୍ଥନରେ ଅମ୍ବରନାଥ ବିକାଶ ଅଘାଡି ଗଠନ କରି କ୍ଷମତାକୁ ଆସିଥିଲା । ଏହିଭଳି ଭାବେ ବିଜେପି ନିଜ ସହଯୋଗୀ ଶିବସେନାଠାରୁ କ୍ଷମତା ଛଡ଼ାଇ ନେଇଥିଲେ ମଧ୍ୟ ଶେଷରେ ନିରାଶ ହୋଇଛି । ଏବେ ରାଜନୀତିର ଏହି ପଟପରିବର୍ତ୍ତନକୁ ନେଇ ଚର୍ଚ୍ଚା ହେଉଛି । ଅମ୍ବରନାଥ ପୌର ନିର୍ବାଚନରେ ଶିବସେନା ୨୭, ବିଜେପି ୧୪, କଂଗ୍ରେସ ୧୨, ଏନ୍‌ସିପି ୪ ଓ ୩ଜଣ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ ।

## ଟ୍ରମ୍ପଙ୍କୁ ଭେଟିବେ ମାଚାଡୋ

କାରାକାସ, ୯ ।୧(ଏଜେନ୍ସି): ଭେନେଜୁଏଲାର ବିରୋଧୀ ଦଳ ନେତା ମାରିଆ ମାଚାଡୋ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାକୁ ୱାଶିଂଟନ ଆସିବେ । ଏ ନେଇ ଟ୍ରମ୍ପ ଗୁରୁବାର ସୂଚନା ଦେଇଛନ୍ତି । ମାଚାଡୋଙ୍କୁ ଭେଟିବାକୁ ଟ୍ରମ୍ପ ଅପେକ୍ଷା କରି ରହିଛନ୍ତି ବୋଲି ସେ କହିଛନ୍ତି । ଆସନ୍ତା ସପ୍ତାହରେ ଦୁଇଜଣଙ୍କ ଭେଟ ହେବା ନିଶ୍ଚିତ ହୋଇଛି । କିଛିଦିନ ପୂର୍ବେ, ରାଷ୍ଟ୍ରପତି ସାମ୍ବାଦିକମାନଙ୍କୁ କହିଥିଲେ ଯେ, ମାଚାଡୋ ଜଣେ ଉତ୍ତମ ମହିଳା, କିନ୍ତୁ ଭେନେଜୁଏଲାର ନେତୃତ୍ୱ ପାଇଁ ଦେଶରେ ତାଙ୍କର ଜନ ସମର୍ଥନ ନାହିଁ । ମାଚାଡୋ ପୂର୍ବରୁ ତାଙ୍କ ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କ ପ୍ରତି ଉତ୍ସର୍ଗ କରିଥିଲେ । ଗତ ଅକ୍ଟୋବରରେ ମାଚାଡୋଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ସେପଟେ ଟ୍ରମ୍ପଙ୍କ ଅନୁରୋଧ କ୍ରମେ ଭେନେଜୁଏଲା ଏକାଧିକ ରାଜନେତାଙ୍କ ସମେତ ଅନେକ ହାଇ-ପ୍ରୋଫାଇଲ କଏଦୀଙ୍କୁ ମୁକ୍ତ କରିବା ଆରମ୍ଭ କରିଛି ।

## ଭ୍ୟାନ୍-ଟ୍ରକ୍ ଧକ୍କାରେ ୪ ମୃତ, ୭ ଆହତ

ବେଙ୍ଗାଲୁରୁ, ୯ ।୧(ଏଜେନ୍ସି): କର୍ଣ୍ଣାଟକର ତୁମକୁରୁ ଜିଲ୍ଲାରେ ବସନ୍ତନରସପୁରା ଶିଳ୍ପାଞ୍ଚଳ ନିକଟ କୋରା ଅଞ୍ଚଳରେ ଏକ କ୍ରୁଜର ଗାଡ଼ି ସହ ଟ୍ରକ୍ ଧକ୍କା ହେବା ଫଳରେ ୪ ଜଣ ତୀର୍ଥଯାତ୍ରୀ ମୃତ୍ୟୁବରଣ କରିଛନ୍ତି ଓ ଅନ୍ୟ ୭ ଜଣ ଆହତ ହୋଇଛନ୍ତି । ସେମାନେ କେରଳର ସାବରୀମାଲାରୁ ଫେରିବା ବେଳେ ଶୁକ୍ରବାର ଭୋର ୪.୪୦ରେ ଏହି ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି । ମୃତକଙ୍କ ମଧ୍ୟରେ ଜଣେ ଝିଅ ସାମିଲ ଅଛନ୍ତି । ଶ୍ରଦ୍ଧାଳୁଙ୍କୁ ନେଇ ଆସୁଥିବା ଏହି କ୍ରୁଜର ଗାଡ଼ି ସଡ଼କରେ ଠିଆ ହୋଇଥିବା ଟ୍ରକ୍‌କୁ ଧକ୍କା ଦେଇ ତା ଭିତରକୁ ପଶି ଯାଇଥିଲା । ଫଳରେ ଜଣେ ଛୋଟ ପିଲା ସହ ୪ ଜଣ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଗୁରୁତର ଭାବେ ଆହତ ହୋଇଥିବା ଅନ୍ୟ ୭ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି ।

## ନ୍ୟୁୟର୍କ ଯିବାକୁ ୬୭୦ କିମି ସଡ଼କରେ ଗଲେ ଜୟଶଙ୍କର

ୱାଶିଂଟନ, ୯ ।୧(ଏଜେନ୍ସି): ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଆମେରିକାରେ ବେଶ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ନ୍ୟୁୟର୍କରେ ପହଞ୍ଚିବା ପାଇଁ ତାଙ୍କୁ ସଡକପଥରେ ଯିବାକୁ ହୋଇଛି । ଏଥିପାଇଁ ସେ ୬୭୦ କିମି କାର୍‌ରେ ହିଁ ଯାତ୍ରା କରିଥିଲେ । ଜୟଶଙ୍କର ଜାତିସଙ୍ଘର ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କ ସହିତ ନ୍ୟୁୟର୍କରେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକରେ ମିଳିତ ହେବାର କାର୍ଯ୍ୟକ୍ରମ ଥିଲା । ଆମେରିକା ବୈଦେଶିକ ବିଭାଗ ଅଧିନରେ ଆସୁଥିବା କୂଟନୈତିକ ସୁରକ୍ଷା ସେବା (ଡିଏସ୍‌ଏସ୍) ର ଏକ ରିପୋର୍ଟ ଅନୁଯାୟୀ, ସଟ୍‌ଡାଉନ ଯୋଗୁଁ ସାରା ଦେଶରେ ବାଣିଜ୍ୟିକ ବିମାନ ଚଳାଚଳ ବନ୍ଦ ରହିଥିଲା । ତେବେ ସୁରକ୍ଷା ଏଜେଣ୍ଟମାନେ କାନାଡ଼ା- ଆମେରିକା ସୀମାରେ ଲୁଇଷ୍ଟନ-କୁଇନ୍ସଟନ ସେତୁରେ ଜୟଶଙ୍କରଙ୍କୁ ସ୍ୱାଗତ କରିଥିଲେ । ସେଠାରୁ ମାନ୍‌ହାଟନକୁ ଯିବା ପାଇଁ ପ୍ରାୟ ସାଢ଼େ ୭ ଘଣ୍ଟା ସମୟ ଲାଗିଥିଲା ।

## ହିମାଚଳରେ ଖାଇକୁ ବସ୍ ଖସି ୧୨ ମୃତ, ୩୩ ଆହତ

ହରିପୁରଧର, ୯ ।୧(ଏଜେନ୍ସି): ହିମାଚଳ ପ୍ରଦେଶର ସିରମୌରରେ ଶୁକ୍ରବାର ଏକ ଘରୋଇ ବସ୍ ୨୦୦ମିଟର ଖାଇକୁ ଖସିପଡ଼ିବା ଫଳରେ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୧୨ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୩ ଜଣ ଆହତ ହୋଇଛନ୍ତି । ଜଣେ ଛୋଟ ଝିଅ ସମେତ ୪ ଜଣଙ୍କ ଅବସ୍ଥା ଗୁରୁତର ଅଛି । ଝିଅଟିକୁ ନାହାନ ନିଆଯାଇଛି ଓ ଅନ୍ୟ ୩ ଜଣଙ୍କୁ ସିମଲାର ଆଇଜିଏମ୍‌ସି ହସ୍ପିଟାଲକୁ ପଠାଯାଇଛି । ବସ୍‌ରେ ମହିଳା ଓ ପିଲାମାନଙ୍କ ସହ ୪୫ ଜଣ ଯାତ୍ରା କରୁଥିଲେ । ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ । ଦୁର୍ଘଟଣା ସିରମୌରର ହରିଧରପୁର ବଜାରରୁ ୧୦୦ ମିଟର ପୂର୍ବରୁ ଅପରାହ୍ଣ ୨.୪୫ରେ ଘଟିଥିଲା । ଏହି ବସ ସିମଲାରୁ କୁପଭି ଅଭିମୁଖେ ଯାତ୍ରା କରୁଥିଲା । ଶିମଲାରୁ ଏହି ବସ୍ ସକାଳ ୭.୩୦ରେ ବାହାରିଥିଲା । କୁପଭିର ୨୮ କିମି ପୂର୍ବରୁ ବସ୍ ଖାଇକୁ ଖସିପଡ଼ିଥିଲା । ବସ୍ ତଳେ ୫ ଜଣ ଦବି ରହିଛନ୍ତି ବୋଲି କୁହାଯାଇଛି । ଘନ କୁହୁଡି କାରଣରୁ ଦୁର୍ଘଟଣା ହୋଇଥିଲା ।

### ଆମେରିକାକୁ ଡେନ୍‌ମାର୍କର କଡ଼ା ଜବାବ୍

## ପ୍ରଥମେ ଗୁଳି; ତା'ପରେ କଥା


କୋପେନହେଗେନ, ୯ ।୧(ଏଜେନ୍ସି): ଗ୍ରୀନଲାଣ୍ଡକୁ ଅକ୍ତିଆର କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବା ପରେ ଡେନମାର୍କ ଏହାର କଡ଼ା ଜବାବ ଦେଇଛି । ଡେନମାର୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଟ୍ରମ୍ପଙ୍କ ଧମକର ଜବାବ୍ ଦେଇ କହିଛି ଯେ, ଯଦି କୌଣସି ବିଦେଶୀ ଶକ୍ତି ଆକ୍ରମଣ କରନ୍ତି ତେବେ, ଆମ ସୈନିକ କୌଣସି ଆଦେଶ କିମ୍ବା ନିର୍ଦ୍ଦେଶରେ ଅପେକ୍ଷା ନ କରି ତୁରନ୍ତ ଜବାବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗୁଳି ଚଳାଇବ । ୧୯୫୨ରୁ ବିନା ଆଦେଶରେ ଗୁଳି ଚଳାଇବାର ନିୟମ ଜାରି ହୋଇଛି । ସେତେବେଳେ ଡେନମାର୍କ ନିଜ ସେନା ପାଇଁ ଏହି ନିୟମ ଜାରି କରିଥିଲା । ଏହି ଅନୁସାରେ ବିଦେଶୀ ଶତ୍ରୁଙ୍କ ଆକ୍ରମଣର ଜବାବ ଦେବା ପାଇଁ ଡେନମାର୍କ ସୈନିକଙ୍କୁ ତୁରନ୍ତ ଲଢ଼ିବାକୁ ହେବ । ଏଥିପାଇଁ ସୈନିକଙ୍କୁ କୌଣସି ବରିଷ୍ଠ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ହେବନାହିଁ । ଏହି ନିୟମ ୧୯୪୦ରେ ପ୍ରଥମଥର ପାଇଁ ଲାଗୁ ହୋଇଥିଲା । ସେତେବେଳେ ଜର୍ମାନୀ ଡେନମାର୍କ ଉପରେ ଆକ୍ରମଣ କରିଥିଲା । ଆମେରିକା ତରଫରୁ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ କିମ୍ବା କ୍ରୟ କରିବାକୁ ମନ୍ତବ୍ୟ ଦେବା ପରେ ଡେନମାର୍କ ତରଫରୁ ଏହି ଚେତାବନୀ ଦିଆଯାଇଛି । ଗ୍ରୀନ୍‌ଲାଣ୍ଡ ଆଟଲାଣ୍ଟିକ ମହାସାଗରରେ ଏକ ବଡ଼ ଦୀପ । ଏହା ଗତ ୩୦୦ ବର୍ଷ ହେବ ଡେନମାର୍କ ସହିତ ଜଡିତ ରହିଆସିଛି । ଏହା ଡେନମାର୍କର ଏକ ସ୍ୱୟଂ ଶାସିତ ଅଞ୍ଚଳ । ଗ୍ରୀନ୍‌ଲାଣ୍ଡର ବୈଦେଶିକ ନୀତିକୁ ଡେନମାର୍କ ହିଁ ପରିଚାଳନା କରିଥାଏ । ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ନେଇ ଆମେରିକା ଦେଇଥିବା ମନ୍ତବ୍ୟକୁ ସାରା ବିଶ୍ୱରେ ବିରୋଧ କରାଯାଇଛି ।

### ● ୟୁକ୍ରେନ ଉପରେ ରୁଷିଆର ବଡ଼ଧରଣର ଆକ୍ରମଣ

## ୩୬ ମିସାଇଲ, ୨୪୨ ଡ୍ରୋନ ମାଡ଼; ୪ ମୃତ

କିଭ୍, ୯ ।୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ୧, ୪୧୫ ଦିନରେ ପହଞ୍ଚିଛି । ଅର୍ଥାତ ଏହି ଯୁଦ୍ଧ ଏବେ ୪ ବର୍ଷ ପୂରଣ କରିବାକୁ ଯାଉଥିଲେ ମଧ୍ୟ ଥମିବାର ନାଁ ନେଉନାହିଁ । ଗୁରୁବାର ବିଳମ୍ବିତ ରାତିରେ ୟୁକ୍ରେନ ଉପରେ ରୁଷିଆ ବଡ଼ ଧରଣର ଆକ୍ରମଣ କରିଛି । ରୁଷିଆ ୩୬ଟି ମିସାଇଲ ଓ ୨୪୨ଟି ଡ୍ରୋନ ଆକ୍ରମଣ କରିଛି ବୋଲି ୟୁକ୍ରେନ ଦାବି କରିଛି । ଏଥିରେ ୪ ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଛନ୍ତି । ରୁଷ ସେନା ଓରେଶ୍ନିକ ହାଇପରସୋନିକ ଏବଂ ଅନ୍ୟାନ୍ୟ କ୍ଷେପଣାସ୍ତ୍ର ବ୍ୟବହାର କରି ୟୁକ୍ରେନର ରଣନୈତିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଥିଲା । ଏହି କ୍ଷେପଣାସ୍ତ୍ର ୟୁରୋପିଆନ ୟୁନିୟନ ଓ ନାଟୋ ସୀମାରେ ହିଁ ପଡ଼ିଛି ବୋଲି ୟୁକ୍ରେନ ବୈଦେଶିକ ମନ୍ତ୍ରଣାଳୟ କହିଛି । ଏହି ଆକ୍ରମଣରେ ରାଜଧାନୀ କିଭର ଆପାର୍ଟମେଣ୍ଟ ବ୍ଲକଗୁଡିକ ପୋଡ଼ି ଯାଇଥିଲା । ୟୁକ୍ରେନ ରାଷ୍ଟ୍ରପତି ରୁଷ୍‌ର ଭୋଲୋଦିମିର ଜେଲେଁସ୍କି ଏହି ଆକ୍ରମଣକୁ ନିନ୍ଦା କରି ଏକ ବିବୃତି ଜାରି କରିଛନ୍ତି । ଏହି ଆକ୍ରମଣରେ ୨୦ଟି ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି ।

## ଅଟୋମୋବାଇଲ କମ୍ପାନୀ ହିଁ ସ୍ଲିପର ବସ୍ ତିଆରି କରିବେ: ଗଡ଼କରୀ



ନୂଆଦିଲ୍ଲୀ, ୯ ।୧(ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀ ଶୁକ୍ରବାର ଏକ ବଡ଼ ଘୋଷଣା କରିଛନ୍ତି । ଏବେ କେବଳ ଅଟୋମୋବାଲ କମ୍ପାନୀଗୁଡିକ ହିଁ ସ୍ଲିପର ବସ୍ ପ୍ରସ୍ତୁତ କରିବେ କିମ୍ବା ସରକାରଙ୍କ ଦ୍ୱାରା ଅନୁମୋଦିତ ସଂସ୍ଥା ଦ୍ୱାରା ଏହି ବସଗୁଡିକୁ ତିଆରି କରିବେ । ନୂତନ ସୁରକ୍ଷା ମାନଦଣ୍ଡ ପୂରଣ ପାଇଁ ଏବେ ଚାଲୁଥିବା ସ୍ଲିପର ବସ୍‌ଗୁଡିକୁ ଅପଡେଟ୍ କରିବାକୁ ହେବ ବୋଲି ସେ କହିଛନ୍ତି । ସ୍ଲିପର କୋଚ୍ ବସ୍‌ଗୁଡିକରେ ବୃଦ୍ଧି ପାଉଥିବା ଅଗ୍ନିକାଣ୍ଡ ଘଟଣାଗୁଡିକୁ ରୋକିବାକୁ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଗଡ଼କରୀ କହିଛନ୍ତି ଯେ, ବିଦ୍ୟମାନ ସ୍ଲିପର ବସ୍‌ଗୁଡିକୁ ଅଗ୍ନି ଚିହ୍ନଟ ପ୍ରଣାଳୀ, ଜରୁରୀ କାଳୀନ ପ୍ରସ୍ଥାନ (ହାତୁଡି ସମେତ), ଜରୁରୀ କାଳୀନ ଆଲୋକ ଓ ଡ୍ରାଇଭର ନିଦ୍ରା ସୂଚକ ସହିତ ସଜ୍ଜିତ ହେବା ଆବଶ୍ୟକ । ଗତ ୬ ମାସ ମଧ୍ୟରେ ସ୍ଲିପର କୋଚ୍ ବସ ସହିତ ୬ଟି ବଡ଼ ଅଗ୍ନିକାଣ୍ଡ ଦୁର୍ଘଟଣା ଘଟିଛି ଓ ଏଥିରେ ୧୪୫ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ସେ କହିଛନ୍ତି । ସବୁ ବସ୍‌ରେ ନିଆଁ ଲାଗିବା କାରଣ ଏକ ପ୍ରକାର । ସେ କହିଛନ୍ତି ଯେ, ଭାରତରେ ବସ୍ ବଡ଼ି କୋଡ୍, ଏଆଇଏସ୍-୦୫୨ ଏକ ବାଧ୍ୟତାମୂଳକ ମାନକ । ଏହା ଦେଶରେ ନିର୍ମିତ ବସ୍ ବଡ଼ି ପାଇଁ ସୁରକ୍ଷା, ଗଠନମୂଳକ ଓ ଡିଜାଇନ୍ ମାନକ ସ୍ଥିର କରିଥାଏ । ଏହି କୋଡ ପୂର୍ବରୁ ଅସଂଗଠିତ ବସ୍ ବଡ଼ି ବିଲ୍ଡିଂ କ୍ଷେତ୍ରକୁ ନୟନ୍ତ୍ରଣ କରିବା, ଯାତ୍ରୀ ଓ ଡ୍ରାଇଭର ସୁରକ୍ଷା ବୃଦ୍ଧି କରିବା ଏବଂ ବସ୍ କୋଚ୍ ଉତ୍ପାଦନରେ ସମାନତା ଆଣିବା ପାଇଁ କାର୍ଯ୍ୟକାରୀ ହେଉଥିଲା । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସଡ଼କ ପରିବହନରେ ସୁରକ୍ଷା ମାନକକୁ ଆହୁରି କଠୋର କରିବା ପାଇଁ ୨୦୨୫ ସେପ୍ଟେମ୍ବର ୧ରୁ ସଂଶୋଧିତ ବସ୍ ବଡ଼ି କୋଡ ଆରମ୍ଭ କରିଛି ।

## ଗୁଜରାଟରେ ୧୨ ଘଣ୍ଟାରେ ୭ ଭୂକମ୍ପ

ରାଜକୋଟ, ୯ ।୧(ଏଜେନ୍ସି): ଗୁଜରାଟର ରାଜକୋଟରେ ଗତ ୨୪ ଘଣ୍ଟା ମଧ୍ୟରେ ୭ଟି ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଛି । ଏହି ଝଟ୍‌କା ନିହାତି ମାମୁଲି ଓ ହାଲ୍‌କା ଥିଲା । ଫଳରେ କୌଣସି କ୍ଷୟକ୍ଷତି ହେବାର ସୂଚନା ମିଳିନାହିଁ । ସେଣ୍ଟର ଫର ସିସ୍‌ମୋଲୋଜି ଅନୁଯାୟୀ, ଭୂକମ୍ପଗୁଡିକର ତୀବ୍ରତା ୨.୭ ଓ ୩.୮ ମଧ୍ୟରେ ମପାଯାଇଛି । ସତର୍କତା ସ୍ୱରୂପ ସ୍କୁଲଗୁଡିକୁ ବନ୍ଦ କରାଯାଇଛି । ଅଧିକାରୀମାନେ କହିଛନ୍ତି ଯେ, ଭୂକମ୍ପର କେନ୍ଦ୍ରସ୍ଥଳ ଉପଲେଟାଠାରୁ ୨୮ କିମି ଦୂରରେ ଥିଲା । ବାରମ୍ବାର ଭୂକମ୍ପ ହୋଇଥିବାରୁ ଏକ ବଡ଼ ଭୂକମ୍ପ ଆସିବ ବୋଲି ଆଶଙ୍କା କରାଯାଉଛି । ଶୁକ୍ରବାର ସକାଳେ ୬ଟି ଭୂକମ୍ପ ଆସିଥିଲା । ତେବେ ପ୍ରଥମ ଭୂକମ୍ପ ଗୁରୁବାର ରାତି ୮.୪୩ରେ ଆସିଥିଲା । ଏହାପରେ ଦ୍ୱିତୀୟ ଭୂକମ୍ପ ସକାଳ ୬.୧୯, ତୃତୀୟ ୬.୫୫, ଚତୁର୍ଥ ୬.୫୮, ପଞ୍ଚମ ୭.୧୦, ଷଷ୍ଠ ୭.୧୩ ଓ ସପ୍ତମ ସକାଳ ୭.୩୩ରେ ଆସିଥିଲା । ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ଜାନୁଆରୀରେ ଦେଶ ପାଇଁ ଏକ ନୂଆ ଭୂକମ୍ପ ମାନଚିତ୍ର ପ୍ରକାଶ କରିଥିଲା । ଏହି ନୂଆ ମାନଚିତ୍ର ଅନୁସାରେ ଭାରତର ୭୫ ପ୍ରତିଶତ ଜନସଂଖ୍ୟା ବର୍ତ୍ତମାନ ଭୂକମ୍ପ ଜନିତ ବିପଜ୍ଜନକ ଅଞ୍ଚଳରେ ବସବାସ କରୁଛନ୍ତି । ହିମାଳୟ ପର୍ବତମାଳା ଓ ତାର ନିକଟବର୍ତ୍ତୀ ଅଞ୍ଚଳକୁ ଅତି ଉଚ୍ଚ-ବିପଜ୍ଜନକ ଅଞ୍ଚଳ (ଜୋନ-୬)ରେ ରଖାଯାଇଛି ।

## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କୁ ବୋମା ଧମକ

କୋଲକାତା, ୯ ।୧(ଏଜେନ୍ସି): ପଶ୍ଚିମବଙ୍ଗ ରାଜ୍ୟପାଳ ସିବି ଆନନ୍ଦ ବୋଷଙ୍କୁ ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିଛି ବୋଲି ରାଜଭବନ ସୂତ୍ରରୁ ଜଣାଯାଇଛି । ରାଜଭବନର ଅଧିକାରୀମାନଙ୍କ କହିବା ଅନୁଯାୟୀ ଇ- ମେଲ ମାଧ୍ୟମରେ ଏହି ଧକମ ମିଳିଛି । ଏଥିସହ ମେସେଜରେ ମୋବାଇଲ ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଛି । ପୁଲିସ ମାତ୍ର କେତେ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି । କୋଲକାତାର ସଲ୍ଟଲେକ୍ ଅଞ୍ଚଳରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି । ତାକୁ ପଚରା ଉଚରା କରାଯାଉଛି । ସେ କାହିଁକି ଏପରି ଧମକ ଦେଇଛି ଓ ଏହା ପଛରେ କି ଷଡଯନ୍ତ୍ର ରହିଛି ସେ ନେଇ ପୁଲିସ ଜାଣିବାକୁ ପ୍ରୟାସ କରୁଛି । ଏନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ମଧ୍ୟ ଏହି ଧମକ ବିଷୟରେ ଅବଗତ କରାଯାଇଛି । ରାଜ୍ୟପାଳଙ୍କ ସୁରକ୍ଷା ପାଇଁ ପୁଲିସ ଓ ସିଆରପିଏଫ୍‌ର ପ୍ରାୟ ୬୦ରୁ ୭୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ରାଜ୍ୟପାଳ ବୋଷ ଜେଡ୍-ପ୍ଲସ୍ ସୁରକ୍ଷା ବଳୟ ମଧ୍ୟରେ ରହିଛନ୍ତି । ପଶ୍ଚିମବଙ୍ଗରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ ଏହି ଧମକ ଆସିଛି । ଜାନୁଆରୀ ୮ ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସୋସିଆଲ ମିଡିଆ ତଥା ଆଇଟି ସେଲ୍‌ର ମୁଖ୍ୟଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା । ଏହାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବର୍ଣ୍ଣନା କରିଥିଲେ । ଏ ନେଇ ରାଜପାଳ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସାମ୍ବିଧାନିକ ପଦରେ ଅଧିଷ୍ଠିତ ଥିବା ବ୍ୟକ୍ତିମାନେ ସମ୍ବିଧାନ ଅନୁସାରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଏ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସରକାରୀ କର୍ମଚାରୀମାନଙ୍କୁ ସରକାରୀ କର୍ତ୍ତବ୍ୟ ପାଳନ ବେଳେ ବାଧାଦେବା ଏକ ଦଣ୍ଡନୀୟ ଅପରାଧ । ସେପଟେ ମମତା ଜଣେ ଅସଫଳ ନେତ୍ରୀ ବୋଲି ବିଜେପି ଆଇଟି ସେଲ୍‌ର ମୁଖ୍ୟ ଅମିତ ମାଲବୀୟ କହିଛନ୍ତି । ମମତା ଓ ରାଜ୍ୟପାଳଙ୍କ ମଧ୍ୟରେ ତିକ୍ତତା ବହୁଦିନ ପୂର୍ବରୁ ଚାଲିଆସୁଛି ।

### ଆମେରିକା ମନ୍ତ୍ରୀଙ୍କ ଦାବି

## ଟ୍ରମ୍ପଙ୍କୁ ମୋଦୀ ଫୋନ୍ ନ କରିବାରୁ ଅଟକିଲା ବାଣିଜ୍ୟ ଚୁକ୍ତି

- ଟ୍ରମ୍ପଙ୍କ ଅହଙ୍କାରକୁ ଆଘାତ ଲାଗିଛି
- ଭାରତର ଜବାବ: ଗତ ବର୍ଷ ୮ ଥର କଥା ହୋଇଥିଲେ ମୋଦୀ
- ଜୁଲାଇରେ ଟ୍ରମ୍ପଙ୍କ ଫୋନ କଲ୍‌କୁ ୪ ଥର ଉଠାଇ ନ ଥିଲେ ମୋଦୀ
- ଅହଙ୍କାର ପାଇଁ ଭାରତ ଉପରେ ୫୦% ଶୁଳ୍କ ଲଗାଇଛନ୍ତି ଟ୍ରମ୍ପ



ୱାଶିଂଟନ, ୯।୧ (ଏଜେନ୍ସି): ଦୀର୍ଘ ଦିନ ହେଲା ଆମେରିକ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଅଟକି ରହିଛି । ଅନେକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରି ନାହିଁ । ଭାରତର ଡାଏରୀ ଏବଂ କୃଷି କ୍ଷେତ୍ରରେ ଆମେରିକା ପଶିବାକୁ ଚାହୁଁଛି ବୋଲି ଅନେକ ଥର ରିପୋର୍ଟ ଆସିଛି । ମାତ୍ର ଭାରତ ଏପରି ଅନୁମତି ଦେଉ ନ ଥିବାରୁ ଚୁକ୍ତି ଆଗକୁ ବଢ଼ି ପାରୁ ନାହିଁ ବୋଲି କୁହାଯାଉଥିଲା । ଏବେ ଏଫଟିଏକୁ ନେଇ ଲାଗି ରହିଥିବା ଛକାପଞ୍ଝାର କାରଣ ସାମ୍‌ନାକୁ ଆସିଛି । ଟ୍ରମ୍ପଙ୍କ ଅହଙ୍କାର ପାଇଁ ଏଭଳି ହୋଇଛି । ଖୋଦ୍ ଆମେରିକା ବାଣିଜ୍ୟମନ୍ତ୍ରୀ ହାଭର୍ଡ ଲୁଟନିକ ଏହି ଦାବି କରିଛନ୍ତି । କୌଣସି ନୀତି କିମ୍ବା ବିବାଦ ନୁହେଁ, ବରଂ ଟ୍ରମ୍ପଙ୍କ ଆଭିମୁଖ୍ୟ ଯୋଗୁଁ ଏଫଟିଏ ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ରହିଛି । କାରଣ ଆମେରିକା ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୋନ କରି ନ ଥିଲେ । ପ୍ରଧାନମନ୍ତ୍ରୀ ନିଜେ ଫୋନ କରି ଚୁକ୍ତି ଚୂଡ଼ାନ୍ତ କରନ୍ତୁ ବୋଲି ଟ୍ରମ୍ପ ଚାହୁଁଥିଲେ । ମାତ୍ର ମୋଦୀ ଏପରି ନ କରିବାରୁ ଆମେରିକା ରାଷ୍ଟ୍ରପତିଙ୍କ ଅହଙ୍କାରକୁ ଆଘାତ ଲାଗିଥିଲା । ତେଣୁ ଟ୍ରମ୍ପ ଏଫଟିଏକୁ ଅଟକାଇ ରଖିଛନ୍ତି ।

ଅନ୍ୟପଟେ ଭାରତ ପକ୍ଷରୁ ହାଭର୍ଡ ଲୁଟନିକଙ୍କ ଏଭଳି ମନ୍ତବ୍ୟକୁ ଖଣ୍ଡନ କରି ଦିଆଯାଇଛି । ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଗତ ବର୍ଷ ମୋଦୀ ଏବଂ ଟ୍ରମ୍ପ ୮ ଥର ଫୋନରେ କଥା ହୋଇଥିଲେ । ୨୦୨୫, ଫେବୃଆରୀ ୧୩ରୁ ଭାରତ ଏବଂ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ କାର୍ଯ୍ୟ କରୁଛନ୍ତି । ଏ ନେଇ ଅନେକ ପର୍ଯ୍ୟାୟ ଆଲୋଚନା ହେଲାଣି । ଅନେକ ଥର ଚୁକ୍ତି ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ କଥା ପହଞ୍ଚିଛି । ଭାରତ ଲାଭଜନକ ବାଣିଜ୍ୟ ଚୁକ୍ତି କରିବାକୁ ଚାହୁଁଛି । ଏଥିପାଇଁ ଦୁଇ ଦେଶ ମଧ୍ୟରେ ମୂଲଚାଲ ଜାରି ରହିଛି । ମୋଦୀ-ଟ୍ରମ୍ପ ୮ ଥର କଥା ହେବା ବାଣିଜ୍ୟ ଚୁକ୍ତି ପାଇଁ ଶୀର୍ଷ ନେତୃତ୍ୱ ସ୍ତରରେ ଚର୍ଚ୍ଚା ଜାରି ରହିଛି ବୋଲି ଦର୍ଶାଉଛି ।

ଏକ ପୋଡକାଷ୍ଟରେ ଲୁଟନିକ କହିଥିଲେ ଯେ ଭାରତ ସହ ବାଣିଜ୍ୟ ଚୁକ୍ତି ପ୍ରାୟ ଚୂଡ଼ାନ୍ତ ହୋଇ ଯାଇଥିଲା । ଆଲୋଚନା ଚୂଡ଼ାନ୍ତ କରିବା ପାଇଁ ଭାରତକୁ 'ତିନି ଶୁକ୍ରବାର' ସମୟ ଦିଆଯାଇଥିଲା । ଟ୍ରମ୍ପ ମଧ୍ୟ ଚୁକ୍ତିକୁ ମୋହର ମାରିବାକୁ ଚାହୁଁଥିଲେ । ଏଥପାଇଁ କେବଳ ରାଷ୍ଟ୍ରପତିଙ୍କୁ ମୋଦୀ କଲ୍ କରିବାର ଥିଲା । ମାତ୍ର ଭାରତୀୟ ପକ୍ଷ ଏପରି କରିବାରେ ଅସହଜ ଥିଲା ଏବଂ ମୋଦୀ ତାଙ୍କୁ କଲ୍ କରି ନ ଥିଲେ । ଭାରତ ବିଳମ୍ବ କରିବା ଯୋଗୁଁ ଅନ୍ୟ ଦେଶଙ୍କୁ ଲାଭ ମିଳିଥିଲା । ପ୍ରଥମେ ଭାରତ ସହ ଚୁକ୍ତି ହେବ ବୋଲି ଆମେ ଭାବିଥିଲୁ, କିନ୍ତୁ ମୋଦୀ କଲ୍ ନ କରିବାରୁ ଇଣ୍ଡୋନେସିଆ, ଫିଲିପିନ୍ସ ଏବଂ ଭିଏତନାମ ସହ ଚୁକ୍ତି ହୋଇଥିଲା । ବ୍ରିଟେନର ଉଦାହରଣ ଦେଇ ଲୁଟନିକ କହିଥିଲେ ଯେ ସମୟସୀମା ଶେଷ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଟ୍ରମ୍ପଙ୍କୁ ଫୋନ କରିଥିଲେ । ଏହାର ଦିନକ ପରେ ଦୁଇ ଦେଶ ମଧ୍ୟରେ ଚୁକ୍ତି ଘୋଷଣା କରାଯାଇଥିଲା ।

ଏବେ ଆମେରିକା ପୁରୁଣା ସର୍ତ୍ତକୁ ମାନୁନାହିଁ । ନୂଆ ସର୍ତ୍ତ ରଖିଥିବାରୁ ଭାରତ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଲୁଟନିକ ସ୍ପଷ୍ଟ କରିଛନ୍ତି ଯେ ପ୍ରଥମେ ସହମତି ହୋଇଥିବା ବାଣିଜ୍ୟ ଚୁକ୍ତିରୁ ଆମେରିକା ପଛକୁ ହଟି ଯାଇଛି । ଏବେ ସେହି ପୁରୁଣା ଅଫର ବିଷୟରେ ଚିନ୍ତା କରାଯାଉ ନାହିଁ । ପୁଣି ଆଲୋଚନା ହେଲେ ଭାରତକୁ ନୂଆ ଏବଂ ଅଧିକ କଠୋର ସର୍ତ୍ତର ସାମ୍‌ନା କରିବାକୁ ପଡ଼ିପାରେ । ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଜୁଲାଇରେ ଟ୍ରମ୍ପ ମୋଦୀଙ୍କୁ ୪ ଥର କଲ୍ କରିଥିଲେ । ମାତ୍ର ପ୍ରତ୍ୟକ ଥର ପ୍ରଧାନମନ୍ତ୍ରୀ ଫୋନ ଉଠାଇ ନ ଥିଲେ । ଆଲୋଚନାର ଫଳାଫଳକୁ ଟ୍ରମ୍ପ ବଢ଼େଇଚଢ଼େଇ କହିପାରିନ୍ତି ବୋଲି ଭାରତ ପକ୍ଷରୁ ଆଶା କରାଯାଇଥିଲା । ଏହା ସହିତ ଭାରତ-ପାକିସ୍ତାନ ସଂଘର୍ଷରେ ମଧ୍ୟସ୍ଥତା କରିଥିବା ନେଇ ଟ୍ରମ୍ପ ବାରମ୍ବାର ଦାବି କରି ଆସୁଛନ୍ତି । କିନ୍ତୁ, ମୋଦୀ ଏହାକୁ ଖାରଜ କରିଦେଇ ଥିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇଥିଲେ ।

ବିଶେଷଜ୍ଞଙ୍କ ଅନୁଯାୟୀ, ଟ୍ରମ୍ପଙ୍କ ଅହଙ୍କାରକୁ ଆଘାତ ଦେଇଥିବାର ଫଳ ଭାରତକୁ ଭୋଗିବାକୁ ପଡୁଛି । ରୁଷଠାରୁ ତୈଳ କିଣୁଥିବାରୁ ଭାରତ ଉପରେ ଟ୍ରମ୍ପ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇ ମୋଟ ଶୁଳ୍କକୁ ୫୦ ପ୍ରତିଶତ କରି ଦେଇଥିଲେ । ଏହା ପରେ ସେପ୍ଟେମ୍ବର ୧୭ରେ ମୋଦୀଙ୍କ ଜନ୍ମଦିନ ଅବସରରେ ଟ୍ରମ୍ପ ଫୋନ କରିବାରୁ ମାମଲା ଟିକେ ଶାନ୍ତ ପଡ଼ିଥିଲା । ଉଭୟେ ଦୀପାବଳି ଏବଂ ଡିସେମ୍ବରରେ ମଧ୍ୟ ଫୋନ୍‌ରେ କଥା ହୋଇଥିଲେ । ଏହା ସତ୍ତ୍ୱେ ବି ବାଣିଜ୍ୟ ଚୁକ୍ତି ଅଟକି ରହିଥିଲା । ସୂଚନାଯୋଗ୍ୟ ଯେ ୨୦୨୪ରେ ଭାରତ-ଆମେରିକା ମଧ୍ୟରେ ୧୧ ଲକ୍ଷ କୋଟିର କାରବାର ହୋଇଥିଲା । ଏହି ଅବଧିରେ ଆମେରିକା ଭାରତକୁ ୩.୪୬ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ କରିଥିଲା । ସେହିପରି ଭାରତ ୭.୩୫ ଲକ୍ଷ କୋଟିର ସାମଗ୍ରୀ ପଠାଇ ଥିଲା । କାରବାରରେ ବାଣିଜ୍ୟ ନିଅଣ୍ଟ ବଢୁଥିବାରୁ ଆମେରିକା ଅସନ୍ତୁଷ୍ଟ ଥିଲା ।

**ହାଇକୋର୍ଟରେ ନର୍ଲା ନିର୍ବାଚନୀ ଅନିୟମିତତା ମାମଲା**

## ଭବାନୀପାଟଣା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମନ

**କଟକ, ୯ ।୧(ସମିସ):** ଗତ ୨୦୨୪ ନର୍ଲା ବିଧାନସଭା ନିର୍ବାଚନ ଅନିୟମିତତା ଅଭିଯୋଗରେ ରୁଜୁ ମାମଲାରେ ଭବାନୀପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀଙ୍କୁ ହାଇକୋର୍ଟ ସମନ ଜାରି କରିଛନ୍ତି । ତଥ୍ୟ ଦସ୍ତାବିଜ ସହ ପରବର୍ତ୍ତୀ ଶୁଣାଣି ସମୟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଆବେଦନକାରୀ ପରାଜିତ କଂଗ୍ରେସ ପ୍ରାର୍ଥୀ ଭକ୍ତ ଚରଣ ଦାସଙ୍କ ପକ୍ଷରୁ ରୁଜୁ ଏକ ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କୁ ନିଜ ମାମଲା ପ୍ରମାଣ କରିବା ପାଇଁ ସେ ଚାହୁଁଥିବା ଆବଶ୍ୟକ ଦସ୍ତାବିଜ ଉପସ୍ଥାପନରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିବା ସହ ଅନ୍ତରୀଣ ଆବେଦନକୁ ଗ୍ରହଣ କରିଛନ୍ତି । ଆସନ୍ତା ଜାନୁଆରି ୨୮ ତାରିଖରେ ପ୍ରଧାନଶିକ୍ଷୟିତ୍ରୀ ହାଜର ହୋଇ ଆବେଦନକାରୀ ଉପସ୍ଥାପନ କରିଥିବା ତଥ୍ୟ ପ୍ରମାଣ ସମ୍ପର୍କିତ ଦସ୍ତାବିଜ ଦାଖଲ କରିବେ । ଏହି ମାମଲାରେ ପୂର୍ବରୁ ଭକ୍ତଙ୍କ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଆଜି ଦ୍ୱିତୀୟ ସାକ୍ଷ୍ୟ ଭାବେ ସିଦ୍ଧାର୍ଥ କୁମାର ନାୟକଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି । ଶ୍ରୀ ନାୟକ ଆଜି ହାଇକୋର୍ଟରେ ହାଜର ହୋଇଥିବା ବେଳେ ପ୍ରତିପକ୍ଷଙ୍କ ଆଇନଜୀବୀ ତାଙ୍କୁ ଜେରା କରିଥିଲେ । ଆସନ୍ତା ୨୦୨୬ ଜାନୁଆରି ୧୨କୁ ମୂଳ ନିର୍ବାଚନୀ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ସ୍ଥିର କରିଛନ୍ତି ।

ମାମଲାରୁ ପ୍ରକାଶ, ୨୦୨୪ ସାଧାରଣ ନିର୍ବାଚନରେ ନର୍ଲା ଆସନରୁ ବିଧାୟିକା ଭାବେ ବିଜୁ ଜନତା ଦଳ ପ୍ରାର୍ଥୀ ମନୋରମା ମହାନ୍ତି ନିର୍ବାଚିତ ହୋଇଥିଲେ । ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ମିଥ୍ୟା ତଥ୍ୟ ସତ୍ୟପାଠରେ ଦାଖଲ କରିଥିବା ଅଭିଯୋଗ କରି ପରାଜିତ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଦାସ ହାଇକୋର୍ଟରେ ନିର୍ବାଚନୀ ମକଦ୍ଦମା ଦାୟର କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର, ତରଣୀକାନ୍ତ ବିଶ୍ୱାଳ ଓ ପ୍ରତିପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି ।

## ମା' ତାରିଣୀଙ୍କ ହୁଣ୍ଡିରୁ ମିଳିଲା ୩୦ ଲକ୍ଷ ଟଙ୍କା

**ଘଟଗାଁ, ୯।୧ (ସମିସ):** କେନ୍ଦୁଝର ଜିଲ୍ଲା ଘଟଗାଁସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀ ମନ୍ଦିର ପରିସରରେ ଥିବା ୧୩ଟି ହୁଣ୍ଡିର ଟଙ୍କା, ସୁନା ଓ ରୁପା ଗଣତି ହୋଇଛି ।



ଏଥିରୁ ୩୦ ଲକ୍ଷ ୬୨ ହଜାର ୧୯୫ ଟଙ୍କା ମିଳିଛି । ସେହିପରି ସୁନା ୪୪ ଗ୍ରାମ ୨୮୦ ମିଲିଗ୍ରାମ, ରୁପା ୯୯୯ ଗ୍ରାମ ୧୬୦ ମିଲିଗ୍ରାମ ମିଳିଛି । ଡିଭିଜିନାଲ ନିରୀକ୍ଷକ ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ ମହାପାତ୍ର, ପୁଲିସ ଓ ବ୍ୟାଙ୍କ କର୍ମଚାରୀ ଉପସ୍ଥିତରେ ହୁଣ୍ଡିଗୁଡ଼ିକ ଖୋଲାଯାଇଥିଲା । ମନ୍ଦିର କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଗଗନ ବଳ, ନବୀନ ମହନ୍ତ, ଦେବଦତ୍ତ ବଳ, ଚନ୍ଦ୍ରା ମୁଖି, ନାରାୟଣ ମୁଖି, ସନାତନ ନାଏକ, ଚକ୍ରଧର ନାଏକ, ଅରୁଣ ନାଏକ, ଶଙ୍କର୍ଷଣ ନାଏକ, ହରିହର ମହନ୍ତ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

**୮ ଟି ବିଭାଗର ୧୧ ନିଷ୍ପତ୍ତି ଉପରେ କ୍ୟାବିନେଟ ମୋହର**

# ଜଳ ଜୀବନ ମିଶନରେ କେନ୍ଦ୍ର ଭାଗ ଟଙ୍କା ଭରିବ ଓଡ଼ିଶା

**ଭୁବନେଶ୍ୱର, ୯ ।୧(ସମିସ):** ରାଜ୍ୟରେ ଜଳ ଜୀବନ ମିଶନରେ ଗ୍ରାମାଞ୍ଚଳ ପରିବାରକୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯାଉଛି । କେନ୍ଦ୍ର ସରକାରଙ୍କ ଏହି ପ୍ରମୁଖ ଯୋଜନା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ୫୦ ପ୍ରତିଶତ ଲେଖାଏଁ ପାଣ୍ଠି ଯୋଗାଇ ଦେଇଥାନ୍ତି । ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହି ଯୋଜନାରେ କେନ୍ଦ୍ର ସରକାର ନିଜ ଭାଗ ଠିକ୍ ଭାବରେ ପ୍ରଦାନ କରୁନାହାନ୍ତି । ଫଳରେ ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି । ଏହି ଆହ୍ୱାନକୁ ଦୂର କରିବା ପାଇଁ ରାଜ୍ୟ ସରକାର ଏବେ ନିଜ ଅଂଶଧନ ସହ କେନ୍ଦ୍ର ସରକାରଙ୍କ ଭାଗ ମଧ୍ୟ ରାଜ୍ୟ ରାଜକୋଷରୁ ପ୍ରଦାନ କରିବେ । ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ୩୪ ତମ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଏହାସହ ୮ ବିଭାଗର ୧୧ଟି ନିଷ୍ପତ୍ତି ଉପରେ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି ।

ଜଳଜୀବନ ମିଶନକୁ ରାଜ୍ୟ ରାଜକୋଷରୁ ଅର୍ଥ ବରାଦ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ ଏହି ଯୋଜନା ପାଇଁ କେନ୍ଦ୍ରପ୍ରଦତ୍ତ ୫୦ ପ୍ରତିଶତ ଅର୍ଥ ଆସିବାରେ ବିଳମ୍ବ ହୋଇଛି । ତେଣୁ ଉକ୍ତ ଅର୍ଥ ନଆସିବା ପର୍ଯ୍ୟନ୍ତ ରାଜ୍ୟ ସରକାର ଏହା ବହନ କରିବେ ।

> **ଓଡ଼ିଶା ପର୍ଯ୍ୟଟନ ନୀତି ୨୦୨୬ ଉପରେ ଲାଗିଲା ମୋହର**
>
> **ମୃତ ହିତାଧିକାରୀଙ୍କ ତଥ୍ୟ ନ ଦେଲେ ଆଦାୟ ହେବ ରାସନ**
>
> **ପ୍ରତି ୫ ବର୍ଷରେ ନବୀକରଣ ହେବ ହିତାଧିକାରୀଙ୍କ କେୱାଇସି**
>
> **ଗ୍ରାମାଞ୍ଚଳରେ ରାସନ କାଡର୍ ପାଇଁ ଆୟ ରାଶି ୧୫ ହଜାରକୁ ବୃଦ୍ଧି**
>
> **ଆପାର୍ଟମେଣ୍ଟ କମନ ଏରିଆ ପଞ୍ଜିକରଣ ଫି' ୫ ହଜାରକୁ ହ୍ରାସ**

ରାଜ୍ୟରେ ବିରୋଧୀ ଅଭିଯୋଗ କରି ଆସୁଛନ୍ତି ଯେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରି ପାରୁ ନ ଥିବା ଯୋଗୁଁ ଅନେକ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ହ୍ରାସ ପାଉଛି । ଏବେ ରାଜ୍ୟର ଏକ ପ୍ରମୁଖ ଯୋଜନା ପାଇଁ ରାଜ୍ୟ ସରକାର କେନ୍ଦ୍ରଠାରୁ ଅର୍ଥ ଆଣିବାରେ ବିଫଳ ହେବା ପରେ ଡବଲ ଇଞ୍ଜିନ ସରକାରକୁ ବଡ଼ ଝଟକା ଲାଗିଛି । ଏହି ନିଷ୍ପତ୍ତି ବ୍ୟତୀତ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ ପାଇଥିବା ହିତାଧିକାରୀଙ୍କୁ ଏକ ବଡ଼ ଧକ୍କା ଲାଗିବାକୁ ଯାଉଛି । କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (କଣ୍ଟ୍ରୋଲ) ରେ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ଫଳରେ ରାଜ୍ୟରେ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ କରାଯିବ । ଏହାସହ ପ୍ରତି ୫ ବର୍ଷରେ ଇ-କେୱାଇସି କରାଯିବ । ପୁନଶ୍ଚ ୬ ମାସ ପର୍ଯ୍ୟନ୍ତ ଯଦି କୌଣସି ହିତାଧିକାରୀ କାର୍ଡ ବ୍ୟବହାର କରି ନ କରନ୍ତି ତେବେ ଏହି କାର୍ଡକୁ ବାତିଲ କରାଯିବ । ଏହା ବ୍ୟତୀତ କୌଣସି ହିତାଧିକାରୀଙ୍କ କାର୍ଡରେ ଥିବା ସଦସ୍ୟଙ୍କର ମୃତ୍ୟୁ ହେଲେ ସେମାନେ ତୁରନ୍ତ ଏ ସଂକ୍ରାନ୍ତରେ ପିଡିଏସ୍ କେନ୍ଦ୍ରରେ ଜଣାଇବେ । ଯଦି ସେ ଏହା ନ ଜଣାଇ ରାସନ ସାମଗ୍ରୀ ନିଅନ୍ତି, ତେବେ ତାଙ୍କଠାରୁ ସମସ୍ତ ସାମଗ୍ରୀ ଆଦାୟ କରାଯିବ । ଏହା ବ୍ୟତୀତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପୂର୍ବରୁ ଗ୍ରାମାଞ୍ଚଳ ୧୦ହଜାର ଓ ସହରାଞ୍ଚଳରେ ୧୫ହଜାର ଟଙ୍କା ପାଉଥିଲେ ସେମାନଙ୍କୁ କାର୍ଡ ପାଇବାରୁ ବାଦ୍ ଦିଆଯାଉଥିଲା । ଏବେ ଗ୍ରାମାଞ୍ଚଳ ପାଇଁ ୧୫ହଜାର ଓ ସହରାଞ୍ଚଳ ପାଇଁ ୨୦ହଜାରକୁ ବୃଦ୍ଧି କରାଯାଇଛି ।



ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଓଡ଼ିଶା ପର୍ଯ୍ୟଟନ ନୀତି ୨୦୨୬କୁ ଅନୁମୋଦନ ମିଳିଛି । ଏହା ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୨ ବଦଳରେ ଲାଗୁ ହେବ । ଏହି ନୀତିରେ ହୋଟେଲ ଓ ମୋଟେଲ ପାଇଁ ସବସିଡି ବ୍ୟବସ୍ଥାରେ ସରଳୀକରଣ କରାଯାଇଛି । ଜଳସମ୍ପଦ ବିଭାଗର ଦୁଇଟି ନିଷ୍ପତ୍ତି ଭାବେ ପାର୍ବତୀଗିରି ବୃହତ ଉଠାଜଳସେଚନ ୧୯୦ କୋଟିର ଗୋଟିଏ ପ୍ରକଳ୍ପର ଟେଣ୍ଡରକୁ ମଞ୍ଜୁରି ମିଳିଛି । ଏଥିରେ ଗଞ୍ଜାମର ୮୫ ଟି ଗାଁ ଉପକୃତ ହେବ ।

ସେହିପରି ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପର କେନାଲ ସିଷ୍ଟମ ପାଇଁ ୩୨୫ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହା ବ୍ୟତୀତ ଶିଳ୍ପ ବିଭାଗର ଟାଟା ପାୱାର ନବୀକରଣୀୟ ଶକ୍ତି ସମନ୍ୱିତ ଉତ୍ପାଦନ ସୁବିଧାକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଗୋପାଳପୁରଠାରେ ଏହାର ନିର୍ମାଣ ହେବ । ଏହି ପ୍ରକଳ୍ପ ପାଇଁ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ଏହାଦ୍ୱାରା ୫୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରାଜ୍ୟ ସରକାର କହିଛନ୍ତି । ଗୃହ ବିଭାଗ ପକ୍ଷରୁ ରାଜ୍ୟ ପ୍ରସିକ୍ୟୁସନ ସର୍ଭିସ କ୍ୟାଡରରେ ସଂଶୋଧନ ପ୍ରସ୍ତାବ ସହ ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ ମିଳିଛି । ଏହା ବ୍ୟତୀତ ରାଜସ୍ୱ ବିଭାଗର ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆକ୍ଟର କମନ ଏରିଆ ପଞ୍ଜିକରଣ ପାଇଁ ପୂର୍ବରୁ ୫ ପ୍ରତିଶତ ଫି ଦେବାକୁ ପଡୁଥିଲା ବେଳେ ଏହାକୁ ୫୦ ହଜାର ଟଙ୍କାକୁ ଖସାଇ ଦିଆଯାଇଛି । ଏହି ନିଷ୍ପତ୍ତିକୁ ଅଧ୍ୟାଦେଶ ଜରିଆରେ ଲାଗୁ କରିବାକୁ କ୍ୟାବିନେଟ୍ ନିଷ୍ପତ୍ତି ହୋଇଛି ।

## ଆବେଦନ ୩୭ ଲକ୍ଷ; ୧୦ ଲକ୍ଷ ପାଇବେ ଘର

**ଭୁବନେଶ୍ୱର, ୯ ।୧ (ସମିସ):** ରାଜ୍ୟରେ କଚ୍ଚା ଘର ସଂଖ୍ୟାକୁ ନେଇ ତୁଟୁନାହିଁ ଦ୍ୱନ୍ଦ୍ୱ । ୨୦୨୦ ମସିହାରେ ରାଜ୍ୟରେ ୨୦ ଲକ୍ଷ କଚ୍ଚା ଘର ଥିବା ତତ୍କାଳୀନ ସରକାର ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଥିବାବେଳେ ନୂଆ ସରକାର କରିଥିବା ସର୍ଭେରେ ଏହି ସଂଖ୍ୟା ୩୭.୮୯ ଲକ୍ଷକୁ ବୃଦ୍ଧି ପାଇଛି । ମାତ୍ର ବିଡ଼ମ୍ବନା ହେଉଛି ଏତେ ସଂଖ୍ୟକ ଲୋକ କଚ୍ଚା ଘରେ ରହୁଥିବାବେଳେ ଏମାନଙ୍କ ମଧ୍ୟରୁ ମାତ୍ର ୧୦ ଲକ୍ଷ ଲୋକଙ୍କୁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ୨୦୧୧ ମସିହାରେ ଜନଗଣନା ଅନୁସାରେ ରାଜ୍ୟରେ ମୋଟ କଚ୍ଚା ଘର ସଂଖ୍ୟା ଥିଲା ୫୬.୫୧ ଲକ୍ଷ । ତତ୍କାଳୀନ କେନ୍ଦ୍ର ସରକାରଙ୍କ ଇନ୍ଦିରା ଆବାସ, ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଯୋଜନା (ଗ୍ରାମୀଣ), ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନାରେ ଲୋକମାନଙ୍କୁ ଘର ଯୋଗାଇବା ପ୍ରକ୍ରିୟା ଯୋଗୁଁ ୨୦୨୦ବେଳକୁ ଏହି କଚ୍ଚାଘର ସଂଖ୍ୟା ୨୦ ଲକ୍ଷକୁ ହ୍ରାସ ପାଇଥିଲା । ମାତ୍ର ଇତିମଧ୍ୟରେ ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ୨୦୨୪ରେ ହୋଇଥିବା ସର୍ବେକ୍ଷଣରେ ରାଜ୍ୟରେ କଚ୍ଚା ଘର ସଂଖ୍ୟା ୩୭୮୯୨୩୪ ବୋଲି କୁହାଯାଇଛି ।

ସେହିପରି ରାଜ୍ୟରେ ୩୭ ଲକ୍ଷରୁ ଅଧିକ ଲୋକ ପକ୍କା ଘର ପାଇଁ ଆବେଦନ ମଧ୍ୟ କରିଛନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୧୦ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି ।

ଶୁକ୍ରବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ ରାଜ୍ୟରେ ପକ୍କା ଘର ପାଇଁ ୩୭ ଲକ୍ଷ ଆବେଦନ କରିଥିଲେ । ତାହା ମଧ୍ୟରୁ ସଂକ୍ଷିପ୍ତିକରଣ କରାଯାଇ ୩୪ ଲକ୍ଷ ଲୋକଙ୍କ ନାମ ସୂଚୀଭୁକ୍ତ କରାଯାଇଛି । ଏମାନଙ୍କ ମଧ୍ୟରୁ ୧୦ ଲକ୍ଷ ଲୋକଙ୍କୁ ରାଜ୍ୟ ସରକାର ନୂଆବର୍ଷ ଉପହାରସ୍ୱରୂପ ବାସଗୃହ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ଜୀବନଧାରଣରେ ଉନ୍ନତି ଆଣିବା ଲକ୍ଷ୍ୟ ରଖାଯାଇଛି । ଏହି ତାଲିକା ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କୁ ପଠାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ!

**ବଲାଙ୍ଗିର, ୯।୧(ସମିସ):** ବଲାଙ୍ଗିର ସଦର ଥାନା ପଥରଚେପାସ୍ଥିତ ଏକ ପୋଖରୀରୁ ଆଜି ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଛି । ମୃତକ ହେଲେ, ଶାନ୍ତିପଡ଼ାର ପ୍ରବୀଣ ମହାଲିଙ୍ଗ ଓରଫ୍ ମୁଟୁ । ସେ ୫ଦିନ ତଳୁ ନିଖୋଜ ଥିଲେ । ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାରଲୋକ ସନ୍ଦେହ କରିଛନ୍ତି । କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ପ୍ରମାଣ ଲୁଚାଇବା ପାଇଁ ଶବକୁ ପୋଖରୀରେ ଫିଙ୍ଗି ଦେଇଥିବା କୁହାଯାଉଛି । ବ୍ୟବଚ୍ଛେଦ ପରେ ମୁଟୁଙ୍କ ଶବ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ ଗିରଫ ଦାବିରେ ପରିବାର ଓ ସ୍ଥାନୀୟଲୋକେ ଶବ ରଖି ବଲାଙ୍ଗିର-ପାଟଣାଗଡ଼ ରାସ୍ତା ଅବରୋଧ କରିଥିଲେ ।

ସୂଚନାନୁଯାୟୀ, ୫ ଦିନ ତଳେ ମୁଟୁ ନିଖୋଜ ହୋଇଯାଇଥିଲେ । ପଥରଚେପାରୁ ତାଙ୍କର ବାଇକ୍ ମିଳିଥିଲା । ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା । ପରିବାରଲୋକେ ଏ ସଂପର୍କରେ ସଦର ଥାନାରେ ଅଭିଯୋଗ କରିଥିଲେ । ଏ ସଂପର୍କରେ ପରିବାରଲୋକ ଏସ୍‌ପିଙ୍କୁ ମଧ୍ୟ ଭେଟିଥିଲେ । କିଛି ଲୋକଙ୍କ ଉପରେ ତାଙ୍କର ସନ୍ଦେହ ରହିଛି ବୋଲି ଅଭିଯୋଗ କରିଥିଲେ । ତେବେ ଆଜି ସକାଳେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ପରିବାରଲୋକଙ୍କ କହିବା କଥା, ନିଖୋଜ ପରେ ମୁଟୁଙ୍କ ବାଇକ୍ ଯେଉଁଠାରୁ ମିଳିଥିଲା, ତା' ନିକଟରେ ଥିବା ଏକ ଘରକୁ ମୁଟୁ ସବୁବେଳେ ଯା' ଆସ କରୁଥିଲେ । ସେ ଘରେ ରହୁଥିବା ଜଣେ ମହିଳାଙ୍କ ବିରୋଧରେ ମୁଟୁଙ୍କ ପରିବାରଲୋକ ଅଭିଯୋଗ କରିଥିଲେ ।

> **ନିଖୋଜର ୫ ଦିନ ପରେ ମିଳିଲା ଶବ**
>
> **ତଦନ୍ତ ଦାବିରେ ଶବ ରଖି ରାସ୍ତା ଅବରୋଧ**




ଅଭିଯୋଗ ଆଣିବାର ୨ଦିନ ପରେ ମୃତଦେହ ମିଳିବା ଭିନ୍ନ ଦିଗକୁ ସୂଚାଉଛି । ତେବେ ସେ ୫ ତାରିଖରୁ ନିଖୋଜ ଥିବା ବେଳେ ତାଙ୍କର କେବେ ମୃତ୍ୟୁ ହୋଇଛି; ଯଦି ପୂର୍ବରୁ ତାଙ୍କର ପୋଖରୀରେ ମୃତ୍ୟୁ ଘଟିଛି ତେବେ ଆଜି ଯାଏଁ କେହି କେମିତି ଦେଖିପାରି ନ ଥିଲେ ବୋଲି ପରିବାରଲୋକେ ପ୍ରଶ୍ନ କରିଛନ୍ତି । ତାଙ୍କର ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି । ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଏହାକୁ ଅପମୃତ୍ୟୁ ଦର୍ଶାଇବା ପାଇଁ ଅପଚେଷ୍ଟା କରାଯାଇଛି ବୋଲି ସେମାନେ କହିଛନ୍ତି । ଘଟଣାର ବିଭିନ୍ନ ଦିଗକୁ ନେଇ ସଦର ପୁଲିସ ଛାନଭିନ୍ ଚଳାଇଛି । ରିପୋର୍ଟ ଆସିବା ପରେ ସ୍ପଷ୍ଟ ବୋଲି ସଦର ଥାନା ଅଧିକାରୀ ରାଜ କୁମାର ବିଶ୍ୱାଳ କହିଛନ୍ତି ।

**ପୋଲାଭରମ୍ ସମସ୍ୟାର ତୁରନ୍ତ ସମାଧାନ ଦାବି**

## ଡବଲ ଇଞ୍ଜିନ ସରକାର ବିରୋଧରେ ରାସ୍ତାକୁ ଓହ୍ଲାଇବ ବିଜେଡି



**ଭୁବନେଶ୍ୱର, ୯ ।୧(ସମିସ):** ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ରାଜ୍ୟ ବିଜେପି ସରକାର ମାଲକାନଗିରି ଓ ଓଡ଼ିଶାର ଲୋକଙ୍କ ପ୍ରତି ସମ୍ପୂର୍ଣ୍ଣ ଭାବେ ଅସମ୍ବେଦନଶୀଳ ହୋଇଯାଇଛି । ପୋଲାଭରମ ପ୍ରକଳ୍ପ ପାଣିରେ ଆଦିମ ଜନଜାତି ପରିବାର ଭାସିଯିବାକୁ ବସିଲେଣି; କିନ୍ତୁ ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କ ସରକାର ଏଥିପ୍ରତି ଚିନ୍ତିତ ନାହାନ୍ତି । ଯଦି ଡବଲ ଇଞ୍ଜିନ ସରକାର ଏହି ସମସ୍ୟାର ସମାଧାନ କରିପାରିବ ନାହିଁ, ବିଜୁ ଜନତା ଦଳ ଆଦିବାସୀ ଓ ମାଲକାନଗିରବାସୀଙ୍କ ଅଧିକାର ଓ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡି ଚେତାବନୀ ଦେଇଛି । ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ୨୦୦୬ ମସିହାରେ ଓଡିଶା ସମେତ ପ୍ରଭାବିତ ରାଜ୍ୟଗୁଡିକ ସହିତ କୌଣସି ଆଲୋଚନା ନ କରି ବନ୍ୟା ନିଷ୍କାସନ କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଛି । ରାଜ୍ୟ ସରକାର ୨୦୦୭ ମସିହାରେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରି ପ୍ରକଳ୍ପ ନିମନ୍ତେ ମିଳୁଥିବା ଅନୁମତିଗୁଡିକର ନିୟମ ଉଲ୍ଲଂଘନ ନେଇ ପ୍ରତିବାଦ ଜଣାଯାଇଥିଲା । ଆନ୍ଧ୍ରପ୍ରଦେଶ ସରକାର ୫୦ ଲକ୍ଷ କ୍ୟୁସେକ ଆଧାରରେ ବ୍ୟାକ୍ ୱାଟର ଅଧ୍ୟୟନ କରିଥିଲେ, ଯାହା ଅନୁଯାୟୀ କୋଣ୍ଟାରେ ଜଳମଗ୍ନତା ସ୍ତର ୨୨୦ ଫୁଟ୍ ହେଇଥିଲା । ପରେ ଓଡ଼ିଶା ସରକାର ଆଇଆଇଟି ରୁରକୀ ଦ୍ୱାରା ବ୍ୟାକ୍ ୱାଟର ଅଧ୍ୟୟନ କରାଇଥିଲେ । ଏହି ଅନୁଯାୟୀ ବନ୍ୟା ଜଳ ନିଷ୍କାସନ କ୍ଷମତା ୫୮ ଲକ୍ଷ କ୍ୟୁସେକ ଓ କୋଣ୍ଟା ପଏଣ୍ଟରେ ଜଳମଗ୍ନତା ସ୍ତର ୨୩୨ ଫୁଟ୍ ହେବ ବୋଲି ରିପୋର୍ଟ ଆସିଥିଲା । ତେଣୁ ପ୍ରକଳ୍ପର ସଂଶୋଧିତ କ୍ଷେତ୍ର ଅନୁଯାୟୀ ଏକ ସ୍ୱତନ୍ତ୍ର ଓ ପ୍ରାଯୁକ୍ତିକ ଅଭିଜ୍ଞ ସଂସ୍ଥା ଦ୍ୱାରା ନୂତନ ବ୍ୟାକ୍ ୱାଟର ଅଧ୍ୟୟନ ହେବା ଦରକାର ବୋଲି ବିଜେଡି ଦାବି କରୁଛି । ବିଧାୟକ ମନୋହର ରନ୍ଧାରୀ କହିଛନ୍ତି ଯେ ହଜାର ହଜାର ଆଦିମ ଆଦିବାସୀ ଓ ସେମାନଙ୍କ ଜୀବିକା ଏହି ପ୍ରକଳ୍ପ ସମାପ୍ତ ହେଲେ ଗଭୀର ଭାବେ ପ୍ରଭାବିତ ହେବ । ଅନେକ ଜଙ୍ଗଲ ସମ୍ପଦ, ଯାହା ଏହି ଆଦିବାସୀ ଓ ଅନ୍ୟ ଜାତିଗୋଷ୍ଠୀ ଉପର ନିର୍ଭର କରନ୍ତି, ସେଗୁଡିକ ମଧ୍ୟ ନଷ୍ଟ ହେବ । ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ବିଜେଡି ଏହି ପ୍ରସଙ୍ଗ ଅନେକ ଥର ସଂସଦରେ ଉଠାଇଛି ଓ ସମ୍ବନ୍ଧିତ ମନ୍ତ୍ରୀମାନଙ୍କୁ ପ୍ରଶ୍ନ କରିଆସୁଛି; ତଥାପି ସନ୍ତୋଷଜନକ ଉତ୍ତର ମିଳି ନ ଥିବାରୁ ପ୍ରକଳ୍ପର ଉଦ୍ଦେଶ୍ୟ ଓ ପାରଦର୍ଶିତା ଉପରେ ସନ୍ଦେହ ସୃଷ୍ଟି ହୋଇଛି । ଦଳର ଗଣମାଧ୍ୟମ ସଂଯୋଜକ ଡଃ ପ୍ରିୟବ୍ରତ ମାଝି କହିଛନ୍ତି ଯେ ଓଡିଶାରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଚାଲିଛି । କିନ୍ତୁ ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରିର ହଜାର ହଜାର ଆଦିମ ଆଦିବାସୀ ଓ ଅନ୍ୟ ଜାତି ସମୁଦାୟ ପ୍ରଭାବିତ ହୋଇଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନିରବ ରହିଛନ୍ତି ।

# କଳା, ସଂସ୍କୃତି ଓ ଭାଇଚାରାର ମିଳନ କଳାହାଣ୍ଡି ଉତ୍ସବ 'ଘୁମୁରା'






## ରାକ୍ସି ପଞ୍ଚାୟତ

ଭବାନୀପାଟଣା, ୯ ।୧(ସମିସ)

ନର୍ଲା ବ୍ଲକ ରାକ୍ସିଠାରେ ଶୁକ୍ରବାର ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ଅନୁଷ୍ଠିତ ହୋଇଯାଇଛି। ରାକ୍ସି ସରପଞ୍ଚ ଯେମନ୍ତ ପୋଢ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନର୍ଲା ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ସମ୍ମାନିତ ଅତିଥି ଭାବେ ରାକ୍ସି ସମିତି ସଭ୍ୟ ଚୁମନ ଭୋଇ, ପୂର୍ବତନ ସରପଞ୍ଚ ବିଜୟଧଙ୍ଗଡ଼ାମାଝୀ, ବିଶିଷ୍ଟ ଲୋକ କଳାକାର ସଞ୍ଜୟ ଧଙ୍ଗଡ଼ାମାଝୀ, ରାକ୍ସି ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ସ୍ୱାଇଁ, ସମାଜସେବୀ ପ୍ରଦ୍ୟୁମ୍ନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଧରଣୀ ଶାଳରୁ ମଞ୍ଚକୁ ଏକ ବିଶାଳ ଶୋଭାଯାତ୍ରାରେ ମଶାଲ ପହଞ୍ଚିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପୂର୍ବରୁ ପଞ୍ଚାୟତ ଅଧିନ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କଳାହାଣ୍ଡିର ବୀର ବାଦ୍ୟ ଘୁମୁରା ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା। ବୁଢ଼ୀପଦର, ରାକ୍ସି, ଗୋଖରା, ନୂଆପଡ଼ା ଓ ଖାଇଟୁଆଁ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନେ ଏକକ ଏବଂ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଯୁବ ଗାଳ୍ପିକ ସୁଧୀର କୁମାର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସହସ୍ରାଂଶୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନାଏବ ସରପଞ୍ଚ କୁନ୍ତି ମାଝୀ, ଏଡିଇଓ ଭାଗବତ ପ୍ରସାଦ ସାହୁ, ଯୋଗାଣ ସହାୟକ ଚୈତନ୍ୟ ସାହୁ ଓ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

## କେସିଙ୍ଗା ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

**କେସିଙ୍ଗା:** ଗୁରୁବାର ଦିନଠୁ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି।ଉଦ୍‌ଯାପନୀ ଉତ୍ସବର ପ୍ରଥମ ସୋପାନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ମେଜର ଡ଼ଃ ଜୟଦେବ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ, କେସିଙ୍ଗା ଏବିଡ଼ିଓ ସିଦ୍ଧେଶ୍ୱର ମେହେର ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସାଂସ୍କୃତିକ ସଂଧ୍ୟା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇଥିବା ବେଳେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ବିଜେପି ଜିଲ୍ଲା ସଭାପତି ଯୁଗଳ ପୋଢ଼, ବିଡ଼ିଓ ଜନ୍ମେଜୟ ସ୍ୱାଇଁ, ଏବିଡ଼ିଓ ସିଦ୍ଧେଶ୍ୱର ମେହେର ପ୍ରମୁଖ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ।ଉଦ୍‌ଯାପନୀ ସନ୍ଧ୍ୟାରେ ଲୋକ ଗୀତ, ସମ୍ବଲପୁରୀ ଗୀତ ସମେତ ନିବାସ ଜେକସନ ଓ ଗ୍ରୁପର ବାଦ୍ୟ ପରିବେଷଣ ସାଙ୍ଗକୁ କଣ୍ଠଶିଳ୍ପୀ ଅମର ଦାସ, ଦୁଷ୍ମନ୍ତ ସୁନା ଓ ଏଲିସାଙ୍କ ଗୀତ ଶୀତୁଆ ରାତିକୁ ମତୁଆଲ କରିଥିଲା। ମଞ୍ଚ ପରିଚାଳନା ଜ୍ଞାନେନ୍ଦ୍ର ଭୋଇ।




## ଗୋଲାମୁଣ୍ଡା ବ୍ଲକ୍

**ଗୋଲାମୁଣ୍ଡା:** କଳାହାଣ୍ଡି ହେଉଛି କଳା, ସଂସ୍କୃତିର ହାଣ୍ଡି। ଉତ୍ସବ ମାଧ୍ୟମରେ ଲୋକବାଦ୍ୟ, ଲୋକ ନୃତ୍ୟ, ଲୋକ ସଂସ୍କୃତି, ଲୋକ ପରମ୍ପରାକୁ ଋଦ୍ଧିମନ୍ତ କରିଥାନ୍ତି। ଉତ୍ସବ ମାଧ୍ୟମରେ ଭାଇଚାରାର ମହା ମିଳନ ହେଉଛି କଳାହାଣ୍ଡି ଉତ୍ସବ। ଗୋଲାମୁଣ୍ଡା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ସ୍ଥାନୀୟ ଶିବାଜି ଷ୍ଟାଡିୟମ ଠାରେ ଶୁଭ ଉଦ୍‌ଘାଟନ ହୋଇଯାଇଛି।ଉଦ୍‌ଘାଟନୀ ଉତ୍ସବର ପ୍ରଥମ ସନ୍ଧ୍ୟାରେ କଳାହାଣ୍ଡିର ବୀର ବାଦ୍ୟ ଘୁମୁରା, ବନାବାଡି, ପ୍ରସିଦ୍ଧ ସାନ ବଡ଼ ଢୁଢୁକା ପ୍ରମୁଖ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ୧୦ ଘଣ୍ଟା ସମୟରେ ମାଁ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସାଂସ୍କୃତିକ ମଶାଲ ଶୋଭାଯାତ୍ରାରେ ବାହାରି ଶିବାଜୀ ପଡ଼ିଆରେ ପହଞ୍ଚିଥିଲା। ମଶାଲ ଶୋଭାଯାତ୍ରାରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମାହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ, ସିଡିପିଓ ସୁଶ୍ରୀ ପଦ୍ମା ମଞ୍ଜରୀ ପ୍ରଧାନ, ବ୍ଲକ କୃଷି ଅଧିକାରୀ ନୌକୋଶ୍ୱର ନାଗ, ଏବଡିଓ ବିଜୟ କୁମାର ନାଏକ, ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ଗୋଲାମୁଣ୍ଡା ଗୌନ୍ତିଆ ସୁବାଷ ରାଉତ, ଝାଙ୍କର ରାମ ମାଝୀ ପ୍ରମୁଖ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇ ମଶାଲ ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ମାଣିକେଶ୍ୱରୀ ମଞ୍ଚକୁ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଗୋଲାମୁଣ୍ଡା ଜୋନ୍-୧ ଜିଲ୍ଲା ପରିଷଦ ସଭ୍ୟା ହେମାଙ୍ଗି ରାଉତ, କେଗାଁ ଜିଲ୍ଲାପରିଷଦ ସଭ୍ୟ ଜୟସେନ ସାହୁ, ରାମ ବିଳାଶ ସାଗର ପୂର୍ବତନ ସମିତି ସଭ୍ୟ, ବୃହସ୍ପତି ସାହୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ, ତୁଲେଶ୍ୱର ନାଏକ ପୂର୍ବତନ ବ୍ଲକ ଅଧ୍ୟକ୍ଷ, ସାହୁଲ ମଙ୍ଗରାଜ କଂଗ୍ରେସ ନେତା, ଗୋଲାମୁଣ୍ଡା ଗୌନ୍ତିଆ ସୁବାଷ ରାଉତ, ଝାଙ୍କର ରାମ ମାଝୀ ପ୍ରମୁଖ ମଞ୍ଚାସିନ ହୋଇଥିଲେ।

## ମଶାଲ ଶୋଭାଯାତ୍ରା

**ଗୋଲାମୁଣ୍ଡା:** ଗୋଲାମୁଣ୍ଡା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ର ମଶାଲ ଯାତ୍ରା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ହୋଇଥିବା ବେଳେ ଗନ୍ତିଆ ସୁବାସ ରାଉତ ସଭାପତିତ୍ୱ କରିଥିଲେ। ମଶାଲ ଯାତ୍ରାରେ ବିଡିଓ ତ୍ରିପୁର ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ଝାଙ୍କର ରାମଚନ୍ଦ୍ର ମାଝୀ, ଥାନା ଅଧିକାରୀ ଜୋତି ପ୍ରକାଶ ତାଣ୍ଡି, ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ କଳାକାର ସମେତ ସ୍ୱେଚ୍ଛାସେବୀ ଓ ହଜାର ହଜାର ଲୋକେ ଉପସ୍ଥିତ ଥିଲେ।

## ଇନ୍ଦ୍ରାବତୀ ଜଳଭଣ୍ଡାରରେ ନୌଚାଳନା ଓ ତୀର ଚାଳନା ପ୍ରତିଯୋଗିତା

**ଥୁଆମୂଳରାମପୁର:** ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉପଲକ୍ଷେ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ଜିଲ୍ଲା ମତ୍ସ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ସାନଛତ୍ରଙ୍ଗ ନିକଟସ୍ଥ ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ନୌଚାଳନା ଚାଳନା ଏବଂ ଜଳଭଣ୍ଡାର ତଟରେ ତୀର ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତୀର ଚାଳନା ପ୍ରତିଯୋଗିତାରେ ୭୬ ଜଣ ପ୍ରତିଯୋଗି ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିଲେ ଥୁଆମୂଳରାମପୁର ସହକାରୀ ନିର୍ବାହୀଯନ୍ତ୍ରୀ ସାଲକୋ ହେମ୍ବ୍ରମ। ସେହିଭଳି ବୁଦ୍ଧୁ ମାଝୀ ଦ୍ୱିତୀୟ ଓ ସଦାଶିବ ଛୁରିଆ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିଭଳି ନୌଚାଳନା ପ୍ରତିଯୋଗିତାରେ ୧୧ଟି ଡଙ୍ଗାରେ ୨୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସାନଛତ୍ରଙ୍ଗ ଗ୍ରାମର ତ୍ରିନାଥ ମାଝୀ ଓ ଇନ୍ଦ୍ର ମାଝୀ ପ୍ରଥମ, ଡିଗ୍ରିବନ୍ଧ ଗ୍ରାମର ବୁଦ୍ଧୁ ଝୋଡ଼ିଆ ଓ ସୀମା ଝୋଡିଆ ଦ୍ୱିତୀୟ, ତୃତୀୟ ସ୍ଥାନରେ କମଳାଗୁଡା ଗ୍ରାମର ସୁବାଷ ମାଝୀ ଏବଂ ଚକ୍ର ମାଝୀ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଆଖପାଖ ଅଞ୍ଚଳର ତଥା ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥୁଆମୂଳରାମପୁର ମେଡିକାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ କଳାହାଣ୍ଡି ଜିଲ୍ଲାପାଳ ପାୱାର୍ ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍, ସିଡିଓ ଦୟାମୟ ପାଢ଼ୀ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାଶ, ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ, ପ୍ରକଳ୍ପ ମ୍ୟାନେଜର ଆଇଟିଡିଏ ଅବିନାଶ ମହାନ୍ତି, ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ, ବିଜେପି ନେତା ବିଷ୍ଣୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜଳଭଣ୍ଡାରରେ ଆୟୋଜିତ ନୌଚାଳନା କାର୍ଯ୍ୟକ୍ରମ ସମୟରେ ସୁରକ୍ଷା ଦାୟିତ୍ୱ ନିୟୋଜିତ ଥିଲେ ଥୁଆମୂଳ ରାମପୁର ପୁଲିସ ଏବଂ ଅଗ୍ନିଶମ ବିଭାଗର ଅଧିକାରୀ ଏବଂ କର୍ମଚାରୀ। ଉପସ୍ଥିତିରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ଜିଲ୍ଲା ମତ୍ସ୍ୟ ବିଭାଗୀୟ ଅଧିକାରୀ ତଥା କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ଥୁଆମୂଳରାମପୁର ବ୍ଲକର ପ୍ରାକୃତିକ ପରିବେଶ ମଧ୍ୟରେ ଶୋଭା ବର୍ଦ୍ଧନ କରୁଥିବା ଇନ୍ଦ୍ରାବତୀ ଜଳଭଣ୍ଡାରର ପାରିପାର୍ଶ୍ୱିକ ବିକାଶ ସହିତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଇକୋ ଟୁରିଜମ୍ ବ୍ୟବସ୍ଥା ହୋଇପାରିଲେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷିତ କରିପାରିବ।

# ଇପିଏଫ୍ ପେନସନ୍ ଆସୋସିଏସନ ପକ୍ଷରୁ ବିକ୍ଷୋଭ

**କେସିଙ୍ଗା, ୯ ।୧(ସମିସ):** ଚାରି ଦଫା ନେଇ ଇପିଏଫ୍ ପେନସନଭୋଗି ଗୁରୁବାର କଳାହାଣ୍ଡି ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବୀ ମଧ୍ୟରେ ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା କୁ ବୃଦ୍ଧି, ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ର ନିର୍ଦ୍ଦେଶ ମୁତାବକ ବର୍ଦ୍ଧିତ ପେନସନ, ପେନସନ ସହ ମହଙ୍ଗା ଭତ୍ତା ପ୍ରଦାନ ଓ ବରିଷ୍ଠ ଇପିଏଫ ପେନସନ ଭୋଗିଙ୍କ ପାଇଁ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରମୁଖ ସାମିଲ ଦାବି ରହିଛି। ପ୍ରକାଶ ଠାଉକି ସାରା ଭାରତ ବର୍ଷର ପ୍ରାୟ ୫୦ ଲକ୍ଷ ଇପିଏଫ କର୍ମଚାରୀ ୧୬.୧୧.୯୫ ମସିହାରେ ହୋଇଥିବା ପେନସନ ସ୍କିମ୍‌ରେ ଆଜି ପର୍ଯ୍ୟନ୍ତ ହଜାରେ ଟଙ୍କା ପେନସନ ପାଉଛନ୍ତି ଯାହା ବର୍ତ୍ତମାନର ଯୁଗରେ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ୍ୟ। ଏହାର ପୁନର୍ବିଚାର କରିବାକୁ ସଂଘ ଅନେକ ଥର ଦାବିପତ୍ର, ଆନ୍ଦୋଳନ, ଧାରଣା ଦେଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ କଳାହାଣ୍ଡି ଜିଲ୍ଲା ଇପିଏଫ ଆସୋସିଏସନରର ସଭାପତି ଚକ୍ରଧର ପଣ୍ଡା, ଉପଦେଷ୍ଟା ବୈଦ୍ୟନାଥ ଦାଶ, ସମ୍ପାଦକ ଘନଶ୍ୟାମ ମେହେର, କୋଷାଧ୍ୟକ୍ଷ ଅଶୋକ କୁମାର ଦାସଙ୍କ ସମେତ ଅନେକ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।



# ବ୍ୟାଙ୍କ୍‌ରେ ଅବ୍ୟବସ୍ଥା ନେଇ ଗ୍ରାହକଙ୍କ ଅସନ୍ତୋଷ

**ଜୁନାଗଡ଼, ୯ ।୧(ସମିସ):** କଳାହାଣ୍ଡି ଗଡ଼ଜାତର ପୁରାତନ ରାଜଧାନୀ ଜୁନାଗଡ଼ ସହର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ସମ୍ପ୍ରତି ପ୍ରତ୍ୟେକ ସରକାରୀ, ବେସରକାରୀ ଅର୍ଥ ନେଣ ଦେଣ ଅନ ଲାଇନ ବା ବ୍ୟାଙ୍କ୍ ମାଧ୍ୟମରେ ହେଉଛି। ଅନେକ ବ୍ୟାଙ୍କ୍ ଏଠାରେ ନିଜ ନିଜର ଶାଖା ଖୋଲିବାରେ ଲାଗିଛନ୍ତି। ବିଭିନ୍ନ ଉପାୟରେ ଗ୍ରାହକଙ୍କୁ ପ୍ରଲୋଭିତ କରି ନିଜ ଶାଖାରେ ଜମା ଖାତା ଖୋଲାଉଛନ୍ତି। ବ୍ୟାଙ୍କରେ ଖାତା ଖୋଲିବା ପରେ ବ୍ୟାଙ୍କ୍ ବାବୁ ମାନେ ହାକିମାତି ଦେଖାଇବା ଆରମ୍ଭ କରୁଛନ୍ତି। ସ୍ଥାନୀୟ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ଶାଖାର କିଛି କର୍ମଚାରୀ ଗ୍ରାହକଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ବରିଷ୍ଠ ନାଗରିକ ବୃଦ୍ଧା ବ୍ୟାଙ୍କ୍‌କୁ ଆସିଲେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ପରିବର୍ତ୍ତେ ଅଯଥା ହଇରାଣ କରୁଥିବା ଦେଖିବାକୁ ମିଳୁଛି। କାଉଣ୍ଟର ସମ୍ମୁଖରେ ଗ୍ରାହକଙ୍କ ଭିଡଥିଲେ ମଧ୍ୟ ବାବୁମାନେ ମୋବାଇଲରେ ଗପ କରୁଥିବା ଦେଖିବାକୁ ମିଳୁଛି।ଏହାର ପ୍ରତିବାଦ କଲେ ସମ୍ପୃକ୍ତ ବ୍ୟାଙ୍କ୍ ଅଧିକାରୀ ବେପରୁଆ ମନୋଭାବ ଦେଖାଉଥିବା ପରିଲକ୍ଷିତ ହେଉଛି। ଏସଂକ୍ରାନ୍ତରେ ବ୍ୟାଙ୍କ୍ ଶାଖା ପରିଚାଳକ ଚୁପ୍ ରହୁଥିବା ଦେଖିବାକୁ ମିଳୁଛି। ଅର୍ଥ ଗ୍ରହଣ କାଉଣ୍ଟରରେ ଦିନ ତମାମ ଲମ୍ବା ଲାଇନ୍ ରହୁଥିବା ସତ୍ତ୍ୱେ ଗ୍ରାହକଙ୍କ ଅର୍ଥ ଉଠାଣ କାର୍ଯ୍ୟ ତ୍ୱରାନ୍ୱିତ କରଯାଉନି। ଫଳରେ ଗ୍ରାହକ ବିଶେଷକରି ବିଭିନ୍ନ ଯୋଜନାର ବୟସ୍କ ହିତାଧିକାରୀଙ୍କୁ ଭୋକ ଉପାସରେ ଦିନ ତମାମ ଅପେକ୍ଷା କରିବାକୁ ପଡୁଛି। ବ୍ୟାଙ୍କ୍ ପରିସରରେ ଗ୍ରାହକଙ୍କ ପାଇଁ ସର୍ବନିମ୍ନ ପାନୀୟ ଜଳ, ବସିବାକୁ ଚୌକି, ଲେଖିବାକୁ ଟେବୁଲ୍, ପଙ୍ଖାର ମଧ୍ୟ ବ୍ୟବସ୍ଥା ନାହିଁ। ସେହିପରି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ଏଟିଏମ୍ ଅବସ୍ଥା ମଧ୍ୟ ଦୟନୀୟ। ଦୀର୍ଘ ଦିନରୁ ଗେଟ୍ ର କାଚ ଭାଙ୍ଗି ଯାଇଥିବା ବେଳେ ଅନେକ ସମୟରେ ଏଟିଏମ୍ କାମ କରୁନି। ବ୍ୟାଙ୍କ୍‌ର ଉପର ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ନଦେଲେ ଆଗକୁ କେବଳ ଗ୍ରାହକ ଅଶାନ୍ତି ବୃଦ୍ଧି ପାଇବ ତା ନୁହେଁ, ବରଂ କେତେକ ସଂଗଠନ ବ୍ୟାଙ୍କ୍ ଆଗରେ ଧାରଣା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ବ୍ୟାଙ୍କ୍‌ର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

**ଗୋଲାମୁଣ୍ଡା, ୯ ।୧(ସମିସ):** ଗୋଲାମୁଣ୍ଡା ବ୍ଲକ ଚହକା ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ନବକିଶୋର ସାହୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରିଣୀ ଲୀନା ଦାସ ଓ ପ୍ରଭାତ କୁମାର ଖମାରୀ, ପୂର୍ବତନ ଶିକ୍ଷକ କୃଷ୍ଣଚନ୍ଦ୍ର ବିଶ୍ୱାଳ, ଦୁରୁଦାକ୍ଷ ପଟେଲ, ଜିଲ୍ଲା ପରିଷଦ ସଦସ୍ୟ ଜୟସେନ ସାହୁ, ପୂର୍ବତନ ସରପଞ୍ଚ ଦନାର ବାଗ, ଜିଲ୍ଲା ଶିକ୍ଷା ବିଭାଗର ଜିଲ୍ଲା ସଂଯୋଜକ ପଞ୍ଚସଖା ଶିକ୍ଷାସେତୁ କଳାହାଣ୍ଡିର ପ୍ରଶାନ୍ତ କୁମାର ନନ୍ଦ, ଆଇସି ଏଚ୍‌ଏସ୍‌ଏସ୍ ଜିଲ୍ଲା ଶିକ୍ଷା ବିଭାଗ କଳାହାଣ୍ଡି ବିରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରେଶ କୁମାର ପଟେଲଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ପୁରାତନ ଛାତ୍ରଛାତ୍ରୀ, କ୍ଲଷ୍ଟରର ଅନ୍ୟାନ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟି ସଭ୍ୟମାନେ ଉପସ୍ଥିତ ଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ମଳୟ କୁମାର ଦୁର୍ଗା ଓ ଉଚ୍ଛଳା ସିଆରସିସି ସ୍ୱରାଜ ବାଗ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଯେମନ୍ତ କୁମାର ସରାପ ଧନ୍ୟବାଦ ପ୍ରଦାନ କରିଥିଲେ।



## ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀଙ୍କ କୋଟ୍ରିବାହାଲି ସ୍କୁଲ ପରିଦର୍ଶନ

# ଜଣେ ଶିକ୍ଷକଙ୍କ ଦିନକର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ

**କୋମନା, ୯ ।୧(ସମିସ):** କୋମନା ବ୍ଲକ କୋଟ୍ରିବାହାଲି ପ୍ରାଥମିକ ବିଦ୍ୟାଳୟରେ ନୂଆପଡ଼ା ଜିଲ୍ଲା ଶିକ୍ଷା ବିଭାଗର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼.ରେଶମ ଲାଲ ନାଏକ ଗସ୍ତ କରି ବିଦ୍ୟାଳୟରେ ଶିକ୍ଷକଙ୍କ ଉପସ୍ଥାନ ସହ ମଧ୍ୟାହ୍ନ ଭୋଜନର ମାନ ନିରୀକ୍ଷଣ କରିଥିଲେ। ବିଦ୍ୟାଳୟ ପରିଦର୍ଶନ ସମୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କେଶବ ଗହୀର ଅନୁପସ୍ଥିତ ଥିବା ଜାଣିବାକୁ ପାଇଥିଲେ। ତାଙ୍କର ଗୋଟିଏ ଦିନର ଦରମା ବନ୍ଦ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ କରିଛନ୍ତି। ଏହିଭଳି ମଧ୍ୟାହ୍ନ ଭୋଜନ ମଧ୍ୟ ଅତି ନିମ୍ନମାନର ରନ୍ଧା ହୋଇଥିବା ଦେଖିବାକୁ ପାଇଥିଲେ। ପିଲାଙ୍କୁ ସରକାରୀ ଗାଇଡ଼ ଲାଇନ ମୁତାବକ ରନ୍ଧା ଖାଦ୍ୟ ଦେବାକୁ ପରାମର୍ଶ କରିଥିଲେ।



# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ନୂଆପଡ଼ା, ୯ ।୧ (ସମିସ):** ସ୍ଥାନୀୟ ନ୍ୟାସନାଲ କଲେଜ ନୂଆପଡ଼ାରେ +୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଅ୍ୱଠସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ +୩ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟର ସମସ୍ତ ୨୦୪ଜଣ ଛାତ୍ରୀ ଭାଗ ନେଇଥିଲେ। ସକାଳ ୯ ଟାରୁ ଆରମ୍ଭ ହୋଇ ତାଲିମ ଶିବିର ପ୍ରତ୍ୟେକ ଦିନ ୧୦ ଟା ପର୍ଯ୍ୟନ୍ତ ଚାଲିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ଼.ପ୍ରଣତୀ ପଣ୍ଡା ଯୋଗଦେଇ ଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ହିତେଶ କୁମାର ସାହୁ ମୁଖ୍ୟଅତିଥି, ବିଧାନ ଚନ୍ଦ୍ର ମିଶ୍ର, ମମତା ପଟନାୟକ, ବୈଦ୍ୟନାଥ ଗର୍ତ୍ତିଆ, ନମ୍ରତା ତ୍ରିପାଠୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ।ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ଥିଲେ ଅବକାରୀ ବିଭାଗର ଅଧିକାରୀମାନେ। ଅଂଶ ଗ୍ରହଣକାରୀ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରଯାଇଥିଲା। ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ମାଷ୍ଟର ଟ୍ରେନର ସୁରେଖା ବାଗ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଆତ୍ମସୁରକ୍ଷା ତାଲିମ ଶିବିରର ଜିଲ୍ଲା ସଂଯୋଜକ ପ୍ରକାଶ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। କଲେଜର ଛାତ୍ରୀ କୁମକୁମ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, କେଙ୍କେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ,
ନାତୁଣୀ - ଆରୁଷି

## ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାରେ ୨ ଗିରଫ

**କେସିଙ୍ଗା, ୯ ।୧ (ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ରୁପ୍ରାରୋଡ ଅଞ୍ଚଳର ବ୍ୟବସାୟୀ ରିଙ୍କୁ ଅଗ୍ରୱାଲଙ୍କ ଠାରୁ କିଛି ଦିନ ତଳେ ଲକ୍ଷାଧିକ ଟଙ୍କା ଓ ମୋବାଇଲ ଲୁଟ୍ ହୋଇଥିଲା। ଏହି ଘଟଣାରେ କେସିଙ୍ଗା ପୁଲିସ ରିଙ୍କୁ ଅଗ୍ରୱାଲଙ୍କ ଡ୍ରାଇଭର ଭୁପିନ୍ଦର ନାଏକ ଓ ଅନ୍ୟ ଜଣେ ଅଭିଯୁକ୍ତ ଧରଣୀ ଧର ବିଶ୍ୱାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନେ ସାମିଲ ଥିବାରୁ ପୁଲିସ ଖୁଲାସା କରିନାହିଁ। ଏସଡିପିଓ ସନ୍ଦୀପ ମାଝୀଙ୍କ ତତ୍ତ୍ୱାବଧାନରେ ଆଇଆଇସି ଜିତେନ୍ଦ୍ର ବିଶ୍ୱାଳ ଘଟଣାର ତଦନ୍ତ କରୁଛନ୍ତି।

## ଆବର୍ଜନାରେ ପୋତି ହୋଇଗଲାଣି ହରିହର ସାଗର

# ନୂଆ ପ୍ରଜାତିର ଉଦ୍ଭିଦରେ ପରିପୂର୍ଣ୍ଣ

ମ.ରାମପୁର, ୯ ।୧(ସମିସ)

କଳାହାଣ୍ଡି ଜିଲ୍ଲା ମ.ରରାମପୁର ବ୍ଲକ ମହାକୁମାରେ ଅର୍ଥାତ ସହରର ମଧ୍ୟ ଭାଗରେ ଅବସ୍ଥିତ ଶହେ ଏକର ବିଶିଷ୍ଟ ସାଗର ତଥା ମ.ରାମପୁରର ଜୀବନ କୁହା ଯାଉଥିବା ହରିହର ସାଗର ଏବେ ନୂତନ ପ୍ରଜାତିର ଉଦ୍ଭିଦରେ ପରିପୂର୍ଣ୍ଣ। ଯଦି ସାଗରର ହିଡ଼ ଉପରେ ଠିଆ ହୋଇ ଦେଖିଲେ ଏକ ଖେଳ ପଡ଼ିଆ ସଦୃଶ ଦେଖାଯାଉଛି। ଲୋକେ ଗାଧୋଇ ବା ପାଇଁ ମଧ୍ୟ ଜାଗା ଖଣ୍ଡେ ନାହିଁ କିନ୍ତୁ ୨୦ ଫୁଟ ଉଚ୍ଚତାର ପାଣି ରହିଛି। ଆନୁମାନିକ ଦୁଇ ଶହ ବର୍ଷ ତଳେ ସାଗରକୁ ରାଜା ହରିହର ସିଂଦେଓ ମ. ରାମପୁର ଜନସାଧାରଣଙ୍କୁ ଜଳ କଷ୍ଟରୁ ରକ୍ଷା କରିବା ପାଇଁ ଏକ ବୃହତ ନାଳକୁ ଅଡିବାନ୍ଧି ଖନନକରି ସାଗରରେ ପରିଣତ କରି ମ. ରାମପୁରବାସୀଙ୍କୁ ଅର୍ପଣ କରିଥିଲେ। ଶହେ ଏକର ବିଶିଷ୍ଟ ଏହି ସାଗର ହେବା ଠାରୁ ଅଞ୍ଚଳରେ ଜଳାଭାବ ଦେଖା ଯାଏନାହିଁ। ଖାଲି ସେତିକିନୁହଁ ଏହି ସାଗରରୁ ଟନ୍ ଟନ୍ ମାଛ ଉତ୍ପାଦନ ହୋଇ ଭିଭିନ୍ନ ଅଞ୍ଚଳକୁ ଯୋଗାଇବାରେ ସହାୟକ ହୋଇଥାଏ। ଆଉ ଏହି ସାଗର ମାଛ ଏତେ ସ୍ୱାଦିଷ୍ଟ ଯେ ଲୋକେ ନେବା ପାଇଁ ଆଗଭର। ହେଲେ ସାଗରରେ ପଦ୍ମ, ବିଭିନ୍ନ ପ୍ରଜାତିର ତୃଣ ଓ ଆମରି ଗଛରେ ଭରପୁର ହୋଇ ଥିବାରୁ ମାଛ ଚାଷ ପାଇଁ ବାଧକ ସାଜିଛି। ଲୋକେ ଗାଧୋଇଲେ କୁଣ୍ଡେଇ ହଉଛି। ମ. ରାମପୁରକୁ ଶୋଭା ବର୍ଦ୍ଧନ କରୁଥିବା ଓ ଜୀବନ ବିନ୍ଦୁ ସାଜିଥିବା ହରିହର ସାଗର ଚାରି ପଟେ ଜନବସତି ସହ ଦେବଦେବୀଙ୍କ ମନ୍ଦିର ବିଦ୍ୟମାନ। ହେଲେ ସାଗରର ଅବସ୍ଥା ଏମିତି ଯେ ସାଗରକୁ ଦେଖିଲେ କେତେ ଅପରିତ୍ୟକ୍ତ, ଆବର୍ଜନାରେ ଭର୍ତ୍ତି ହୋଇଛି ଅନୁମେୟ କରିହେବ। ଏହି ସାଗର ଉପରେ ବିଭିନ୍ନ ଗାଁରୁ ହାଟକୁ ଆସୁଥିବା ହଜାର ହଜାର ଲୋକ ନିର୍ଭର କରିଥାନ୍ତି ହେଲେ ବିଷାକ୍ତ ପାଣି ଯୋଗୁଁ ଅଲୋଡା ହୋଇ ପଡ଼ିଛି। ଜନପ୍ରତିନିଧି ଓ ପ୍ରଶାସନ ଅଧିକାରୀଙ୍କ ଅବହେଳାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଲଜ୍ଜାର କଥା ଯେ ଅନେକ ନେତା, ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ପରିଦର୍ଶନ କରି କୋଟି କୋଟି ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ଅନେକ ସ୍ୱପ୍ନ ଅଞ୍ଚଳବାସୀଙ୍କୁ ଦେଖେଇ ଚାଲି ଯାଇଛନ୍ତି ହେଲେ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯାଇଛି। ହୋଟେଲ, ଦୋକାନ ବଜାରର ବର୍ଜ୍ୟବସ୍ତୁ ଲୋକେ ଆଣି ସାଗରରେ ଫିଙ୍ଗୁଛନ୍ତି ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଉକ୍ତ ସାଗର କ୍ଷୁଦ୍ର ଜଳସେଚନ ବିଭାଗ ଦାୟିତ୍ୱରେ ଥିବାବେଳେ ମାଛ ଚାଷ ପାଇଁ ହେଉ ଥିବା ନିଲାମ ଟଙ୍କା ମ. ରାମପୁର ପଞ୍ଚାୟତ ନେଉଛି। କିନ୍ତୁ ବିକାଶ ହେଇପାରୁ ନଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ତୁରନ୍ତ ଦୃଷ୍ଟି ଦେଇ ପୁନଃରୁଦ୍ଧାର କରିବା ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି ଜଣାଉଥିଲେ ମଧ୍ୟ କର୍ଣ୍ଣପାତ କରିନାହାନ୍ତି। ଯାହା ଫଳରେ ମ. ରାମପୁରର ସମସ୍ତ ଯୁବକ ଆନ୍ଦୋଳନ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଲୋକଙ୍କ କାର୍ଯ୍ୟରେ ଆସି ପାରୁନି
ତୁରନ୍ତ ବିକାଶ କରାନଗଲେ ଆନ୍ଦୋଳନ




## ଦେଶ୍‌ଫାଲ୍ ଲୋକକଳା ମହୋତ୍ସବ ପ୍ରସ୍ତୁତି



ବୀରମହାରାଜପୁର, ୯ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଧର୍ମଶାଳା ବନ୍ୟା ଆଶ୍ରୟସ୍ଥଳୀଠାରେ ସପ୍ତମ ଦେଶ୍‌ଫାଲ୍ ଲୋକକଳା ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ହୃଷିକେଶ ଚାନ୍ଦ ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ କିଭଳି ଭାବରେ ଚଳିତବର୍ଷ ମହୋତ୍ସବକୁ ଆହୁରି ଆକର୍ଷଣୀୟ କରାଯିବ ସେ ସମ୍ପର୍କରେ ସମସ୍ତଙ୍କର ମତାମତ ଲୋଡ଼ିଥିଲେ। ଆଲୋଚନାରେ ଦ୍ୱିତୀକୃଷ୍ଣ ପଣ୍ଡା ଅଂଶଗ୍ରହଣ କରି ସ୍ମରଣିକାକୁ ଯେପରି ମହୋତ୍ସବର ପ୍ରଥମ ଦିନ ଉନ୍ମୋଚନ କରାଯିବ ସେ ସମ୍ପର୍କରେ ସମସ୍ତେ ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ମହୋତ୍ସବ ଫେବୃଆରୀ ୨୭ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଯୁଗଳ କିଶୋର ମିଶ୍ର ଅତିଥି ନିମନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କେଶନ୍ ଜଗଦଲା, ସମ୍ପାଦକ ଶ୍ରୀନିବାସ ଚାନ୍ଦ, ମିତ୍ରଭାନୁ ନନ୍ଦ, ଅବିନାଶ ବାବୁ, ଘନଶ୍ୟାମ ଭାଟି, ଗିରିଶ କୁମାର ଦାଶ, ଶିବ ପ୍ରସାଦ ପ୍ରଧାନ, ଅମିୟ ରଞ୍ଜନ ଦାଶ, ଶୁଭେନ୍ଦୁ ମେହେର, ଜିତେନ୍ଦ୍ର ମହାପାତ୍ର, ପୀତାମ୍ବର ପଧାନ, ଦାଶରଥୀ ମହାନନ୍ଦିଆ, ଦୀପକ୍ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ହରିହର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶାମୁକ୍ତି ସଚେତନତା ଶିବିର




ତରଭା, ୯ ।୧(ସମିସ): ତରଭା ଜେଏମ୍‌ଏଫ୍‌ସି ଆନୁକୂଲ୍ୟରେ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଶୁକ୍ରବାର ଅଧ୍ୟକ୍ଷ ନିଶିକାନ୍ତ ସାମ କୁଓ୍ୱରଙ୍କ ଅଧ୍ୟକ୍ଷତାରେ ଜାତୀୟ ଯୁବ ଦିବସ ଉପଲକ୍ଷେ ନିଶା ମୁକ୍ତି ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ନ୍ୟାୟାଧିଶ ଗିରିଜା ଶଙ୍କର ବାଘ, ଓକିଲ ସଂଘ ସଭାପତି ସୁରେଶ ଚନ୍ଦ୍ର ମହଲା, ବରିଷ୍ଠ ଓକିଲ ରାଜକିଶୋର ନନ୍ଦ, ସୁବିଞ୍ଜ ଦରୁଆନ ଯୋଗଦେଇ ନିଶା ସେବନର କୁପ୍ରଭାବ ଓ ଭାରତୀୟ ନ୍ୟାୟ ସଂହିତାରେ ନିଶା ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବରିଷ୍ଠ ଶିକ୍ଷକ ବିକ୍ରମ କେଶରୀ ଭୋଇ ଧନ୍ୟବାଦ ଦେଇଥିଲେ।

## ସପ୍ତମ ଖଡଙ୍ଗ ଲୋକ ମହୋତ୍ସବ ମଶାଲ ଶୋଭାଯାତ୍ରା



କଣ୍ଟାମାଲ, ୯ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ୍ ଖୁଣ୍ଟିଗୋରା ପଞ୍ଚାୟତ ଅଧୀନ ବନ୍ଧଗୋରା ମକର ପଡ଼ିଆରେ ସପ୍ତମ ଖଡଙ୍ଗ ଲୋକ ମହୋତ୍ସବ ଆୟୋଜନ ପାଇଁ ଶୁକ୍ରବାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟିଗୋରାସ୍ଥିତ ଜଗନ୍ନାଥ ମନ୍ଦିରରେ ଗ୍ରାମ ମୁଖିଆ ନରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନ ଏବଂ ମନ୍ଦିର ପୂଜକ ପଣ୍ଡିତ ଜୟରାମ ପାଣିଙ୍କ ପୌରାହିତ୍ୟରେ ପୂଜାକାର୍ଯ୍ୟ ସମାପନ ହୋଇଥିଲା। ଏହାପରେ ମହୋତ୍ସବ ମଣ୍ଡପରେ ମୋଚିରାମ ପୁଝାରୀଙ୍କ ପୌରୋହିତ୍ୟରେ ମଶାଲ ସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ କଣ୍ଟାମାଲ ବିଧାୟକ ମହିଧର ରଣା ମୁଖ୍ୟ ଅତିଥି, ଜୋନ-୧ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ଖୁଣ୍ଟିଗୋରା ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ସୁନିତା ମାଝୀ, ଶିକ୍ଷାବିତ୍ ନିଳାଞ୍ଚଳ ଭୋଇ, ଓଡ଼ିଶା କୁମ୍ଭକାର ସଙ୍ଘ ରାଜ୍ୟ ଉପସଭାପତି ପ୍ରଶାନ୍ତ ରଣା, କନ୍ଧମାଳ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ସମାଜସେବୀ ଅଜିତ ସାହୁ, ଅଭିରାମ ରଣା, ଜିତେନ୍ଦ୍ର କୁଦେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମହୋତ୍ସବ କମିଟି ଆବାହକ ଧୀରୋଜ ଭୋଇ, ସଭାପତି ମନୋଜ ଦାସ, ସମ୍ପାଦକ ଭକ୍ତ ସାହୁ, ବ୍ୟବସ୍ଥାପକ ଲମ୍ବୋଦର ବେହେରା, କୋଷାଧ୍ୟକ୍ଷ ଗୋପୀନାଥ ସାହୁ, ସଦସ୍ୟ ସୁନିଲ ସାହୁ ଏବଂ କମିଟିର ସମସ୍ତ ସଦସ୍ୟ ମଶାଲ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।

## ବାଉଁଶୁଣିରେ ଓଜନ ଉତ୍ସବ ପାଳିତ

ବିନିକା, ୯ ।୧(ସମିସ): ବିନିକା ବ୍ଲକ୍ ଅଧୀନ ବାଉଁଶୁଣି ଅଙ୍ଗନବାଡ଼ି ପରିସରରେ ଶୁକ୍ରବାର ପୋଷଣ ଅଭିଯାନ ପରିପ୍ରେକ୍ଷୀରେ ଓଜନ ଉତ୍ସବ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୧ ଠାରୁ ୧୫ ମଧ୍ୟରେ ପାଳନ ହେବାକୁ ନିର୍ଧାରିତ ହୋଇଥିବା ଏହି ଦିବସ ଶଙ୍କରା ସେକ୍ଟର ସୁପରଭାଇଜର ରେଣୁକା ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିଲା। ଏଥିରେ ଆଶାକର୍ମୀ ପୁଷ୍ପାଞ୍ଜଳି ମଲ୍ଲିକ, ସିଆରପି ଅଞ୍ଜଳି ଭୋଇ, ଶିକ୍ଷକ ଅଖୋଜ କୁମାର ଷାଣ୍ଡ, ରଞ୍ଜନ କୁମାର ସା ପ୍ରମୁଖ ଯୋଗଦେଇ ଓଜନ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ବିଭିନ୍ନ ବିଭାଗର ବ୍ୟକ୍ତିବିଶେଷଙ୍କ ସମେତ ଶିଶୁମାନଙ୍କ ମାତା, ଆଇସିଡିଏସର କର୍ମୀ ମାନଙ୍କ ଗହଣରେ ଶିଶୁମାନଙ୍କ ଓଜନ ଉଚ୍ଚତା ମାପ ଏବଂ ଶିଶୁଙ୍କ ପୌଷ୍ଟିକ ସ୍ଥିତି ଆକଳନ ତଥା ଅନୁଧ୍ୟାନ କରାଯାଇଥିଲା। ଅଙ୍ଗନବାଡ଼ି କର୍ମୀ ମିଥିଳା ହରିପାଳ, ମାଳତୀ ପାଣ୍ଡେ, ଅନୁସୟା ହୋତା, କୁମୁଦିନୀ ମହଲା ପ୍ରମୁଖ ସାମିଲ ଥିଲେ। ହୀରାବତୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

## ମାସକର ଦାନା ଛଡ଼ାଇନେବା ଘଟଣା

# ଖବର ପ୍ରକାଶ ପରେ ଚାଉଳ ବାଣ୍ଟିଲା ପ୍ରଶାସନ

ବଲାଙ୍ଗିର, ୯।୧(ସମିସ)

- ଆବାସ ଯୋଜନାର ଘର ତୋଳି ନ ଥିବା ହିତାଧିକାରୀଙ୍କୁ ମିଳି ନ ଥିଲା ଚାଉଳ
- ଜିଲ୍ଲାପରିଷଦ ଅଧ୍ୟକ୍ଷାଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ
- କେହି କିଛି ଜାଣି ନ ଥିବା ଭଳି ଭ୍ରମିତ କରିବାକୁ ଚେଷ୍ଟା

'ସକାଳ' ପ୍ରଭାବ

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକରେ ଆବାସ ଘର ପାଇଁ ରାସନ ମନା ଘଟଣାକୁ ନେଇ ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ପଟେ ଆବାସ ଘର ନିର୍ମାଣ କରି ନ ଥିବା ହିତାଧିକାରୀଙ୍କ ରାସନ ଉଦ୍ଦେଶ୍ୟମୂଳକ ବେଆଇନ ଭାବେ ରାସନ ସାମଗ୍ରୀକୁ ବନ୍ଦ କରିଦିଆଯାଇଥିବା ଗୁରୁବାର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଭିଯୋଗ ଆଣିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଜଣାଇଥିଲେ। ଅନ୍ୟପକ୍ଷରେ ଏହିଭଳି କିଛି ନିର୍ଦ୍ଦେଶ ଦିଆଯାନାହିଁ କି କୌଣସି ହିତାଧିକାରୀ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇନାହାନ୍ତି ବୋଲି ଶୁକ୍ରବାର ପ୍ରତିକ୍ରିୟା ଦିଆଯାଇଛି। ସେହିପରି ଶୁକ୍ରବାର ବ୍ଲକର ବିଭିନ୍ନ ପଞ୍ଚାୟତରେ ହିତାଧିକାରୀଙ୍କୁ ଚାଉଳ ଦିଆଯାଇଛି। ଏହି ଘଟଣାରେ ଅଧିକାରୀ ଓ କର୍ମଚାରୀଙ୍କ ଅଲଗା ଅଲଗା ପ୍ରତିକ୍ରିୟା ଚର୍ଚ୍ଚା ସୃଷ୍ଟି କରିଛି। ବିଡିଓ କିନ୍ତୁ ଏହି ଘଟଣାରୁ ଖସିଯିବା ପାଇଁ ଏହିଭଳି ପ୍ରତିକ୍ରିୟା ରଖିଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଭିଯୋଗ ଆଣିଛନ୍ତି। ତେବେ ଗୋଟିଏ ସରକାରୀ ଯୋଜନା ପାଇଁ ଖାଦ୍ୟ ସୁରକ୍ଷା ଆଇନରୁ ହିତାଧିକାରୀଙ୍କୁ ବଞ୍ଚିତ କରିବା ବେଆଇନ। ବିଡିଓଙ୍କ ଏହିଭଳି ପଦକ୍ଷେପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ଗୁରୁବାର ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଆଗଲପୁର ବ୍ଲକରେ ହୋଇଥିବା ଏକ ସାଂଘାତିକ ଘଟଣା ସାମ୍ନାକୁ ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗରେ ସେ ଆବାସ ଘର ତିଆରି କରି ନ ଥିବା ଶତାଧିକ ହିତାଧିକାରୀଙ୍କ ରାସନ ସାମଗ୍ରୀ ବେଆଇନ ଭାବେ ପ୍ରଦାନ କରାଯାଇ ନ ଥିବା ହିତାଧିକାରୀମାନେ ତାଙ୍କୁ ଅଭିଯୋଗ କରିଥିବା ସେ ସୂଚନା ଦେଇଥିଲେ। ତେବେ ଏହା ସାମ୍ନାକୁ ଆସିବା ପରେ ଶୁକ୍ରବାର ଆଗଲପୁର ବ୍ଲକର ନଅଗାଁ(କ), ଝରଣୀପାଲି ଭଳି କିଛି ପଞ୍ଚାୟତରେ ସଂପୃକ୍ତ ହିତାଧିକାରୀଙ୍କୁ ଚାଉଳ ଦିଆଯାଇଛି। ଏ ନେଇ ଝରଣୀପାଲି ଯୋଗାଣ ସହାୟକଙ୍କୁ ପଚାରିବାରୁ କିଛି ହିତାଧିକାରୀଙ୍କୁ ଚାଉଳ ନ ଦେବା ପାଇଁ ତାଙ୍କୁ ନିର୍ବାହୀ ଅଧିକାରୀ କହିଥିଲେ। ସେହିପରି ନଅଗାଁ(କ) ଯୋଗାଣ ସହାୟକଙ୍କ କହିବା ଅନୁସାରେ କିଛି ହିତାଧିକାରୀଙ୍କୁ ଚାଉଳ ଦିଆଯାଇ ନ ଥିଲା। ଅଧିକ ଉତ୍ତର ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିବାକୁ କହିଥିଲେ। ଏହିକ୍ରମରେ ବାବୁଫାସଡ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ କିଛି ଦିନ ତଳେ ହୋଇଥିବା ଏକ ଆଭାସୀ ବୈଠକରେ ଏନେଇ ଆଲୋଚନା ହୋଇଥିଲା; କିନ୍ତୁ ସେ କିଛି ଦିନ ପୂର୍ବରୁ ଅଡିଟ ସମୟରେ ଚାଉଳ ଦେଇଥିବା କହିଥିଲେ। ସେହିପରି ନଅଗାଁ ଝରନୀପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ରଶ୍ମୀରଞ୍ଜନ ପଧାନଙ୍କୁ ପଚାରିବାରୁ ନିର୍ଦ୍ଦିଷ୍ଟ ଭାବେ ଘର ତୋଳି ନ ଥିବା ହିତାଧିକାରୀଙ୍କୁ ଚାଉଳ ବନ୍ଦ କରାଯାଇନାହିଁ। କିଛି ହିତାଧିକାରୀ ଅନ୍ୟ ସମସ୍ୟା ଯୋଗୁଁ ଚାଉଳ ନେଇ ନ ଥିବାରୁ ଶୁକ୍ରବାର ତାଙ୍କୁ ଦିଆଯାଇଥିବା କହିଥିଲେ। ତେବେ ଏହି ଘଟଣାରେ ଉଭୟ ଯୋଗାଣ ସହାୟକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଭିନ୍ନ ଭିନ୍ନ ମତ ଆଲୋଚନାର ବିଷୟ ପାଲଟିଛି। ଆବାସ ଘର ପାଇଁ ଖାଦ୍ୟ ସୁରକ୍ଷା ଆଇନରୁ ହିତାଧିକାରୀଙ୍କୁ ବଞ୍ଚିତ ରଖିବା ସେମାନଙ୍କ ୩ରୁ ୫ମାସର ଚାଉଳ ସ୍ଥଗିତ ରଖିବାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କିଏ ନିର୍ଦ୍ଦେଶ ଦେଇଥିଲା, କାହା ସାହସରେ ଗରିବଙ୍କ ପେଟକୁ ନିର୍ବାହୀ ଅଧିକାରୀମାନେ ଭୋକିଲା ରଖିଥିଲେ ତାହା ନିଶ୍ଚିତ ଭାବେ ତଦନ୍ତ ସାପେକ୍ଷ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତୋଳି ନ ଥିବା ହିତାଧିକାରୀଙ୍କ ରାସନ ସାମଗ୍ରୀ ବନ୍ଦ କରିବାକୁ କୁଆଡେ ମୌଖିକ ଭାବେ ନିର୍ଦ୍ଦେଶ ଦିଆଯାଇଥିଲା।

ଅଭିଯୋଗକ୍ରମେ ଆଗଲପୁର ବ୍ଲକ ବୁଦୁଲା ପଞ୍ଚାୟତର ଗୋପାଲ ସାହୁ, ଅମ୍ରିତା ସେଠ, ଜଗଦାନନ୍ଦ ପଧାନ, କଏଁରୁ ବିଶ୍ୱାଳ, ବାବୁଫାସଡ ପଞ୍ଚାୟତର ବନମାଳୀ କୁମ୍ଭାର, ନଅଗାଁ(କ) ପଞ୍ଚାୟତର କବିତା ଛତର, ମଳିଫୁଲ ସାହୁ, ଟଙ୍କଧର ସାହୁ, ସସ୍ମିତା ଗଡତ୍ୟା, କନକ ଦଣ୍ଡସେନା, ସୁମୁଖୀ ସାହୁ, ରିମା ସାହୁ, ବୀରେନ୍ଦ୍ର ସାହୁ, ସଂଯୁକ୍ତା ରାଉତ, ରାହୁଲ ଭୋଇ ପ୍ରମୁଖ ଲିଖିତ ଭାବେ ତାଙ୍କ ରାସନ ସାମଗ୍ରୀ ବନ୍ଦ କରି ଦିଆଯାଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗରେ ସେମାନେ ଦର୍ଶାଇଥିଲେ ଯେ ସମସ୍ତ ହିତାଧିକାରୀଙ୍କ ପଞ୍ଚାୟତରେ ବାୟୋମେଟ୍ରିକ ସ୍କାନ କରାଯିବା ପରେ ତାଙ୍କୁ ରାସନ ସାମଗ୍ରୀ ଦେବାକୁ ମନା କରାଯାଇଥିବା ସେମାନେ ସୂଚନା ପାଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତିଆରି କରି ନ ଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଏହି ନିର୍ଦ୍ଦେଶ ରହିଥିବା କହି ସାମଗ୍ରୀ ଦେବାର ବଞ୍ଚିତ କରାଯାଇଥିଲା। ଏନେଇ କୌଣସି ଲିଖିତ ନିର୍ଦ୍ଦେଶ କିନ୍ତୁ ପଞ୍ଚାୟତରେ ସେମାନଙ୍କୁ ଦେଖାଯାଇ ନ ଥିଲା। ହିତାଧିକାରୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଜଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲିଖୀତ ଭାବେ ଜଣାଇଥିଲେ। ଏହାକୁ ନେଇ ବିବାଦ ଦେଖା ଦେଇଥିଲା। ତେବେ ଏହି ଘଟଣାରେ ଆଗଲପୁର ବିଡିଓ କୁଳଦୀପ ମହାନ୍ତି ଭିନ୍ନ ଏକ ମତ ରଖିଛନ୍ତି। ତାଙ୍କ କହିବା ଅନୁସାରେ ଅଭିଯୋଗ ସଂପୂର୍ଣ୍ଣ ଭାବେ ମିଛ।

ଜିଲ୍ଲା ପରିଷଦ ଅଧ୍ୟକ୍ଷା ମିଛ କହି ଅଭିଯୋଗ ସାମ୍ନାକୁ ଆଣିଛନ୍ତି। ସମସ୍ତ ହିତାଧିକାରୀଙ୍କୁ ଚାଉଳ ଦିଆଯାଇଛି। ସେହିଭଳି କିଛି ଅଭିଯୋଗ ତାଙ୍କ ପାଖକୁ ଆସିନାହିଁ ବୋଲି କହିଥିଲେ। ତେବେ କିଏ କହୁଛି ତାକୁ ନେଇ ପ୍ରଶ୍ନ ଉଠିଛି। ବିଡିଓ, ଯୋଗାଣ ସହାୟକ ନା ନିର୍ବାହୀ ଅଧିକାରୀ କାହା କଥା ସତ ତାହାକୁ ନେଇ ସନ୍ଦେହ ଉପୁଜିଛି। ଏହାର ତଦନ୍ତ କରି ଏହିଭଳି ଏକ ପରିସ୍ଥିତି ସୃଷ୍ଟି କରିଥିବା ଅଧିକାରୀ ଓ କର୍ମଚାରୀ ବିରୋଧରେ କାର୍ଯ୍ରାନୁଷ୍ଠାନ ଗ୍ରହଣ କରିବାକୁ ହିତାଧିକାରୀ ଦାବି କରିଛନ୍ତି।

## ନୂଆ ଜୀବନ ପାଇଲେ ଅସହାୟ ବୃଦ୍ଧା



ବଲାଙ୍ଗିର, ୯ ।୧(ସମିସ): ବଲାଙ୍ଗିର ଜିଲ୍ଲା ତୁଳସୀନଗର ଅଞ୍ଚଳରୁ ଉଦ୍ଧାର ହୋଇଥିବା ସୁମତି ବିଶି ନାମ୍ନୀ ଜଣେ ଅସହାୟ ବୃଦ୍ଧାଙ୍କୁ ବରିଷ୍ଠ ନାଗରିକ ଆବାସରେ ତିଥାନ କରାଯାଇଛି। ମାହେଶ୍ୱରୀ ସଂଗଠନ ତାଙ୍କୁ ଉଦ୍ଧାର କରି ପ୍ରଥମେ ଭୀମ ଭୋଇ ମେଡିକାଲ ଏବଂ ହସ୍ପିଟାଲରେ ଚିକିତ୍ସା କରାଇଥିଲା। ଶେଷରେ ବଲାଙ୍ଗିର ଜିଲ୍ଲା ସାମାଜି ସୁରକ୍ଷା ଅଧିକାରୀ ମଦନ ହୋତାଙ୍କ ସହଯୋଗରେ ତାଙ୍କୁ ସାଲେପାଲିସ୍ଥିତ ଗ୍ରାମ ମଙ୍ଗଳ ପାଠାଗାର ବରିଷ୍ଠ ନାଗରିକ ଆବାସରେ ତଇଥାନ କରାଯାଇଛି। ମାହେଶ୍ୱରୀ ସଂଗଠନରର ପରି.ଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡି, ସଭାପତି ଶୋଭନ ଅଗ୍ରୱାଲ, ଅର୍ପିତ ପୁରୋହିତ, ସୁଷମା ବହିଦାର, ସ୍ନେହା କାଲସାଇ ଏବଂ ସୁପ୍ରମା ବହିଦାରଙ୍କ ସହଯୋଗରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପରେ ଏଠାରେ ଥଇଥାନ କରାଯାଇଛି।

### କାମ ନ ସରୁଣୁ ରାସ୍ତାରୁ ପିଚୁ ଉଠିଯିବା ଘଟଣା

## କ୍ରସର ଗୁଣ୍ଡ, ପିଚୁ ପ୍ରାଇମର ଢାଳି ଦୁର୍ନୀତି ଢାଙ୍କିବାକୁ ଉଦ୍ୟମ



'ସକାଳ'ରେ ଖବର ପ୍ରକାଶ ପରେ ଭୟ

ପାଟଣାଗଡ଼, ୯ ।୧(ସମିସ): ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ତମିଆଁ ଛକରୁ ତମିଆଁ ପର୍ଯ୍ୟନ୍ତ ୯ କିମି ରାସ୍ତା କାମ ଚାଲିଛି। ତେବେ ନିମ୍ନମାନର କାମ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ ଆଣଛନ୍ତି। ଏନେଇ ଗୁରୁବାର ଦୈନିକ "ସକାଳ'ରେ 'କାମ ସରିନି; ପିଚୁ ଉଠିଯାଉଛି' ଶୀର୍ଘକ ଖବର ପ୍ରକାଶ ପାଇଥିଲା। ଏହାପରେ ଠିକାଦାର ଦୁର୍ନୀତି ଢାଙ୍କିବାକୁ ଉଦ୍ୟମ କରିଛନ୍ତି। ଉଠିଯାଇଥିବା ପିଚୁ ଉପରେ ଝାଡୁ ମରାଯାଇ ତା ଉପରେ କ୍ରସର ଗୁଣ୍ଡ ସହ ପିଚୁ ପ୍ରାଇମର ପକାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପରିଦର୍ଶନ କରି ପୁଣି ନୂତନ କାମ ପାଇଁ ନିର୍ଦ୍ଦେଶ ଦେଇଥିଲେ; ହେଲେ ଠିକାଦାର ଜଣକ କେବଳ କ୍ରସର ଗୁଣ୍ଡ ଓ ପିଚୁ ପ୍ରାଇମର ପକାଇ କାମ ସାରି ଦେଇଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

## ୨୦ତମ ୟୁଥ୍ ଆଇକନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବୌଦ୍ଧ, ୯ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସଦର ମହକୁମାରେ ୨୦ତମ ୟୁଥ୍ ଆଇକନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମହିଧର ରଣା, ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ବରଗାଁ ସମବାୟ ସମିତି ସଭାପତି ଶ୍ରୀବତ୍ସ କତୁଆ, ତପେଶ୍ୱର କଳତା, ଜୟକୃଷ୍ଣ ପ୍ରଧାନ, କ୍ଷିରୋଦ ବସ୍ତିଆ ଯୋଗ ଦେଇଥିଲେ। ଲିଟିଲ ଷ୍ଟାର ଓ ହାପି-୧୧ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଲିଟିଲ୍ ଷ୍ଟାର ବୋଲିଂ କରି ହାପି-୧୧କୁ ୮ ଓଭରରେ ୯୦ରନ୍‌ରେ ସୀମିତ ରଖିଥଲା। ଲିଟିଲ୍ ଷ୍ଟାର ନିର୍ଦ୍ଧାରିତ ଓଭରରେ ୯୧ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଅଶ୍ୱିନୀ ରଣା ଓ ବେଣୁଧର ରଣା ଧାରାବିବରଣୀ ଦେଇଥିଲେ।

## ନିଶା ନିବାରଣ କେନ୍ଦ୍ରରେ ସାମାଜିକ ସମୀକ୍ଷା ବୈଠକ

ତରଭା, ୯ ।୧(ସମିସ): ତରଭା ସୁନାରୀପଡାରେ ରାଜ୍ୟ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ସହାୟତାରେ ନେସନ୍ୟାଲ ରୁରାଲ ଡେଭେଲମେଣ୍ଟ କର୍ପୋରେସନ ଦ୍ୱାରା ପରଚାଳିତ ନିଶା ନିବାରଣ କେନ୍ଦ୍ରରେ ସାମାଜିକ ସମୀକ୍ଷା ଆରମ୍ଭ ହୋଇଛି। ଏଥିରେ କେନ୍ଦ୍ରରେ ବ୍ୟବହୃତ ରେଜିଷ୍ଟର, ରେକର୍ଡ, ନଥିପତ୍ର ଯାଞ୍ଚ ସହ ଅନ୍ତେବାସୀଙ୍କ ସହ ସାକ୍ଷାତ କରାଯାଇଥିଲା। କଳାହାଣ୍ଡି ଜିଲ୍ଲା ସାମାଜିକ ସମୀକ୍ଷକ ଶଶାଙ୍କ ଭୋଇ, ସୋନପୁର ବିଏସଏ ସୁଦାମ ଗାଇଗରିଆ, ତରଭା ବିଏସଏ ଗୋପକୃଷ୍ଣ ରାଉତ, ଡୁଙ୍ଗୁରିପାଲି ବିଏସ୍‌ଏ ସଞ୍ଜୟ ବଡ଼ମାଳୀ, ବଲାଙ୍ଗିର ପୁଇଁତଳା ବିଏସ୍‌ଏ ମାୟାଧର ଗଡ଼ତିଆ ଉପସ୍ଥିତ ଥିଲେ। ନିଶା ନିବାରଣ କେନ୍ଦ୍ରର ପ୍ରକଳ୍ପ ନକୁଳ ମହାନନ୍ଦ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ତରଭା, ୯ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଞ୍ଜଳିନା ପ୍ରଧାନ ଏହି ପ୍ରସ୍ତୁତି ବୈଠକରେ ଆଲୋଚ୍ୟ ବିଷୟ ବସ୍ତୁ ଅନୁଯାୟୀ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ, ଡ଼ ସୌମ୍ୟାରୁପା ରଥଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମାଜସେବୀ ବେଣୁଧର ଦାଶ, ସୋନପୁର ସହରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି, ମହାବିଦ୍ୟାଳୟ ଅଧ୍ୟକ୍ଷ/ ଅଧ୍ୟକ୍ଷା ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ସ୍ୱାଗତଭାଷଣ ଦେଇଥିଲେ।

## କ୍ରୀଡା ସଂସଦର ବୈଠକ

ବଲାଙ୍ଗିର, ୯ ।୧(ସମିସ): ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟରେ ଉଭୟ ବାଳକ, ବାଳିକା ଫୁଟବଲ (୧୫ ବର୍ଷ), ଖୋଖୋ ଓ ଭଲିବଲ (୧୪ ବର୍ଷ) ଓ କବାଡି (୧୬ ବର୍ଷ) ପ୍ରତିଯୋଗିତା ମାଧ୍ୟମରେ ଜିଲ୍ଲାସ୍ତରୀୟ ଖେଳାଳି ଚୟନ କରାଯିବ। ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମରେ କ୍ରୀଡା ସଂସଦ ପକ୍ଷରୁ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସରକାରୀ ଓ ଘରୋଇ ସ୍କୁଲକଲେଜ ସହ ପ୍ରତି କ୍ରୀଡା ଶିକ୍ଷାକେନ୍ଦ୍ର ଖେଳାଳିମାନେ ୧୪ ତାରିଖ ମଧ୍ୟରେ ସେମାନଙ୍କ ନାମ ପଞ୍ଜିକରଣ କରିପାରିବେ। ତେବେ ଏହା କେବଳ ଅନ୍‌ଲାଇନରେ ହେବ। ଏଥି ସକାଶେ ଜନ୍ମ ପ୍ରମାଣପତ୍ର, ଆଧାରକାର୍ଡର କପି ସହ ପାସଫଟୋ ଆବଶ୍ୟକ ବୋଲି ସଂଘ ପକ୍ଷରୁ କୁହାଯାଇଛି। ୧୬ ବର୍ଷ ବୟସରୁ କମ୍ ବୟସର ବାଳକ ଓ ବାଳିକା ବର୍ଗର କବାଡି ଖେଳାଳି ୧।୧।୨୦୧୦ରୁ ୧।୧।୨୦୧୨ ମଧ୍ୟରେ ଜନ୍ମ ହୋଇଥିଲେ ସେମାନେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ପଞ୍ଜିକରଣ ସରିଗଲା ପରେ ଜିଲ୍ଲାସ୍ତରୀୟ ତାଲିକା ପ୍ରସ୍ତୁତି ହେବ। ୧୫ରୁ ୨୫ ତାରିଖ ମଧ୍ୟରେ ଚୟନ ପ୍ରକ୍ରିୟା କରାଯିବ। ୨୭ରୁ ଫେବୃଆରୀ ୨ ମଧ୍ୟରେ ଖେଳ ସମାପ୍ତ ହେବ ବୋଲି ସଂସଦ ପକ୍ଷରୁ କୁହାଯାଇଛି। ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପ-ସଭାପତି ଡ.ପ୍ରହଲ୍ଲାଦ ଶତପଥୀ, ଯୁଗ୍ମ ସଂପାଦକ ପଦ୍ମଚରଣ ଆ.ର୍ଯ୍ୟ, ଶତ୍ରୁଘନ ସିଂହ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଫୁଟବଲ ସଂପାଦକ ଶରତ ନନ୍ଦ, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ, ବିଭୁତି ଭୂଷଣ ପଣ୍ଡା, ସଂଗ୍ରାମ ବହିଦାର, ବଟୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ବିବାଦରେ ଲୋଇସିଂହା ବ୍ଲକ୍‌ସ୍ତରୀୟ ଲୋକଉତ୍ସବ

### ଅସନ୍ତୋଷ ପ୍ରକାଶ କଲା ବ୍ଲକ୍ କଳାକାର ସଂଘ

ଲୋଇସିଂହା, ୯।୧(ସମିସ)

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକସ୍ତରୀୟ ଲୋକ ଉତ୍ସବରେ ବିବାଦକୁ ନେଇ ବ୍ଲକ୍ କଳାକାର ସଂଘ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ସରୋଜ ବିଶ୍ୱାଳ, ସମ୍ପାଦକ ବ୍ରଜମୋହନ ବଶୋଇ, କୋଷାଧ୍ୟକ୍ଷ ଫିରୋଜ ଦାସ ଉପସ୍ଥିତ ରହି ବ୍ଲକସ୍ତରୀୟ ଲୋକଉତ୍ସବରେ ବିଡିଓଙ୍କ ମନମୁଖୀ କାରବାର, କଳାକାରଙ୍କୁ ହତାଦର ଓ ଭତ୍ତାପ୍ରାପ୍ତ କଳାକାରଙ୍କୁ ଧମକାଇବା ଘଟଣାକୁ ନେଇ ପ୍ରତିବାଦ କରିଛନ୍ତି। ସଂଘ ସଭାପତିଙ୍କ କହିବା ଅନୁସାରେ ଲୋକ ଉତ୍ସବ ପାଇଁ ଯେଉଁ ସବୁ ବ୍ୟବସ୍ଥା କରାଯିବା କଥା କିମ୍ବା ଯେଉଁଭଳି ଭାବେ ଅୟୋଜନ କରାଯିବା କଥା ତାହା କରାଯାଇ ନ ଥିଲା। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ସରପଞ୍ଚମାନଙ୍କୁ ବିଭାଗ ଅନୁଯାୟୀ ପଞ୍ଚାୟତ ପ୍ରତି ଗୋଟିଏ ଦଳ ଓ ଦୁଇଟି ଏକାକୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତରକୁ ପଠାଇବାକୁ କୁହାଯାଇଥିଲା; କିନ୍ତୁ ସରପଞ୍ଚମାନେ ତାକୁ ପ୍ରଥମେ ବୈଠକରେ ଅଗ୍ରାହ୍ୟ କରିଥିଲେ। ତାଙ୍କୁ କହି ନ ଥିବାରୁ ସେମାନେ ଲୋକଉତ୍ସବକୁ ଆସି ନ ଥିବା କହିଥିଲେ। ପରିକି ଗତ ବର୍ଷର ଗସ୍ତଖର୍ଚ୍ଚ ବ୍ଲକ ପ୍ରଶାସନ ଏଯାଏଁ ଦେଇନି। କିଛି ବରିଷ୍ଠ ଭତ୍ତାପ୍ରାପ୍ତ କଳାକାରଙ୍କୁ କିଛି ଲୋକ ଭତ୍ତା କାଟି ଦିଆଯିବ ଭଳି ଧମକ ଦେଇ ଲୋକଉତ୍ସବକୁ ଡାକିବା ଘଟଣାକୁ ସଂଘ ନିନ୍ଦା କରିଛି। ଲୋକଉତ୍ସବ ପ୍ରତିଯୋଗିତାରେ ସଂକୀର୍ତ୍ତନ ଦଳକୁ ସାମିଲ କରାଯାଇ ନ ଥିବା ନିଜେ ବିଡିଓ ଚିଠିରେ ଦର୍ଶାଇଥିଲେ; ହେଲେ ଏକ ସଂକୀର୍ତ୍ତନ ଦଳକୁ ପୁଣି ଉପଖଣ୍ଡସ୍ତରକୁ ପଠାଇବା ଘଟଣା ପରିଚାଳନାଗତ ତ୍ରୁଟିକୁ ସ୍ପଷ୍ଟ କରୁଥିବା ସଂଘ ଅଭିଯୋଗ କରିଛି। ଏହା ସହିତ କଳାକାରଙ୍କୁ ବଦନାମ କରିବା ପାଇଁ କିଛି ଅଧିକାରୀ ସ୍ୱାର୍ଥ ରଖି କଳାକାରମାନେ ଆସି ନ ଥିବା କହୁଥିବା ବେଳେ ଏହାକୁ ମଧ୍ୟ ସଂଘ ନିନ୍ଦା କରିଛି। ଗୋଟିଏ ପଟେ ନିଜେ ବ୍ଲକ୍ ପ୍ରଶାସନ କଳାକାରଙ୍କୁ ଉଚିତ ସମ୍ମାନ ଦେଉ ନ ଥିବା ବେଳେ କାର୍ଯ୍ୟକ୍ରମ ବିଫଳ ହେବା ପରେ କଳାକାରଙ୍କ ମୁଣ୍ଡରେ ଦୋଷ ଲଦି ଖସିଯିବାକୁ ଉଦ୍ୟମ କରୁଥିବା ସଂଘ ସଭାପତି ଶ୍ରୀ ବିଶ୍ୱାଳ କହିଛନ୍ତି। ତେବେ କିଛି ଦିନ ପୂର୍ବରୁ ଲୋଇସିଂହା ବ୍ଲକସ୍ତରୀୟ ଲୋକଉତ୍ସବ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ବ୍ଲକ ଅଧିକାରୀଙ୍କ ମନମୁଖୀ କାରବାର ଯୋଗୁ କଳାକାରମାନେ ଆସି ନ ଥିଲେ। ଏପରିକି ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସମୟ କମ୍ ବାହାନା ଦେଖାଇ ଦୂରେଇ ରହିଥିଲେ। ଏହି ଘଟଣାରେ ବ୍ଲକ ପ୍ରଶାସନ ବିବାଦୀୟ ହୋଇଥିବା ବେଳେ କଳାକାରଙ୍କ ଅସନ୍ତୋଷ ଓ ଖୋଲାଖୋଲି ପ୍ରତିବାଦ ଏବେ ସାମ୍ନାକୁ ଆସିଛି।


# ବଲାଙ୍ଗିର ଜିଲ୍ଲା ଡୁମାଲ ସମାଜର ନୂତନ ସଭାପତି



ବଲାଙ୍ଗିର, ୯ ।୧(ସମିସ): ବଲାଙ୍ଗିର ଜିଲ୍ଲା ଷାଠିଏ ଘର ଡୁମାଲ ସମାଜର ଜିଲା ପନୁଆ (ସଭାପତି) ଲମ୍ବୋଦର ମହାକୁର ତାଙ୍କ ପଦବୀରୁ ଗୁରୁବାର ଅବ୍ୟାହତି ନେଇଛନ୍ତି। ଏହାପରେ ତାଙ୍କ ଉତ୍ତରାଧିକାରୀ ଭାବେ ତାଙ୍କ ପୁଅ ଶରତ ମହାକୁରଙ୍କୁ ଜିଲ୍ଲାର ନୂତନ ସଭାପତି ଭାବେ ଅଭିଷିକ୍ତ କରାଯାଇଛି। ରାଜ୍ୟ ଡୁମାଲ ପରିଷଦ ସଭାପତି ଦୟାସାଗର ମେଲ୍ଲି ଶରତଙ୍କୁ ପାଗା ପ୍ରଦାନ କରି ଦାୟିତ୍ୱ ଅର୍ପଣ କରିଥିଲେ। ରାଣୀପାଲି ମା' ମାହେଶ୍ୱରୀ ପୀଠ ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ରାଜ୍ୟ ଯୁବ ସଭାପତି ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଉପସଭାପତି ସୁଦା ସୁଦାମ ଖମାରୀ, ରାଜ୍ୟ ସଭାପତି ଦେବାର୍ଜନ ଚାଉଲିଆ, ସମ୍ବଲପୁର ଜିଲ୍ଲା ସଭାପତି ଦେବୀଲାଲ ପଧାନ, ବୌଦ୍ଧ ଜିଲ୍ଲା ସଭାପତି ସୀତାଂଶୁ ମହାକୁର, ସୁବ କୁର, ସୁବର୍ଣ୍ଣପୁର ଜିଲ୍ଲା ସଭାପତି ଅଶ୍ୱିନୀ ମହାକୁର, ରାଜ୍ୟ କୋଷାଧ୍ୟକ୍ଷ ବିପିନ ପାତ୍ର, ଜିଲ୍ଲା ସମ୍ପାଦକ ବୃଷଭ ଦନ୍ତା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ୨୩ କେନ୍ଦ୍ରର ସଭାପତି, ଚକ ସଭାପତି ସମେତ ଜିଲ୍ଲା ତଥା ପଡୋସୀ ଜିଲ୍ଲାର ଶତାଧିକ ଜାତିଭାଇ ଯୋଗ ଦେଇଥିଲେ। ନୂତନ ସଭାପତିଙ୍କୁ ଅଭିଷିକ୍ତ କରିବା ପାଇଁ ସ୍ଥାନୀୟ ମା' ମାହେଶ୍ୱରୀ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ପ୍ରସନ୍ନ ଖମାରୀ ଓ ପୂଜକ ସୀତାରାମ ବ୍ରହ୍ମା ହୋମଯଜ୍ଞ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା। ସେଠି ସତ୍ୟର କିଛି ମୂଲ୍ୟ ନାହିଁ, କୃତ୍ରିମ ଭାବମୂର୍ତ୍ତି ହିଁ ସବୁକିଛି।
-ସୁନ୍ ତ୍ଜୁ, ଚୀନ୍ ଦାର୍ଶନିକ

## ଅଦାଲତକୁ ବୋମାଧମକ

ରାଜ୍ୟର କଟକ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା କୋର୍ଟକୁ ଇ-ମେଲ ମାଧ୍ୟମରେ ଗୁରୁବାର ସକାଳେ ବୋମା ବିସ୍ଫୋରଣ ଧମକ ଏକପ୍ରକାର ଆତଙ୍କର ବାତାବରଣ ସୃଷ୍ଟି କରିଥିଲା। ଉଚ୍ଚ ନ୍ୟାୟାଳୟଠାରୁ ନିମ୍ନଅଦାଲତ ପର୍ଯ୍ୟନ୍ତ ସବୁଠାରେ ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନ ୨.୪୫ ସୁଦ୍ଧା ସମ୍ଭାବ୍ୟ ବିସ୍ଫୋରଣକୁ ନେଇ ଅଦାଲତର ବିଚାରପତି, କର୍ମଚାରୀ ଓ କାର୍ଯ୍ୟରତ ଆଇନଜୀବୀ ଆତଙ୍କିତ ଅବସ୍ଥାରେ କୋର୍ଟ ପରିସରରୁ ବାହାରକୁ ପଳାଇ ଆସିଥିଲେ। ଏ ସଂପର୍କରେ ହାଇକୋର୍ଟ ରେଜିଷ୍ଟ୍ରାର କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ବୋମା ନିରୋଧକ ସ୍କ୍ୱାଡ, ସଂଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ତନାଘନା କରିଥିଲେ। ପୁଲିସ ଡିଜିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଯାଞ୍ଚରୁ ସେଭଳି କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି।

ଅଦାଲତକୁ ବୋମାରେ ଉଡ଼ାଇଦେବା ଭଳି ଧମକ ଆମରାଜ୍ୟରେ ନୂଆ ଘଟଣା। ହୋଇପାରେ ଏହା ମିଛ ଡରାଣ, ହେଲେ କାହିଁକି? ଏହି ଧମକ ପଛରେ କ'ଣ କାରଣ ଥାଇପାରେ ସେ ନେଇ ବିଭିନ୍ନ ମହଲରେ ନାନା ଆଲୋଚନା ହେବା ସ୍ୱାଭାବିକ। ଧମକ ପଛରେ ଥିବା ବ୍ୟକ୍ତି ବା ସଂଗଠନ ଧରା ନପଡ଼ିବା ପର୍ଯ୍ୟନ୍ତ ଏହାର ଉଦ୍ଦେଶ୍ୟ ଜଣାପଡ଼ିବା ସହଜ ନୁହେଁ। ଏକଥା ସତ ଯେ ଅଦାଲତର ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ବିଭିନ୍ନ ମାମଲାର ଶୁଣାଣି ଅନ୍ୟ ଏକ ତାରିଖକୁ ଘୁଞ୍ଚାଯାଇଥିବ। ମନେହୁଏ ଗୁରୁବାର ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ଥିଲା, ଯାହାକୁ ଏହି ଧମକ ମାଧ୍ୟମରେ ଘୁଞ୍ଚାଇବାକୁ ସମର୍ଥ ହୋଇଛି ଇ-ମେଲ ପଠାଇଥିବା ବ୍ୟକ୍ତି। ତେଣୁ ସେଦିନର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ମାମଲାଗୁଡ଼ିକର ତର୍ଜମା କରି ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଅନୁସନ୍ଧାନ ପରିସରକୁ ଅଣାଯିବା ଉଚିତ। ଅଦାଲତ କାର୍ଯ୍ୟରେ ପୁଲିସ ପ୍ରଶାସନ କେତେଦୂର ହସ୍ତକ୍ଷେପ କରିପାରିବ ତାହା ଭିନ୍ନ କଥା। ଇ-ମେଲ ଆଇଡିର ମୂଳଉତ୍ସ ଜାଣିବା ପାଇଁ ଆଜିକାଲି ଉନ୍ନତ ବୈଷୟିକ ଜ୍ଞାନକୌଶଳର ଉପଯୋଗ ହେଉଛି। ରାଜ୍ୟର ସାଇବର ଅପରାଧ ଯାଞ୍ଚ କରୁଥିବା ଅଧିକାରୀ ଏସଂପର୍କରେ କେତେଦୂର ଯୋଗ୍ୟ ଓ ଅଭିଜ୍ଞ ତାହା ଉପରେ ନିର୍ଭର କରେ ବୋମା ଧମକ ଦେଇଥିବା ଅପରାଧୀକୁ ଧରିବା। ଆମକୁ ଏଠାରେ କହିବାକୁ ପଡୁଛି ଯେ ଏହାକୁ ମିଛ ଧମକ କହି ଘଟଣାର ଗୁରୁତ୍ୱକୁ ଗୌଣ ବିଚାର କରିବା ଆଦୌ ଉଚିତ ନୁହେଁ। କାରଣ ଏ ପ୍ରକାର ମାନସିକତା ଅନୁସଂଧାନ ପ୍ରକ୍ରିୟାରେ ଅଯଥା ଶିଥିଳତା ସୃଷ୍ଟି କରିବାର ଆଶଙ୍କା ରହିଛି। ଅଦାଲତକୁ ବୋମା ଧମକ ଦେବା କିଛି ଛୋଟକଥା ନୁହେଁ। ଏହାର ବୃହତ୍ତମ ଦିଗ ଓ ସୁଦୂରପ୍ରସାରୀ ପ୍ରଭାବ ରହିଛି। ରାଜ୍ୟରେ ପୁଲିସ ଡିଜି ସମ୍ମିଳନୀ ବେଳେ ମଧ୍ୟ ଅନୁରୂପ ବୋମା ଧମକ ମିଳିଥିଲା। ତାହାର ଅନୁସଂଧାନ କେତେଦୂର ଆଗେଇଛି କାହାକୁ ଜଣାନାହିଁ।

ମୁଖ୍ୟମନ୍ତ୍ରୀ ନିଜେ ଗୃହବିଭାଗ ଦାୟିତ୍ୱରେ ଅଛନ୍ତି। ଘଟଣାର ସବିଶେଷ ଅନୁସଂଧାନ ପାଇଁ ନିର୍ଦ୍ଦେଶ ଦେଇ ଅପରାଧୀକୁ ଧରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅଦାଲତରେ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସ୍ୱତନ୍ତ୍ର ସଶସ୍ତ୍ର ବାହିନୀ ମୁତୟନ କରାଗଲା ତାହା ପ୍ରଶଂସନୀୟ। ତେବେ ପୁନର୍ବାର ଆମେ ସ୍ପଷ୍ଟ କରିଦେଉଛୁ ଯେ ମିଛ ଧମକ କହି ଘଟଣାର ଯେପରି ଗୁରୁତ୍ୱହାନି କରାନଯାଏ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ। ●

## ଜିଡିପି ଅଭିବୃଦ୍ଧି ଓ ଋଣ ବୋଝ

ଆମେରିକାର ଅତିରିକ୍ତ ଟାରିଫ ଭଳି ବହିର୍ବାଣିଜ୍ୟକ ଚାପ ସତ୍ତ୍ୱେ ଆମଦେଶର ମୋଟ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ବେଶ ଉତ୍ସାହଜନକ। ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟ ପକ୍ଷରୁ ଦର୍ଶାଯାଉଛି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଜିଡିପି ୭.୪ % ହେବ। ଯାହାକି ଗତ ଆର୍ଥିକବର୍ଷ ତୁଳନା ୦.୯% ଅଧିକ। ଦେଶର ଅର୍ଥନୀତିକୁ ଗତି ଦେବାରେ ଏହା ସହାୟକ ହେବ। ସେବା କ୍ଷେତ୍ରରେ ୯.୯%, ବିନିର୍ମାଣ ଓ ନିର୍ମାଣ କ୍ଷେତ୍ରରେ ୭ % ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଏହି ଅଭିବୃଦ୍ଧି ହାର ୩.୧ % ରହିବ। ସରକାରଙ୍କ ଏହି ଅଗ୍ରୀମ ଆକଳନ ସଂପର୍କରେ ଉଲ୍ଲେଖ କଲାବେଳେ ମନେ ରଖିବାକୁ ହେବ ଯେ ଦେଶର ଋଣ ଭାର ଏହି ଦଶନ୍ଧି ମଧ୍ୟରେ ୩ ଗୁଣ ବୃଦ୍ଧି ପାଇଛି। ଅଧିକାଂଶ ରାଜ୍ୟର ଆର୍ଥିକ ଶୃଙ୍ଖଳା ଏକପ୍ରକାର ଉଜୁଡି ଯାଇଛି କହିଲେ ଭୁଲ ହେବ ନାହିଁ। ବିଶେଷକରି ନିର୍ବାଚନ ରାଜନୀତିରେ ଜନକଲ୍ୟାଣକାରୀ ଯୋଜନା ନାମରେ ମତଦାତାଙ୍କୁ ପ୍ରଭାବିତ କରିବା ସକାଶେ ଆଖିବୁଜା ଆର୍ଥିକ ସହାୟତା ପ୍ରଦାନ ଫଳରେ ବିଦ୍ୟୁତ ସଂଯୋଗ ରାସ୍ତାଘାଟ ଓ ଗୃହନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ କ୍ଷେତ୍ରରେ ଅର୍ଥାଭାବ ପରିଲକ୍ଷିତ ହେଉଛି। ରାଜସ୍ୱର ୮୦ % ବେତନ ଭତ୍ତା ଓ ଘୋଷିତ ରିହାତି ତଥା ସହାୟତା ରାଶି ବାବଦରେ ବ୍ୟୟ କରାଯାଉଛି। ପରିସ୍ଥିତି ଏପରି ହୋଇଛି ଯେ କିଛି ରାଜ୍ୟକୁ ଋଣ ପରିଶୋଧ ପାଇଁ ଋଣ କରିବାକୁ ପଡୁଛି।

ଜିଡିପି ଅଭିବୃଦ୍ଧି ହାରକୁ ଯଦି ଜାତୀୟ ଆର୍ଥିକ ଅଗ୍ରଗତିର ପରିମାପକ ବୋଲି ବିଚାର କରାଯାଏ, ତେବେ କ'ଣ ରାଜ୍ୟର ବିନା ସହାୟତାରେ ଏହି ସମ୍ଭାବନାର ଅଙ୍କ କଷା ଯାଇପାରିବ? ଏଭଳି ଏକାଧିକ ପ୍ରଶ୍ନ ବେଳେ ବେଳେ ଦେଶବାସୀଙ୍କୁ ବ୍ୟସ୍ତ, ବିବ୍ରତ କରିବା ସ୍ୱାଭାବିକ। ନିକଟରେ ବିହାର ବିଧାନସଭା ନିର୍ବାଚନ ଶେଷ ହୋଇଛି। ନିର୍ବାଚନ ପୂର୍ବରୁ ସବୁସ୍ତରର ମତାଦାତାଙ୍କୁ ସନ୍ତୁଷ୍ଟ କରିବା ସକାଶେ ଯେଭଳି ଆଖିବୁଜା ସହାୟତା ରାଶି ବଣ୍ଟନ କରାଯାଉଛି ତାହା ବିହାରକୁ ଦେବାଳିଆ କରିଦେବା ଏକପ୍ରକାର ନିଶ୍ଚିତ। ଆର୍ଥିକ ଦୃଷ୍ଟିରୁ ସବୁଠାରୁ ସମୃଦ୍ଧ ଓ ସମର୍ଥ ରୂପେ ପରିଚିତ ମହାରାଷ୍ଟ୍ରର ଆର୍ଥିକ ସ୍ଥିତି ଏଭଳି ନିମ୍ନଗାମୀ ହୋଇଛି ଯେ ରାଜ୍ୟର ୯୦୩ ପ୍ରକଳ୍ପ ଅଗ୍ରଗତି କରିପାରୁନାହିଁ। ବଜେଟ ବ୍ୟବସ୍ଥାରେ ସେଥିରୁ ଅର୍ଥ ବରାଦ କରିବା ଅସମ୍ଭବ ହୋଇପଡ଼ିଛି। ରାଜ୍ୟୱାରୀ ବିଚାର କଲେ ପଞ୍ଜାବ, ରାଜସ୍ଥାନ ଓ ହରିୟାଣା ସବୁଠାରୁ ଭୟଙ୍କର ଦୁର୍ଗତି ଦେଇ ଗତି କରୁଛନ୍ତି। ପଞ୍ଜାବ ଚଳିତ ଆର୍ଥିକ ବର୍ଷରେ ୯୦ ହଜାର କୋଟି ଟଙ୍କା ମୂଳଧନ ପରିଶୋଧ କରିବାର ଅଛି। ବିପୁଳ ପରିମାଣର ଋଣ ନକଲେ ପରିସ୍ଥିତିର ମୁକାବିଲା ଅସମ୍ଭବ। ଗତ ଅକ୍ଟୋବରରେ ରାଜ୍ୟ ସରକାର ଖୋଲାବଜାରରୁ ୨୦ ହଜାର କୋଟି ଟଙ୍କାର ଋଣ ଉଠାଇଥିଲେ। ସେହିଭଳି ରାଜସ୍ଥାନକୁ ଚଳିତ ବର୍ଷ ୧.୫୦ ଲକ୍ଷ କୋଟି ଟଙ୍କାର ଋଣ ପରିଶୋଧ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ହରିୟାଣାର ଆୟ ୧.୩୩ ଲକ୍ଷ କୋଟି ଟଙ୍କା ଥିବା ବେଳେ ତାହାର ୫୩.୧ % କେବଳ ଋଣ ପରିଶୋଧରେ ବ୍ୟୟ ହେବ। ଅବଶିଷ୍ଟ ଅର୍ଥରେ ଘୋଷିତ ରିହାତି ଓ ଅନ୍ୟାନ୍ୟ ସୁବିଧା ଦେବାରେ ଖର୍ଚ୍ଚ ହେବା ପରେ ବିକାଶ ଧାରା କେଉଁଆଡ଼କୁ ମୁହାଁଇବ ତାହା ଅନୁମାନ କରାଯାଇପାରେ।

ତେଣୁ ଜିଡିପି ହାରକୁ ନେଇ ଦେଶର ଆର୍ଥିକ ସ୍ଥିତି ଦିନକୁ ଦିନ ଦୃଢ଼ ଓ ସଶକ୍ତ ହେଉଛି ବୋଲି ଯେଉଁ ଆକଳନ କରାଯାଇଛି ତାହା କେତେ ଦୂର ଗ୍ରହଣୀୟ ବିଚାରସାପେକ୍ଷ। ●

# ଅମୂଳକ ବିଶ୍ୱାସର ଆତଙ୍କବାଦ

**ନମ୍ରତା ମିଶ୍ର**

ଆତଙ୍କବାଦର ସମାଚାର ଆମ ପାଇଁ ଆଉ ନୂଆ ନୁହଁ। ଆମେ ବହୁବର୍ଷ ଧରି ଏହି ପ୍ରକାର ଖବର ଶୁଣିବା, ପଢ଼ିବା ବା କିଛିକ୍ଷେତ୍ରରେ ଅନୁଭବ କରିବାରେ ଏକପ୍ରକାରେ ଅଭ୍ୟସ୍ତ ହୋଇସାରିଛେ। ଭାରତ ଓ ବିଶ୍ୱରେ ଘଟିଥିବା ହୃଦୟବିଦାରକ ଆତଙ୍କବାଦୀ ଆକ୍ରମଣ ଘଟଣା ଲେଖିବସିଲେ ତାଲିକା ଲମ୍ବା ହୋଇଚାଲିବ। ଆତଙ୍କବାଦ ପଛରେ ପ୍ରାଣ ଭୟ, ପ୍ରତିଶୋଧର ଇଚ୍ଛା, ଅର୍ଥଲୋଭ ଇତ୍ୟାଦି କାରଣ ସମେତ ପ୍ରମୁଖ ଥାଏ ଧର୍ମ ଉପରେ ଭିତ୍ତିହୀନ ବିଶ୍ୱାସ। ତୈମୁରଲଙ୍ଗ, ଔରଙ୍ଗଜେବଙ୍କ ନାରକୀୟ ଆତଙ୍କଠାରୁ ଆରମ୍ଭ କରି ଭାରତ ବିଭାଜନ ସମୟର ନରହତ୍ୟା, ସମ୍ପତ୍ତି ଲୁଣ୍ଠନ ଆଦି ହିଂସା ଓ ଆତଙ୍କର କଳଙ୍କିତ ଅଧ୍ୟାୟ ଆମ ଇତିହାସରେ ଲେଖାସାରିଛି।

ବର୍ତ୍ତମାନ ଆମ ଚାରିପାଖରେ ଘଟୁଥିବା କିଛି ଘଟଣା ଉପରେ ଦୃଷ୍ଟି ଦେବା। ଖବରକାଗଜ ଖୋଲିବା ମାତ୍ରେ ଗୁଣିଆ ସନ୍ଦେହରେ ହତ୍ୟା, ଜାତିଆଣ ହତ୍ୟା କିମ୍ବା ବାସନ୍ଦ, ଯୌତୁକ ହତ୍ୟା, ଗୋଷ୍ଠୀ କନ୍ଦଳ, ଅନ୍ଧବିଶ୍ୱାସ ଜନିତ ବଳି, ଧର୍ମାନ୍ତରଣଜନିତ ହିଂସା, ଦଳଚକଟା ଜନିତ ମୃତାହତ ଆଦି ଖବର ଆମ ଆଖିରେ ପଡ଼େ। ଏ ସବୁ ପ୍ରଥାରେ ଅଯୌକ୍ତିକ ବିଶ୍ୱାସ କେବଳ ଅଶିକ୍ଷିତଙ୍କ ମଧ୍ୟରେ ସୀମିତ ନଥାଏ, ତଥାକଥିତ ଶିକ୍ଷିତ ଓ ଉଚ୍ଚବର୍ଗ ଏପରିକି ସମାଜ ସଂସ୍କାରକମାନଙ୍କ ପାଖରେ ମଧ୍ୟ ଥାଏ। ଆଜି ମଧ୍ୟ କେତେକ ମନ୍ଦିରରେ ମହିଳା ଓ ଦଳିତମାନଙ୍କର ପ୍ରବେଶ ନିଷେଧ। ଏ ସବୁ ମଧ୍ୟ ଭିତ୍ତିହୀନ ବିଶ୍ୱାସର ପରିଣତି।

ଆହୁରି ମଧ୍ୟ ଦୈନନ୍ଦିନ ଜୀବନରେ ଜାମାଖଣ୍ଡେ ପିନ୍ଧୁ ପିନ୍ଧୁ ଯଦି ଛିଙ୍କ ହୁଏ ଆମେ ତା'କୁ ବାହାର କରିଦେଉ ଓ ପୁଣି ପିନ୍ଧୁ। ଝିଟିପିଟି ମୁଣ୍ଡ ଉପରେ ପଡ଼ିଲେ ଶୁଭ ନା ଅଶୁଭ ବିଚାର କରୁ। ସ୍ୱପ୍ନ ଦେଖି ତାହା ଶୁଭ ନା ଅଶୁଭ ବିଶ୍ଳେଷଣ କରୁ। ମାଙ୍କଡ଼ ଡେଇଁ ପଡ଼ିଲେ, ବିରାଡ଼ି ରାସ୍ତା କାଟିଲେ, ବିଲୁଆ ଦେଖିଲେ. ପେଚା ବୋବାଇଲେ ଶୁଭ ନା ଅଶୁଭ ଚିନ୍ତା କରୁ। ନାଗ ସାପକୁ କ୍ଷୀର ପିଆଇବା ପାଇଁ ଚେଷ୍ଟା କରୁ। ନାଗ ସାପ ଆଖରେ କ୍ୟାମେରା ଲାଗିଛି, ସାପ ଖେଳିବା ବସ୍ତ୍ର ଶୁଭ ଇତ୍ୟାଦି ଆମ ସମାଜରେ ଖୁବ୍ ପ୍ରଚଳିତ। ଠାକୁରଙ୍କୁ ନଡ଼ିଆ କଦଳୀ ପୂଜାକରି ଆମକୁ ମଟନ୍ ମିଳୁ ବୋଲି ଆଶା କରୁ। ଘରର କେହି ମୃତ୍ୟୁବରଣ କଲେ କିଛି ରୀତିନୀତି ଅନୁସାରେ ଗୁଆକଦଳି ଖାଇ ପୁତ୍ର ଆଶା କରୁ। ଦେହ ଖରାପ ହେଲେ ଗୁଣିଆ, ଝାଡ଼ଫୁଙ୍କ ମାନସିକ ଇତ୍ୟାଦି ଆମେ କରୁ। ଲକ୍ଷ୍ମୀ ପୂଜାରେ ଦଶ ଟଙ୍କାର ଶାଗ, ମୁଆଁ, ପିଠା ପୂଜା କରି ବିନା କଷ୍ଟ ପରିଶ୍ରମରେ ଆମକୁ ବହୁ ସମ୍ପତ୍ତି ମିଳୁ ବୋଲି ଆଶା କରୁ। ସରକାରୀ ତହସିଲରୁ ଅର୍ଥ ଆତ୍ମସାତ କରି ମନ୍ଦିରରେ କିଛି ଦାନପୁଣ୍ୟ କରିଦେଇ ନିଜକୁ ଖୁବ୍ ଧାର୍ମିକ ମନେକରୁ। ସକାଳୁ ଉଠି ଆମେ ରାଶିଫଳ ଦେଖୁ। ଜାତକ ମେଳଣ କରୁ। ଠାକୁରାଣୀଙ୍କୁ ଶୁଖୁଆ ତରକାରୀ ପୂଜା କରି ବସନ୍ତ ମିଳିମିଳା ଆଦି ରୋଗରୁ ରକ୍ଷା ମିଳିଯିବ ବୋଲି ଆଶା କରୁ। ମୃତ ଶରୀର ପଛରେ ଫିଙ୍ଗା ଯାଇଥିବା ମୁଦ୍ରାକୁ ଘରେ ସାଇତି ରଖୁ। କୂଅ ପୋଖରୀ, ଜଳ ଭଣ୍ଡାର ଦେଖିଲେ ସେଥିରେ ପଇସା ପକାଇ ମାନସିକ କରୁ। ଠାକୁରଙ୍କୁ ମାନସିକ କରି, ଦାନ ଧର୍ମ କରି ୟୁପିଏସସି ଭଳି ପରୀକ୍ଷାରେ ମଧ୍ୟ ସଫଳତା ମିଳିବ ବୋଲି ବିଶ୍ୱାସ ରଖୁ।

ତେଣୁ ଅନ୍ଧବିଶ୍ୱାସ ବା ଅମୂଳକ ବିଶ୍ୱାସ କେବଳ ଆତଙ୍କବାଦୀ ବା ଦଙ୍ଗାକାରୀଙ୍କ ପାଖରେ ନାହିଁ, ଏହା ଆମ ପାଖରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ରହିଛି। ଏହି ଦୁରାରୋଗ୍ୟ ବ୍ୟାଧିରୁ ବଞ୍ଚିବାର କୌଣସି ରାସ୍ତା ହଠାତ୍ ଦେଖାଯାଏ ନାହିଁ। କାରଣ ଏହା ଆମ ଭିତରେ ବହୁ ପିଢ଼ି ଧରି ବଞ୍ଚି ରହିଥିବା ସେହି ନିର୍ମୂଳି ଲତା, ଯାହା ଆମ ସଭ୍ୟତା ଓ ସଂସ୍କୃତି ରୂପକ ମହାଦ୍ରୁମରୁ ଅହରହ ରସ ଶୋଷି ଚାଲିଛି। ଏହା ଏଭଳି କାୟାବିସ୍ତାର କରିଛି ଯେ ଆମେ ଜାଣିନାହୁଁ ଆମ ସଂସ୍କୃତି କ'ଣ ଓ ଅମୂଳକ ବିଶ୍ୱାସ କ'ଣ। ବୈଜ୍ଞାନିକ ମନୋଭାବ ବା ଚିନ୍ତାଧାରାକୁ ଆପଣେଇନେବା ଛାଡ଼ନ୍ତୁ, ଏହାକୁ ଆମେ ଶୁଣିବାକୁ ମଧ୍ୟ ପ୍ରସ୍ତୁତ ନୁହେଁ। ଯୁଗ ଯୁଗ ଧରି ଚାଲିଥିବା, ପିଲାଦିନରୁ ଶୁଣିଥିବା ବା ଆପଣେଇ ନେଇଥିବା ବିଶ୍ୱାସକୁ ଭାଙ୍ଗିଦେବା ସହଜ ନୁହେଁ। ବିଶ୍ୱାସକୁ ଛାଡ଼ିଦେଲେ ମଣିଷ ନିଜକୁ ଅନାଥ ମନେକରେ। ହୁଏତ ସେଥିପାଇଁ ମଣିଷ ଅମୂଳକ ବିଶ୍ୱାସକୁ ମଧ୍ୟ ଛାଡ଼େନା, ଯେପରି ନିଶାଦ୍ରବ୍ୟର ପୁରୁଣା ଅଭ୍ୟାସକୁ ଛାଡ଼ିବା ସହଜ ନୁହେଁ।

ପୁଣି ଏହି ସବୁ ବିଶ୍ୱାସ ଯୋଗୁଁ କିଛି ଲୋକଙ୍କ ବେଉସା ଚାଲେ, ପ୍ରାଧାନ୍ୟ ବଢ଼େ। ଆତ୍ମଘୋଷିତ ଈଶ୍ୱରମାନେ ଅଲୋଡ଼ା ହୋଇଯାଇପାରନ୍ତି। ଖାସ୍ ସେଇଥିପାଇଁ ସମାଜ ସଂସ୍କାରକ ରୂପରେ ବା ସଂସ୍କୃତି ରକ୍ଷକ ରୂପରେ ସମାଜ ସଂସ୍କାରକୁ ଅଟକାଇ ରଖିବା କାମ ସେଇମାନେ ହିଁ କରିଥା'ନ୍ତି। ମଣିଷ-ମଣିଷ ଭିତରେ ଉଚ୍ଚ-ନୀଚର ଭାବ ସୃଷ୍ଟି କରିବା, ଜାତି-ଧର୍ମ ନାମରେ ସମାଜରେ ବିଭ୍ରାଟ କରିବା କିଛି ଅଳ୍ପସଂଖ୍ୟକ ଲୋକଙ୍କ କାମ। କିନ୍ତୁ ଏହାର ଫଳ ସମସ୍ତ ସମାଜ ଭୋଗ କରନ୍ତି। ଅମୂଳକ ବିଶ୍ୱାସ ରୂପକ ଲତାର ଚେର ହେଉଛନ୍ତି ଭୟ ଓ ଲାଳସା। ପତିଆରା ଯିବାର ଭୟ ଏବଂ ବିନା ପରିଶ୍ରମରେ ଅର୍ଥ ଓ ସମ୍ମାନ ଲାଭର ଲାଳସା। ଯଦି ଆପଣ ସେମାନଙ୍କ ଜୀବନକୁ ଅତି ପାଖରୁ ଦେଖିବେ, ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେମାନେ ନିଜେ କୌଣସି ଅମୂଳକ ବିଶ୍ୱାସର ବଶବର୍ତ୍ତୀ ନୁହନ୍ତି। ଠିକ୍-ଭୁଲ୍‌ର ପାର୍ଥକ୍ୟ ଖୁବ୍ ଭଲରେ ବୁଝି କେବଳ ସରଳ ଲୋକଙ୍କ ଫାଇଦା ଉଠାନ୍ତି।

ନିଜ ଧର୍ମ, ନିଜ ଜୀବନ, ନିଜ ସଂସ୍କୃତି, ନିଜ ପରିବେଶକୁ ଠିକ୍ ଭାବେ ବୁଝିବା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ କେବଳ ନିଜର। ଯେଉଁ ବିଜ୍ଞାନ ଆମ ଜୀବନକୁ ଆଜି ଏତେ ସରଳ କରିଛି, ଯାହା ଏତେ ସୁବିଧା ଦେଉଛି, ଆଦିମାନବରୁ ସଭ୍ୟମାନବ କରି ତିଆରି କରିଛି, ଆମର ସେଥିରେ କୌଣସି ଆଗ୍ରହ ନାହିଁ। ଆମେ କେବେ ଜାଣିବାକୁ ଚେଷ୍ଟା କରିଛନ୍ତି କି ଆମ ମୋବାଇଲ୍, ହ୍ୱାଟ୍ସଆପ, ମେସେଞ୍ଜର, ଫେସବୁକ, ଫୋନ୍ ପେ, ପେଟିଏମ, ପ୍ଲେଷ୍ଟୋର କିପରି କାମ କରେ? ଅନେକଙ୍କ ପାଇଁ ଏହା ସମୟ ଅପଚୟକାରୀ ଓ ନିରର୍ଥକ ଉଦ୍ୟମ। କିନ୍ତୁ ହ୍ୱାଟ୍ସଆପ, ଫେସବୁକ ବା ଯେକୌଣସି ସୋସିଆଲ୍ ମିଡିଆରେ ଆସୁଥିବା ଖବର, ଚିନ୍ତାଧାରା, ପ୍ରବଚନ, ମୋଟିଭେଶନ୍, ବାସ୍ତୁ, ରାଶିଫଳ, ଶକୁନ ବିଚାର, ଘୃଣା ବିସ୍ତାର ଇତ୍ୟାଦିକୁ ଖୁବ୍ ସହଜରେ ବିଶ୍ୱାସ କରୁ। ଆମେ କେବେ ଭାବୁ ଯେ ଅମୁକ ଖବରରେ ମିଛ ଥାଇପାରେ? କେହି ଏହା ସମାଜକୁ ଭ୍ରାନ୍ତ ବା ଉତ୍ୟକ୍ତ କରିବା ପାଇଁ ଜାଣିଶୁଣି ପ୍ରଚାର ପ୍ରସାର କରିପାରେ?

ଅମୂଳକ ବିଶ୍ୱାସର ପରିଣତି ଯେ କେତେ ଭୟଙ୍କର ହୋଇପାରେ ତାହା ଆତଙ୍କବାଦର ପରିଣାମରୁ ଅନୁମେୟ। ଅତୀତରେ ହୋଇଥିବା ଦେଶ ବିଭାଜନ ପଛରେ ମଧ୍ୟ କିଛିମାତ୍ରାରେ ଅମୂଳକ ବିଶ୍ୱାସ ରହିଥିଲା ବୋଲି ଆମର ମତ। ଏହି ଅମୂଳକ ବିଶ୍ୱାସ ଜୀବନ ବଞ୍ଚାଉଥିବା ଡାକ୍ତରମାନଙ୍କୁ ଜୀବନ ନେବା ପାଇଁ ମଧ୍ୟ ବାଧ୍ୟ କରିପାରେ। ଶିକ୍ଷିତ ଯୁବକଯୁବତୀଙ୍କୁ ଆତ୍ମଘାତୀ ବିସ୍ଫୋରଣ କରିବା ପାଇଁ ପ୍ରେରିତ କରିପାରେ। ଦେଶରେ ଦଙ୍ଗା ପରିସ୍ଥିତି ସୃଷ୍ଟି କରିପାରେ। ତେଣୁ ପ୍ରତିଟି ସଭ୍ୟ, ଶିକ୍ଷିତ, ସଚେତନ, ସୁନାଗରିକର କାର୍ଯ୍ୟ ସମାଜରେ ଥିବା କୁସଂସ୍କାର ଓ ଅମୂଳକ ବିଶ୍ୱାସକୁ ଦୂର କରିବା ପାଇଁ ଚେଷ୍ଟା କରିବା ହିଁ ଧ୍ୟେୟ ହେବା ଆବଶ୍ୟକ। ପରିବର୍ତ୍ତନର ସ୍ୱର ପ୍ରଥମେ ନିଜ ଭିତରୁ ଶୁଣାଯିବା ଉଚିତ। ସମାଜ ପରିବର୍ତ୍ତନ ପୂର୍ବରୁ ପ୍ରଥମେ ଆମେ ନିଜେ ପରିବର୍ତ୍ତିତ ହେବା ଆବଶ୍ୟକ। ବୈଜ୍ଞାନିକ ମନୋଭାବ ପୋଷଣ କରିବା ଆମ ପାଇଁ କେବଳ ଉଚିତ ନୁହଁ, ଏହା ସମ୍ବିଧାନ ଅନ୍ତର୍ଗତ କର୍ତ୍ତବ୍ୟ ମଧ୍ୟ। ଦିନ ଥିଲା ସତୀଦାହ ଭଳି କୁପ୍ରଥା ମଧ୍ୟ ସମାଜରେ ଯୁକ୍ତିଯୁକ୍ତ ଥିଲା। କିନ୍ତୁ ଆଜିର ଦିନରେ ଯଦି ଏହା ପୁନଃପ୍ରଚଳିତ ହୁଏ ତେବେ ଆମେ ଏହାର ବିରୋଧ କରି ଅଦାଲତର ଦ୍ୱାରସ୍ଥ ହେବା ନିଶ୍ଚୟ। ●

(ପ୍ରାଣୀ ବିଜ୍ଞାନ ଅଧ୍ୟାପିକା, ଗଞ୍ଜାମ)

# ପୁନଶ୍ଚ ଯୌବନ ସମ୍ଭବ!

**ପ୍ରଫେସର୍ ଫକୀରମୋହନ ସାହୁ**

ଶାରୀରିକ ବାର୍ଦ୍ଧକ୍ୟର ଏକ ବିକଳ ଅବସ୍ଥା ହେଉଛି ମସ୍ତିଷ୍କର ବାର୍ଦ୍ଧକ୍ୟ। ମସ୍ତିଷ୍କର ବାର୍ଦ୍ଧକ୍ୟର ବିଭିନ୍ନ ପରିପ୍ରକାଶ ସଂପର୍କରେ ସମସ୍ତେ ଅଳ୍ପେବହୁତ ପରିଚିତ। ବିଶେଷତଃ ଆଧୁନିକ ଜୀବନର ସ୍ମୃତିଭ୍ରଂଶ ଓ ଆଲ୍‌ଜେମର୍ ରୋଗର ଭୟାବହତା ଏତେ ଦ୍ରୁତଗତିରେ ପ୍ରସାରିତ ହେଉଛି ଯେ ବର୍ଷୀୟାନ୍ ବ୍ୟକ୍ତିମାନଙ୍କର ଯତ୍ନ ନେଉଥିବା ପରିବାରରେ ଏହା ଏକ ଆତଙ୍କର ବାତାବରଣ ସୃଷ୍ଟି କରିଛି। ଏହାର ପ୍ରତିରୋଧ ଓ ପ୍ରତିକାର ପାଇଁ ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ଏଠାରେ ଆଲୋଚ୍ୟ ନୁହେଁ। କିନ୍ତୁ ଏହାଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି ମସ୍ତିଷ୍କବିଜ୍ଞାନର ଏକ ବିସ୍ମୟକର ଆବିଷ୍କାର: ମସ୍ତିଷ୍କର ଷ୍ଟେମ୍ ସେଲ୍। ଏପରି ଆବିଷ୍କାର ପ୍ରୌଢ଼ ଅବସ୍ଥାରେ କେବଳ ନବଯୌବନର ସମ୍ଭାବନା ଆଣି ନାହିଁ, ଦୀର୍ଘଜୀବନର ଅନୁଭବ ସହିତ ଜୀବନର ବିଶିଷ୍ଟ ଲକ୍ଷ୍ୟପୂରଣରେ ନୂତନ ଆଶାର ସଞ୍ଚାର କରିଛି।

ଏପରି ସମ୍ଭାବନାର ମୂଳପିଣ୍ଡ ହେଉଛି ମସ୍ତିଷ୍କର ଷ୍ଟେମ୍ ସେଲ୍ ବା ଆଦିକୋଷ। ଆମେ ସମସ୍ତେ ଜାଣୁ ଯେ ଆମର ଚର୍ମରେ କୌଣସି କ୍ଷତ ହେଲେ ଏହା ସ୍ୱତଃ ଧୀରେ ଧୀରେ ପୂରଣ ହୋଇଥାଏ। ଛୋଟ ଧରଣର ହାଡ଼ ଭାଙ୍ଗିଗଲେ ତାହା ମଧ୍ୟ ଠିକ୍‌ଠାକ୍ ହୋଇଯାଏ। ପାକସ୍ଥଳୀର କେତେକ କ୍ଷତ ମଧ୍ୟ ସ୍ୱତଃ ଆରୋଗ୍ୟଲାଭ କରେ। ଏସବୁ କ୍ଷତ ସ୍ଥାନରେ ଶରୀରରେ ଥିବା ଷ୍ଟେମ୍ ସେଲ୍ ଭରଣା କରିବାରେ ସହାୟକ ହୁଏ। ମାତ୍ର ଦେଖାଗଲା ଯେ ମସ୍ତିଷ୍କ ଏ ଦୃଷ୍ଟିରୁ ଏକ ବ୍ୟତିକ୍ରମ। ଅଜସ୍ର ବର୍ଷଧରି କ୍ରମାଗତ ବିବର୍ତ୍ତନ ମାଧ୍ୟମରେ ମସ୍ତିଷ୍କ ଏକ ବିକଶିତ ସ୍ତର ହାସଲ କରିଥିବାରୁ ଏହା ସମ୍ଭବପର ହୋଇନଥାଏ ବୋଲି ବିଶେଷଜ୍ଞମାନେ ବିଚାର କରୁଥିଲେ। କେବଳ ଝିଟିପିଟି ପରି ସରଳତମ ଜୀବମାନଙ୍କରେ ଏହା କିଛିପରିମାଣରେ ସମ୍ଭବ ହୋଇଥାଏ। କିନ୍ତୁ ମନୁଷ୍ୟ ମସ୍ତିଷ୍କରେ ଷ୍ଟେମ୍ ସେଲ୍ ବା ଆଦିକୋଷ ନ ଥିବାରୁ ସ୍ୱୟଂସୁସ୍ଥତା ସମ୍ଭବ ହୋଇନଥାଏ।

ଏପରି ବଦ୍ଧମୂଳ ଧାରଣା ବିଂଶଶତକର ଆରମ୍ଭ ପର୍ଯ୍ୟନ୍ତ ସକ୍ରିୟ ଥିଲା। ଏପରିକି ୧୯୧୩ ମସିହାରେ ମସ୍ତିଷ୍କର ସ୍ନାୟୁ ଗଠନ ସଂପର୍କରେ ଯୁଗାନ୍ତକାରୀ ତଥ୍ୟ ପ୍ରଦାନ କରି ନୋବେଲ୍ ପୁରସ୍କାର ପାଇଥିବା ସାଣ୍ଟିଆଗୋ କାଜଲ୍ ଦର୍ଶାଇଥିଲେ ଯେ ନୂତନ ସ୍ନାୟୁଗଠନ କରି କ୍ଷତକୁ ପୂରଣ କରିବାର ସାମର୍ଥ୍ୟ ମସ୍ତିଷ୍କ କୋଷରେ ଅନୁପସ୍ଥିତ। ପୁରସ୍କାର ପ୍ରାପ୍ତିର ପରବର୍ତ୍ତୀ ପର୍ଯ୍ୟାୟରେ କାଜଲ୍ ମସ୍ତିଷ୍କ ଓ ମେରୁମଜ୍ଜା(ସ୍ପାଇନାଲ୍ କର୍ଡ)ରେ ଷ୍ଟେମ୍ ସେଲ୍‌ର ଅନୁସନ୍ଧାନ କରି ବ୍ୟର୍ଥ ହୋଇଥିଲେ। ଭବିଷ୍ୟତର ରୂପରେଖ କ'ଣ ହେବ, ସେ ବିଷୟରେ ତାଙ୍କର ସଂଶୟ ଥିଲା। ମସ୍ତିଷ୍କର ଷ୍ଟେମ୍ ସେଲ୍ ପରିକଳ୍ପନା ବେଶ୍ କିଛିବର୍ଷ ଅବହେଳିତ ରହିଗଲା। ଅନେକ ବିଶେଷଜ୍ଞ ମସ୍ତିଷ୍କକୁ ଗୋଟିଏ ଜଟିଳ ମେସିନ୍ ବୋଲି ଭାବୁଥିବାରୁ ସେମାନଙ୍କର ଧାରଣା ଥିଲା ଯେ ମେସିନ୍‌ଟି ଖରାପ ହୋଇଗଲେ ନିଜେ ନିଜକୁ ଠିକ୍ କରିପାରିବ ନାହିଁ। ଏଥିପାଇଁ ବାହାରର ଯାନ୍ତ୍ରିକ ହସ୍ତକ୍ଷେପ ଆବଶ୍ୟକ ହେବ। ୧୯୬୫ ମସିହାରେ ଏକ ବିଚିତ୍ର ଘଟଣା ଘଟିଲା। ଆମେରିକାର ଅଗ୍ରଣୀ ଅନୁଷ୍ଠାନ ଏମ୍.ଆଇ.ଟି ର ଦୁଇଜଣ ବିଶେଷଜ୍ଞ ଅଲ୍ଟମ୍ୟାନ ଓ ଦାସ ପ୍ରଥମେ ଆବିଷ୍କାର କଲେ ଯେ ମୂଷାର ମସ୍ତିଷ୍କରେ ଷ୍ଟେମ୍ ସେଲ୍ ରହିଛି। କିନ୍ତୁ ଏହା ସେ ସମୟର ବାତାବରଣର ଅନୁକୂଳ ନ ଥିବାରୁ ଏହା ବିଶ୍ୱାସର ବଳୟରେ ପ୍ରବେଶ କଲା ନାହିଁ।

ବିଂଶଶତକର ଅଷ୍ଟମ ଦଶକରେ ଜଣେ ପକ୍ଷୀ ବିଶେଷଜ୍ଞ ଲକ୍ଷ୍ୟ କଲେ ଯେ ଋତୁର ପରିବର୍ତ୍ତନ ସହିତ ଗୀତ-ପକ୍ଷୀମାନେ ନୂଆ ନୂଆ ସ୍ୱରରେ ଶବ୍ଦ କରୁଛନ୍ତି। ଏହା ବିଶେଷଜ୍ଞଙ୍କୁ ଚମତ୍କୃତ କଲା। ସେ ଦେଖିଲେ ଯେ ପକ୍ଷୀମାନଙ୍କ ମସ୍ତିଷ୍କରେ ନୂଆ ନୂଆ ସ୍ନାୟୁଗଠିତ ହେବା ଫଳରେ ଏହା ସମ୍ଭବ ହେଉଛି। ପକ୍ଷୀ ମସ୍ତିଷ୍କରେ ଷ୍ଟେମ୍ ସେଲ୍‌ର ଉପସ୍ଥିତି ଏକ ପ୍ରାମାଣିକ ରୂପ ନେଲା। ଏହା ପରେ ପରେ ଆଦିକୋଷର ଅନ୍ୱେଷଣ ପାଇଁ ଗବେଷଣା ପ୍ରକ୍ରିୟା ତୀବ୍ରତର ହେଲା। ଆମେରିକାର ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରେ ଏଲିଜାବେଥ୍ ଗୋଲ୍‌ଡ ପ୍ରଥମେ ଉଚ୍ଚତର ପ୍ରାଣୀମାନଙ୍କ ମସ୍ତିଷ୍କରେ ଷ୍ଟେମ୍ ସେଲ୍‌ର ସନ୍ଧାନ ଦେଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇଜଣ ବିଶେଷଜ୍ଞ (ଏରିକ୍‌ସନ୍ ଓ ଗେଜ୍) ଅନନ୍ୟ ଉପାୟ ଅବଲମ୍ବନ କରି ମରଣାପନ୍ନ ବ୍ୟକ୍ତିଙ୍କ ଅନୁମତି ନେଇ ସେମାନେ ମସ୍ତିଷ୍କର ସୂକ୍ଷ୍ମାତିସୂକ୍ଷ୍ମ କାର୍ଯ୍ୟକଳାପ ଲକ୍ଷ୍ୟ କଲେ। ସେମାନେ ଦର୍ଶାଇଲେ ଜୀବନର ଶେଷବିନ୍ଦୁ ପର୍ଯ୍ୟନ୍ତ ମସ୍ତିଷ୍କରେ ନୂତନ ସ୍ନାୟୁଗଠନ ଚାଲୁରହିଥାଏ। ତାହା ଏକ ବହୁସମ୍ଭାବନାପୂର୍ଣ୍ଣ ବିସ୍ମୟକର ଆବିଷ୍କାର ଥିଲା।

ବର୍ତ୍ତମାନ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି: ମସ୍ତିଷ୍କରେ ଷ୍ଟେମ୍ ସେଲ୍ ଗଠନର ସମ୍ଭାବନା ଥିବାରୁ ଏପରି କୋଷିକାର ଦ୍ରୁତ ବିକାଶକୁ ତ୍ୱରାନ୍ୱିତ କରାଯିବ କିପରି? ଗେଜ୍ ଓ ତାଙ୍କର ସହଯୋଗୀମାନେ ଏ ଦିଗରେ ବିଧିବଦ୍ଧ ଗବେଷଣା ଆରମ୍ଭ କଲେ। ସେମାନେ ପ୍ରଥମେ ମୂଷାମାନଙ୍କ ଉପରେ ପରୀକ୍ଷା ନିରୀକ୍ଷା କଲେ। ସେମାନେ ମୂଷାମାନଙ୍କୁ ଗତାନୁଗତିକ ଯନ୍ତାରେ ନ ରଖି ବିକଶିତ ପରିବେଶସମ୍ପନ୍ନ ଯନ୍ତାରେ ରଖିଲେ। ଏପରି ଯନ୍ତାରେ ଗଡ଼ାଇବା ପାଇଁ ବଲ୍ ଥିଲା, ବିଭିନ୍ନ ଧରଣର ଖେଳଣା ଥିଲା ଏବଂ ତଳୁ ଉପରକୁ ଓ ଉପରୁ ତଳକୁ ଦୌଡ଼ିଯିବା ପାଇଁ ଯାନ୍ତ୍ରିକ ବ୍ୟବସ୍ଥା ମଧ୍ୟ ଥିଲା। କେବଳ ୪୫ ଦିନର ଏପରି ପରିବେଶ ଆୟୋଜନ ପରେ ଦେଖାଗଲା ଯେ ମୂଷାମାନଙ୍କର ମସ୍ତିଷ୍କର ଓଜନର ୧୫ % ବୃଦ୍ଧି ପାଇଛି। ପ୍ରାୟ ୪୦ ହଜାର ନୂଆ ସ୍ନାୟୁ ଗଠିତ ହୋଇଛି। ଅନ୍ୟପକ୍ଷରେ ଗତାନୁଗତିକ ପରିବେଶର ଯନ୍ତା ମଧ୍ୟରେ ରହୁଥିବା ମୂଷାମାନଙ୍କର ମସ୍ତିଷ୍କର ଓଜନ ଅପରିବର୍ତ୍ତିତ ରହିଥିଲା। ଗବେଷକମାନେ ପରୀକ୍ଷାନିରୀକ୍ଷା କରୁଥିବା ମୂଷାମାନେ ସାଧାରଣତଃ ଦୁଇବର୍ଷ ବଞ୍ଚିଥା'ନ୍ତି। ଜୀବନର ଦ୍ୱିତୀୟ ବର୍ଷରେ ପ୍ରାୟ ଦଶମାସ ଧରି ପୂର୍ବବର୍ଣ୍ଣିତ ସମୃଦ୍ଧ ପରିବେଶରେ ଜୀବନଧାରଣ କରିଥିବା ମୂଷାମାନଙ୍କ କ୍ଷେତ୍ରରେ ସେମାନଙ୍କ ହିପୋକ୍ୟାମ୍ପସ୍‌ରେ (ମୁଖ୍ୟ ସ୍ମୃତିଭଣ୍ଡାର) ସ୍ନାୟୁସଂଖ୍ୟା ପାଞ୍ଚଗୁଣ ବୃଦ୍ଧି ପାଇଥିବାର ଦେଖାଗଲା। କେବଳ ସେତିକି ନୁହେଁ, ଏହି ମୂଷାମାନଙ୍କର ଶିକ୍ଷଣ ପ୍ରକ୍ରିୟା, ଉନ୍ନତ ଅନ୍ୱେଷଣ, ଗତିଶୀଳତା ଏବଂ ବୁଦ୍ଧିମତ୍ତାର ଅନ୍ୟସବୁ ସୂଚକ ମଧ୍ୟ ବେଶୀ ବିକଶିତ।

ଗେଜ୍‌ଙ୍କ ତତ୍ତ୍ୱକୁ ଆଧାର କରି ମନୁଷ୍ୟ ମସ୍ତିଷ୍କର ବିକାଶ ଏବଂ ବିଶେଷକରି ବାର୍ଦ୍ଧକ୍ୟ ଅବସ୍ଥାରେ ନବଯୌବନର ସମ୍ଭାବନା ସଂପର୍କରେ କ'ଣ କୁହାଯିବ? ପ୍ରଥମତଃ, ନୂତନ ସ୍ନାୟୁଗଠନ ଓ ମସ୍ତିଷ୍କରେ ଷ୍ଟେମ୍ ସେଲ୍‌ର ଗଠନ ପାଇଁ ସମୃଦ୍ଧ ପରିବେଶ ଅତ୍ୟାବଶ୍ୟକ। ଗତାନୁଗତିକ ଶିକ୍ଷଣ ଓ ରୁଟିନ୍‌ବନ୍ଧା ବ୍ୟବହାର ପରିବର୍ତ୍ତେ ନୂଆ କିଛି ଶିଖିବାର ଅଭୀପ୍ସା ଓ ଅଭିନବ ପରିବେଶ ଷ୍ଟେମ୍ ସେଲ୍ ଗଠନକୁ ତ୍ୱରାନ୍ୱିତ କରେ। ଶାରୀରିକ ବ୍ୟାୟମ ଏବଂ ଦ୍ରୁତଗତିରେ ଚାଲିବା ମଧ୍ୟ ଏ ଦିଗରେ ସହାୟକ ହୁଏ।

ନୂତନ ସ୍ନାୟୁର ଗଠନ ଏବଂ ଅଧିକ ସଂଖ୍ୟକ ଷ୍ଟେମ୍ ସେଲ୍ ଗଠନରେ ଯେଉଁ ଉପାଦାନଟି ସବୁଠାରୁ ଅଧିକ ଭୂମିକା ନିର୍ବାହ କରେ, ତାହା ହେଉଛି କୌଣସି ଏକ ଆହ୍ୱାନଭରା କାର୍ଯ୍ୟରେ ମନୋନିବେଶ କରିବା। ନୃତ୍ୟ କରିବା ଏବଂ ନୃତ୍ୟର ପରିକଳ୍ପନା କରିବା ଗୋଟିଏ ସୁନ୍ଦର ଉଦାହରଣ। ନୃତ୍ୟର ପରିକଳ୍ପନା ସମୟରେ ଅଙ୍ଗଚାଳନାର ମାନସିକ ଯୋଜନା ଏକ ଆହ୍ୱାନମୂଳକ (କଷ୍ଟକର କିନ୍ତୁ ଅସାଧ୍ୟ ନୁହେଁ) କାର୍ଯ୍ୟ। ଏହିପରି ସମଧର୍ମୀ କାର୍ଯ୍ୟରେ ନିମଗ୍ନ ରହୁଥିବା ବ୍ୟକ୍ତିମାନେ ବୟସାଧିକ୍ୟରେ ମଧ୍ୟ ତାରୁଣ୍ୟର ଅନୁଭବ ପାଆନ୍ତି। ଇସ୍ରାଏଲ୍‌ର ପ୍ରଥମ ପ୍ରଧାନମନ୍ତ୍ରୀ ବେନ୍-ଗୁରିଅନ୍ ଜୀବନର ଶେଷ ପର୍ଯ୍ୟାୟରେ ମୂଳ କ୍ଲାସିକ୍ ପଢ଼ିବା ପାଇଁ ଗ୍ରୀକ୍ ଭାଷା ଶିଖିବାକୁ ଆରମ୍ଭ କଲେ। ବେଞ୍ଜାମିନ୍ ଫ୍ରାଙ୍କଲିନ୍ ୭୮ବର୍ଷ ବୟସରେ ବାଇଫୋକାଲ୍ ଚଷମା ଉଦ୍‌ଭାବନ କଲେ। ନବେବର୍ଷ ବୟସରେ ହାର୍ଭାର୍ଡ୍ ଭଳି ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟରୁ ବିଏ ପାଶ୍ କରିବାର ଉଦାହରଣ ରହିଛି। ବିଶିଷ୍ଟ କୋଷବିଜ୍ଞାନୀ ପାବ୍‌ଲୋ କାସ୍‌ଲସ୍‌ଙ୍କୁ ୯୧ ବର୍ଷ ବୟସରେ ଗବେଷଣାଗାରରେ ଦେଖିବା ପରେ ତାଙ୍କୁ ଜଣେ ଛାତ୍ର ପଚାରିଲେ- ଆପଣ ଏ ବୟସରେ କ'ଣ କରୁଛନ୍ତି? ପାବ୍‌ଲୋ ବିନମ୍ର ସ୍ୱରରେ କହିଲେ- 'ମୁଁ ଦେଖୁଛି ମୁଁ ଅଗ୍ରସର ହେଉଛି।' ●

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

**ପ୍ରବୀର କୁମାର ପଟ୍ଟନାୟକ**

**ଦ୍ୱିତୀୟ-ବୁଦ୍ଧ କଥା**

ବୌଦ୍ଧକାଳରେ ଓଡ଼ିଶା ବୌଦ୍ଧଧର୍ମର ଅନ୍ୟତମ ମୁଖ୍ୟ କେନ୍ଦ୍ର ହୋଇପାରିଥିଲା। ଉଭୟ ଉପକୂଳ ଓଡ଼ିଶା ଅଥବା ପ୍ରାଚୀନ ଓଡ୍ର ଦେଶ ଅଞ୍ଚଳ, ଯାହାକି ପୁରୀଠାରୁ ତାମ୍ରଲିପ୍ତ ବା ତାମଲୁକ ପର୍ଯ୍ୟନ୍ତ ବ୍ୟାପୀ ରହିଥିଲା ଏବଂ ଦକ୍ଷିଣକୋଶଳ ଅଞ୍ଚଳ, ଯାହାକି ବଉଦ ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର ମହାନଦୀ ଅବବାହିକା - ଏସବୁ ପ୍ରସିଦ୍ଧ ବୌଦ୍ଧଧର୍ମ ତଥା ବୌଦ୍ଧ କୀର୍ତ୍ତିରାଜି ବ୍ୟାପି ରହିଥିବା ଅଞ୍ଚଳଭାବେ ପ୍ରସିଦ୍ଧି ଲାଭ କରିଥିଲା। ଦକ୍ଷିଣ କୋଶଳର ରାଜଧାନୀ ଶ୍ରୀପୁର (ଶିରପୁର) ଏକ ପ୍ରମୁଖ ବୌଦ୍ଧ କେନ୍ଦ୍ର ଭାବେ ଖ୍ୟାତି ଲାଭ କରିଥିଲା ଏବଂ ଏ ଅଞ୍ଚଳ ମଧ୍ୟ ପ୍ରସିଦ୍ଧ ବୌଦ୍ଧ ସନ୍ନ୍ୟାସୀ ନାଗାର୍ଜୁନଙ୍କ ରହଣିସ୍ଥଳ ଥିଲା। ମହାନଦୀର ଉଭୟତଟରେ ରହିଥିବା ଅଞ୍ଚଳଗୁଡ଼ିକରେ ବହୁ ବୌଦ୍ଧ କୀର୍ତ୍ତିରାଜି ରହିଥିଲା ଏବଂ ଏବେ ମଧ୍ୟ ଅନାବିଷ୍କୃତ ଭାବରେ ଅନେକ ମାଟିତଳେ ଓ ନଦୀ ଭିତରେ ରହିଛି। ବ୍ୟାପକଭାବେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରାଯାଇ ବିଭିନ୍ନ ବୌଦ୍ଧ ସ୍ଥାନ, କୀର୍ତ୍ତିରାଜି, କଳା ଓ ସ୍ଥାପତ୍ୟର ଅନୁସନ୍ଧାନ ତଥା ଉଦ୍ଧାର କରାଯିବାର ଜରୁରୀ ଅବଶ୍ୟକତା ଏବେ ମଧ୍ୟ ରହିଛି।

ସେହିଭଳି ସମ୍ବଳ, ଲଙ୍କାପୁରୀ, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଓ ଇନ୍ଦ୍ରଭୂତିଙ୍କ ପୋଷ୍ୟ ପୁତ୍ର ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଆଦି ସମ୍ପର୍କରେ ଅଧିକ ସ୍ଥାନୀୟ ଗବେଷଣାର ମଧ୍ୟ ଆବଶ୍ୟକତା ରହିଛି। ଏହାଫଳରେ ଏସବୁ ପ୍ରସଙ୍ଗ ସମ୍ପର୍କରେ ନୂତନ ତଥ୍ୟ ଲୋକଲୋଚନକୁ ଆସିପାରିବ। ପଦ୍ମସମ୍ଭବଙ୍କ ନିଜର ଜନ୍ମସ୍ଥାନ ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲାର ଲଖଣପୁର ଅଞ୍ଚଳର ପଦ୍ମପୁର ବୋଲି ଚିହ୍ନଟ କରାଯାଇଛି। ସେହିଭଳି ରାଜା ଇନ୍ଦ୍ରଭୂତିଙ୍କ ଜତୁମତୀ ରାଜପ୍ରାସାଦ, ଯାହାର ଅବସ୍ଥିତିକୁ ବୁର୍ଲା ହୀରାକୁଦ ଅଞ୍ଚଳରେ ଠାବ କରାଯାଇଛି। ଏହି ଉଭୟ ସ୍ଥାନ ବର୍ତ୍ତମାନ ମହାନଦୀରେ ହୀରାକୁଦ ନଦୀବନ୍ଧର ଜଳଭଣ୍ଡାର ମଧ୍ୟରେ ବୁଡ଼ି ଯାଇଥିବାରୁ ଗବେଷଣା ପାଇଁ ଅତ୍ୟନ୍ତ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ମାତ୍ର ଆଧୁନିକ ଜ୍ଞାନକୌଶଳ ପ୍ରୟୋଗରେ ଏସବୁ କାର୍ଯ୍ୟ ସମ୍ଭବ ହୋଇପାରିବ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏ ଦିଗରେ ଅଧିକ ବାସ୍ତବବାଦୀ ପଦକ୍ଷେପ ନେବା ସର୍ବାଦୌ ଜରୁରୀ।

ଏହା କିନ୍ତୁ ଦୃଢ଼ ଭାବେ ପ୍ରମାଣସିଦ୍ଧ ଯେ ଓଡ଼ିଶା ହେଉଛି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର। ଅବିଭକ୍ତ ସମ୍ବଲପୁର ହେଉଛି ପ୍ରାଚୀନ ସମ୍ବଳ ରାଜ୍ୟ ଏବଂ ସେହିଭଳି ସୋନପୁର ବା ସୁବର୍ଣ୍ଣପୁର ହେଉଛି ପ୍ରାଚୀନ ଲଙ୍କାପୁରୀ। ଏହିତଥ୍ୟ ସର୍ବମାନ୍ୟ ହେବା ସହ ଏହି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର ସହ ସଂପୃକ୍ତ ସମ୍ବଳ, ଲଙ୍କାପୁରୀ, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଓ ପଦ୍ମସମ୍ଭବ ଏସବୁ ପ୍ରସଙ୍ଗ ମାଧ୍ୟମିକ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଆଯିବା ଆବଶ୍ୟକ। ଏସବୁ ପ୍ରସଙ୍ଗ ଓଡ଼ିଆ ଅସ୍ମିତା, ଏପରିକି ଜାତୀୟ ଅସ୍ମିତା ସହ ସମ୍ପର୍କିତ। ଉଡ୍ଡୀୟାନ ତଥା ପୃଥିବୀ ପ୍ରସିଦ୍ଧ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ପ୍ରସଙ୍ଗକୁ ବିବାଦୀୟ କରାଯାଇଥିବାରୁ ଆମେ ଭାରତବାସୀ ଓ ଓଡ଼ିଶାବାସୀ ଦୃଢ଼ ଭାବେ ଉପରୋକ୍ତ ତଥ୍ୟକୁ ସମସ୍ୱରରେ ସ୍ୱୀକାର କରି ଦୃଢ଼ ଭାବେ ଏହାର ସମର୍ଥନ କରିବା ଆବଶ୍ୟକ।

ଏହିସବୁ ପ୍ରସଙ୍ଗର ବ୍ୟାପକ ପ୍ରଚାର ପ୍ରସାର ମଧ୍ୟ ଆବଶ୍ୟକ ଅନ୍ତର୍ଜାତୀୟ ସ୍ତରରେ, ଜାତୀୟ ସ୍ତରରେ ଓ ରାଜ୍ୟ ସ୍ତରରେ। ପ୍ରଚାର ପ୍ରସାର ବ୍ୟତୀତ ଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ବିଶାଳ ସ୍ମୃତି ସ୍ଥଳ ବିଭିନ୍ନ ସ୍ଥାନରେ ମଧ୍ୟ ଆବଶ୍ୟକ। ଜନ୍ମସ୍ଥାନ ପଦ୍ମପୁର, ସମ୍ବଲପୁର, ମହାପରିନିର୍ବାଣ ସ୍ଥଳ ଉଦୟଗିରି ଓ ସର୍ବୋପରି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏଭଳି ସ୍ମୃତିସ୍ଥଳ ନିର୍ମାଣର ଆବଶ୍ୟକତା ରହିଛି। ସବୁସ୍ତରରେ ଲୋକମାନେ ଗୁରୁ ପଦ୍ମସମ୍ଭବଙ୍କ ସମ୍ପର୍କରେ ଜାଣିପାରିବା ପାଇଁ ଗଣସାହିତ୍ୟ ଭଳି ଛାପା ପୁସ୍ତକମାନ ବହୁସଂଖ୍ୟାରେ ପ୍ରକାଶ ପାଇବା ଆବଶ୍ୟକ। ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ପୁସ୍ତକାଳୟଗୁଡ଼ିକରେ ଗୁରୁ ପଦ୍ମସମ୍ଭବଙ୍କ ସଂପର୍କିତ ଇଂରାଜୀ ଓ ଓଡ଼ିଆ ପୁସ୍ତକମାନ ମଧ୍ୟ ଅଧିକ ସଂଖ୍ୟାରେ ରଖାଯିବାର ଆବଶ୍ୟକତା ରହିଛି। ବୌଦ୍ଧ ପର୍ଯ୍ୟଟକମାନେ ଯେପରି ଗୁରୁ ପଦ୍ମସମ୍ଭବଙ୍କ ଓଡ଼ିଶାରେ ରହିଥିବା ସଂପର୍କିତ ସ୍ଥଳ, ଯେପରିକି - ଜନ୍ମସ୍ଥାନ ଝାରସୁଗୁଡ଼ାର ପଦ୍ମପୁର, ପୋଷ୍ୟପୁତ୍ର ହେବା ପରେ ନୂତନ ସ୍ୱସ୍ଥାନ ସମ୍ବଲପୁର, ସିଦ୍ଧିସ୍ଥଳ ବିରଜାକ୍ଷେତ୍ର, ଅଧ୍ୟୟନସ୍ଥଳ ରତ୍ନଗିରି ଓ ମହାପରିନିର୍ବାଣ ସ୍ଥଳ ଉଦୟଗିରି ବିଷୟରେ ସବିଶେଷ ତଥ୍ୟ ସାର୍ବଜନୀନ ହେବା ଆବଶ୍ୟକ, ଯାହାଦ୍ୱାରା ପର୍ଯ୍ୟଟକମାନେ ସେହିସବୁ ସ୍ଥାନ ଭ୍ରମଣ କରିପାରିବେ। ସେମାନଙ୍କର ସୂଚନା ନିମନ୍ତେ ଆବଶ୍ୟକୀୟ ଛାପା ତଥ୍ୟ ଓ ସୂଚନା ପୁସ୍ତିକାମାନ ଉପଲବ୍ଧ ହେବା ସହ ଏହି ସ୍ଥାନ ଭ୍ରମଣ ନିମିତ୍ତ ସୁବନ୍ଦୋବସ୍ତର ମଧ୍ୟ ଆବଶ୍ୟକତା ରହିଛି। (ସମାପ୍ତ)

'ଓଁ ଆହ୍ ହୂମ୍ ବଜ୍ର ଗୁରୁ ପଦ୍ମ ସିଦ୍ଧି ହୂମ।' / 'ଓଁ ଆହ୍ ହୁଙ୍ଗ ବେଞ୍ଜା ଗୁରୁ ପେମା ସିଦ୍ଧି ହୂମ୍।' ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୮୩ କଇଁଛ ଉଦ୍ଧାର, ୨ ଗିରଫ

ଡାବୁଗାଁ, ୯।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବନବିଭାଗ ୮୩ଟି କଇଁଛ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଡାବୁଗାଁ ବନାଞ୍ଚଳ ଅଧୀନ ମଇଦଲପୁର ସେକ୍ସନ ଅଧୀନ ଡାବୁଗାଁ ମଇଦଲପୁର ମୁଖ୍ୟ ରାସ୍ତାରେ ଏକ ନଦୀ ପାଖରେ ଡାବୁଗାଁ ଅଭିମୁଖେ ଆସୁଥିବା ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେମାନେ କଳାହାଣ୍ଡି ଜିଲ୍ଲାରୁ କଇଁଛ ଆଣି ଉମରକୋଟକୁ ବିକ୍ରି ପାଇଁ ନେଉଥିଲେ। ବନ ବିଭାଗ ଅଧିକାରୀମାନେ ଜବତ କଇଁଛ ସହ ୨ ଯୁବକଙ୍କୁ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ସେମାନଙ୍କ ପାଖରୁ ୮୩ଟି କଇଁଛ ଜବତ ହୋଇଥିଲା। ଗିରଫ ଯୁବକଦ୍ୱୟ ହେଲେ, ଡାବୁଗାଁ ଥାନା ଅଧୀନ ଚାଟିଗୁଡ଼ା ଗ୍ରାମର ପବିତ୍ର ସରକାର (୩୦) ଓ ରାମ ପ୍ରସାଦ ସରକାର(୩୪)। ଉଦ୍ଧାର କଇଁଛଗୁଡ଼ିକ ଇନ୍ଦ୍ରାବତୀ ଡ୍ୟାମରେ ଛଡ଼ାଯିବ ବୋଲି ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି। ଚଢ଼ଉରେ ମଇଦଲପୁର ମଧୁସୂଦନ ପାତ୍ର, ବନରକ୍ଷୀ ଉମାଶଙ୍କର ମିଶ୍ର, ବସନ୍ତ କୁମାର ନାୟକ ଓ ଅନ୍ୟ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସାତକୋଶିଆ ଗଣ୍ଡରେ କୁମ୍ଭୀର ଗଣନା

ବୌଦ୍ଧ, ୯।୧(ସମିସ): ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ସାତକୋଶିଆ ଗଣ୍ଡରେ ୩ ଦିନ ଧରି କୁମ୍ଭୀର ଗଣନା କରାଯାଇଛି। କୁସଙ୍ଗ ରେଞ୍ଜ ଅଧିକାରୀ ସଂସାର ବର୍ଗିଆଙ୍କ ନେତୃତ୍ୱରେ ୩ଟି ମାଛଧରା ଡଙ୍ଗା ସାହାଯ୍ୟରେ ବିଭାଗର ୩ଟି ଟିମ୍ ଏଥିରେ ସାମିଲ ହୋଇଥିଲେ। ମାରଡ଼ାରୁ ଶୀତଳପାଣି ପର୍ଯ୍ୟନ୍ତ ଗଣନାରେ ଘଡ଼ିଆଳ କୁମ୍ଭୀର ରିସର୍ଚ୍ଚ ପରସନ ଅସରାଜ ଖାନ, ଆରସିସିଏଫ ଅଫିସରୁ ଆସିଥିବା ରୁଦ୍ରନାରାୟଣ ପ୍ରଧାନ ଓ ସୀତଳପାଣି ବିଟ୍ ଫରେଷ୍ଟର ସଞ୍ଜୟ



ରାଉତ ସାମିଲ ହୋଇଥିଲେ। ସେହିଭଳି ଶୀତଳପାଣିଠାରୁ ହରଭଙ୍ଗା ପର୍ଯ୍ୟନ୍ତ ଗଣନାରେ ଫରେଷ୍ଟର୍ ପ୍ରତାପ ସେଠୀ, ୱାଚର୍ ଲବ ଦେହୁରୀ ସାମିଲ ହୋଇଥିଲେ। ହରଭଙ୍ଗାଠାରୁ ଅଏଡା ମହାନଦୀ ଅଞ୍ଚଳରେ ଫରେଷ୍ଟର ପ୍ରଭାକର ସାହୁ, ଅକ୍ଷୟ ସାହୁଙ୍କ ସମେତ ନାଉରିଆ ନିୟୋଜିତ ହୋଇଥିଲେ। କ୍ୟାମେରା ଓ ଦୂରବୀକ୍ଷଣ ଯନ୍ତ୍ର, ଜିପିଏସ୍ ସହାୟତାରେ ଏହି ଗଣନା କରାଯାଇଛି। ମହାନଦୀର ଗଭୀର ଜଳରାଶି, ବାଲି, ନଦୀକୂଳ, ଗଣ୍ଡରେ ଏହି ଘଡ଼ିଆଳ, ଗୋମୁହଁ, ମଗର ପ୍ରଜାତିର କୁମ୍ଭୀର ଗଣନା କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିନା ଅକଲରେ...

ପୂର୍ବରୁ କେନ୍ଦ୍ର ସରକାର ଏମ୍‌ଭି ଆକ୍ଟରେ ସଂଶୋଧନ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର (ପିୟୁସିସି) ନ ଥିଲେ ଗାଡ଼ି ମାଲିକଙ୍କୁ ୧୦ ହଜାର ଟଙ୍କା ଜରିମାନା କରିବାର ବ୍ୟବସ୍ଥା କରିଥିଲେ। ମାତ୍ର ପରିବହନ ବ୍ୟବସ୍ଥା ସମ୍ବିଧାନର ଯୁଗ୍ମ ତାଲିକା (ଉଭୟ ରାଜ୍ୟ ଓ କେନ୍ଦ୍ର ନିଷ୍ପତ୍ତି ପରିସରଭୁକ୍ତ) ହୋଇଥିବାରୁ ପ୍ରାୟ ସବୁ ରାଜ୍ୟରେ ଏହି ଜରିମାନା ରାଶିକୁ କମ୍ କରିବା ପାଇଁ ଅନେକ ରାଜ୍ୟ ପଦକ୍ଷେପ ନେଇଛନ୍ତି। ଦିଲ୍ଲୀ ବ୍ୟତୀତ ଦେଶର ଅଧିକାଂଶ ବଡ଼ ରାଜ୍ୟରେ ବର୍ତ୍ତମାନ ପିୟୁସିସି ନ ଥିଲେ ପ୍ରଥମ ଜରିମାନା ରାଶି ୧ ହଜାର ଟଙ୍କା ରଖାଯାଇଛି। ଯଦି ଜଣେ ଚାଳକ ଗୋଟିଏ ଥର ଏହି ନିୟମ ଉଲ୍ଲଂଘନ କରନ୍ତି ତାଙ୍କୁ ୧ ହଜାର ଓ ଦ୍ୱିତୀୟ ଥର ପାଇଁ କିଛି ରାଜ୍ୟରେ ପଶ୍ଚିମବଙ୍ଗ, କେରଳ ଆଦିରେ ୧୫୦୦ ଟଙ୍କା ଓ ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜୁରାଟ, ରାଜସ୍ଥାନ ଓ ତେଲେଙ୍ଗାନା ଆଦିରେ ୨ ହଜାର ଟଙ୍କା ରଖାଯାଇଛି। ଏହାବ୍ୟତୀତ ଅନ୍ୟ କିଛି ରାଜ୍ୟରେ ଉଭୟ ପ୍ରଥମ ଓ ଦ୍ୱିତୀୟ ଉଲ୍ଲଂଘନ ପାଇଁ ୧୦୦୦ ଟଙ୍କା ଜରିମାନା ରାଶି ଧାର୍ଯ୍ୟ ହୋଇଛି। ଏହା ସତ୍ତ୍ୱେ ସରକାର ଅନ୍ୟ ରାଜ୍ୟଗୁଡ଼ିକର ଉଦାହରଣ ନ ନେଇ ପ୍ରଦୂଷଣ ଦୃଷ୍ଟିରୁ ଦିଲ୍ଲୀ ଭଳି ସମ୍ବେଦନଶୀଳ ରାଜ୍ୟର ଜରିମାନା ପନ୍ଥାକୁ କାହିଁକି ଆଦର୍ଶ ମଣିଲେ ତାହା ବୁଝା ପଡୁନାହିଁ।

ଦିଲ୍ଲୀ ପ୍ରଦୂଷଣକୁ ନେଇ ଅନେକ ଗବେଷଣା ହୋଇଛି। ବ୍ୟସ୍ତ ଟ୍ରାଫିକ୍ ଓ ଅସଂଖ୍ୟ ଗାଡ଼ିର ଧୂଆଁ ଦିଲ୍ଲୀ ସମସ୍ୟାର ପ୍ରମୁଖ କାରଣ ବୋଲି ରିପୋର୍ଟ ଆସିଛି। ଯେଉଁଥିପାଇଁ ଦିଲ୍ଲୀରେ ଏନେକ ସମୟରେ ଯୁଗ୍ମ-ଅଯୁଗ୍ମ ବ୍ୟବସ୍ଥା ଲାଗୁ କରିବା ସହ ଡିଜେଲ ଚାଳିତ ଗାଡ଼ି ଚାଳନା ଉପରେ କଟଣା ଲଗାଯାଉଛି। ମାତ୍ର ଓଡ଼ିଶାରେ ଗାଡ଼ି ଚାଳନା ଯୋଗୁଁ କେତେ ପ୍ରତିଶତ ପ୍ରଦୂଷଣ ହେଉଛି, ସେନେଇ କୌଣସି ଗବେଷଣା କରାଯାଇଯାଇ ନାହିଁ। ଗାଡ଼ି ଚାଳନା ବ୍ୟତୀତ ଅନ୍ୟ କ୍ଷେତ୍ରଗୁଡ଼ିକରୁ ବହୁମାତ୍ରାରେ ପ୍ରଦୂଷଣ ହେଉଥିଲେ ମଧ୍ୟ ପରିବହନ ବିଭାଗ କେବଳ ସାଧାରଣ ଗାଡ଼ି ଚାଳକଙ୍କ ଉପରେ ଦାଉ ସାଧୁଛନ୍ତି। ଏବେ ଏହାକୁ ଚାରି ଆଡୁ ବିରୋଧ ସହ ସାଧାରଣ ଲୋକେ ସରକାରଙ୍କୁ ପ୍ରବଳ ସମାଲୋଚନା କରୁଛନ୍ତି। ଲୋକଙ୍କ ସମାଲୋଚନା ପରେ ସରକାର ବାରମ୍ବାର ଏହି କଟକଣା ଲାଗୁ ଅବଧିକୁ ଘୁଞ୍ଚାଇ ଚାଲିଛନ୍ତି। ଏହାସହିତ ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ଜରିମାନା କଷିବା ସରକାର ଯେଉଁ ଉଦ୍ୟମ କରିଥିଲେ, ସେଥିରେ ମଧ୍ୟ ରୋକ୍ ଲଗାଇବାକୁ ବାଧ୍ୟ ହୋଇଛନ୍ତି। ଚାରି ଆଡୁ ଚାପ ପରେ ବିଭାଗୀୟ ମନ୍ତ୍ରୀ ଶ୍ରେୟ ନେବା ପାଇଁ ଜରିମାନା ରାଶି କମ୍ କରିବା ପାଇଁ ବିଚାର କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପୂର୍ବରୁ ଏକାଧିକ ରାଜ୍ୟ ଏକ୍ଷେତ୍ରରେ ପଦକ୍ଷେପ ନେଇ ନିଜ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଥିବା ବେଳେ ଓଡ଼ିଶା ସରକାର କାହିଁକି ଏମିତି ଜରିମାନା ଆଦାୟ ମନୋଭାବ ଆପଣାଇଥିଲେ ତାକୁ ନେଇ ଏବେ ବି ବିଭାଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ରାଜ୍ୟ ସରକାର ...

ଅଧିକାରୀଙ୍କ ଉପସ୍ଥିତି ବିନା କେବଳ 'ଇ-ଚିହ୍ନଟ' ମାଧ୍ୟମରେ ଜାରି କରାଯାଇଥିଲା। ମୋଟର ଯାନ ଆଇନର ଧାରା ୧୧୬ ଅନୁଯାୟୀ ପ୍ରଦୂଷଣ ଯାଞ୍ଚ ପାଇଁ ପୂର୍ବରୁ କୌଣସି ନୋଟିସ ଦିଆଯାଇନଥିଲା ଯାହା ବେଆଇନ। ସେହିଭଳି ଚାଲାଣ କଟାଯିବାର ୭ ଦିନ ଭିତରେ ତଥା ଡିସେମ୍ବର ୨୮ରେ ଗାଡ଼ିର ପ୍ରଦୂଷଣ ଯାଞ୍ଚ କରାଯିବାରୁ ଏହା ସମସ୍ତ ନିୟମ ମଧ୍ୟରେ ଥିବା ଜଣାପଡ଼ିଥିଲା। ତେଣୁ ଗାଡ଼ିଟି ପ୍ରଦୂଷଣ ନିୟମ ଭାଙ୍ଗିନଥିବା ସତ୍ତ୍ୱେ କେବଳ ପ୍ରମାଣପତ୍ର ନଥିବାରୁ ଏତେ ପରିମାଣର ଜରିମାନା ଆଦାୟ କରିବା ଅଯୌକ୍ତିକ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଇ-ଚିହ୍ନଟ ଜରିଆରେ ଏଭଳି ଜରିମାନା ଆଦାୟ ପାଇଁ କୌଣସି ନିୟମ ନଥିବା ବେଳେ ଏହା ବେଆଇନ ଅଟେ। ସେହିଭଳି ଠୋସ କାରଣ ନଥାଇ ସିଧାସଳଖ ୧୦,୦୦୦ ଟଙ୍କାର ଜରିମାନା ଲଗାଯିବା ସରକାରୀ କ୍ଷମତାର ଅପବ୍ୟବହାର ବୋଲି ଆବେଦନକାରୀ ଉଲ୍ଲେଖ କରିଛନ୍ତି। ଏଣୁ ଏହି ଚାଲାଣକୁ ରଦ୍ଦ କରିବା ସହ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ପରିବହନ ସଚିବ, ପରିବହନ କମିଶନର ଏବଂ ଅତିରିକ୍ତ ପରିବହନ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ରଜିତ ରୟ ଓ ସହସ୍ରାଂଶୁ ସୌରଭ ଏହି ମାମଲାକୁ ପରିଚାଳନା କରୁଛନ୍ତି। ଆସନ୍ତା ଜାନୁଆରି ୩୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

## ଅପରିପକ୍ୱ ନୀତି...

ପ୍ରମାଣ ପତ୍ର ପାଇଁ ଲୋକେ ଭୋଗୁଥିବା ସମସ୍ୟା ସମ୍ପର୍କରେ ନିଜ 'ଏକ୍ସ' ଏକାଉଣ୍ଟରେ ଉଲ୍ଲେଖ କରି ନବୀନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି, ୨୦୨୬ ଜାନୁଆରୀ ୧ ତାରିଖରୁ ସରକାର ଏହି ନିୟମ ଲାଗୁ କରିବା ପାଇଁ ଘୋଷଣା କରିବା ପରେ ରାଜ୍ୟର ବିଭିନ୍ନ ପିୟୁସିସି ପରୀକ୍ଷଣ କେନ୍ଦ୍ରରେ ପ୍ରବଳ ଭିଡ଼ ସୃଷ୍ଟି ହୋଇଛି। ଏହି ନିୟମ ଲାଗୁ କରିବା ପୂର୍ବରୁ ବିଜେପି ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ପ୍ରସ୍ତୁତି କରା ଯାଇ ନ ଥିଲା। ପିୟୁସିସି ପରୀକ୍ଷଣ କେନ୍ଦ୍ରର ସଂଖ୍ୟା ବୃଦ୍ଧି, ଆଗୁଆ ପରିକଳ୍ପନା କିମ୍ବା ଆବଶ୍ୟକ ସଚେତନତା ଅଭିଯାନ କରିବା ଦିଗରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ସତ୍ତ୍ୱେ ସରକାର ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଏହାକୁ ନେଇ ଲୋକଙ୍କ ଅସନ୍ତୋଷ ବଢ଼ିବା ପରେ ସରକାର ବାରମ୍ବାର ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହେଉଛନ୍ତି। ପ୍ରଥମେ ଫେବୃଆରୀ ୧ ଓ ପରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନୂଆ ନିୟମ କାର୍ଯ୍ୟକାରୀ କରାଯିବା ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଥିଲା। ଏବେ ପୁଣି ଏପ୍ରିଲ୍ ୧ ପର୍ଯ୍ୟନ୍ତ ଜରିମାନା ଆଦାୟ ନ କରିବାକୁ ଘୋଷଣା କରାଯାଇଛି। ଏହାସହିତ ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ୍ ବ୍ୟବସ୍ଥାକୁ ମଧ୍ୟ ବନ୍ଦ ରଖିବା ପାଇଁ ସରକାର ଘୋଷଣା କରିଛନ୍ତି।

ନବୀନ କହିଛନ୍ତି, ପରିବେଶ ସୁରକ୍ଷାର ଆବଶ୍ୟକତା ରହିଛି; ମାତ୍ର ଓଡ଼ିଶାର ଲୋକେ ଏହାଠାରୁ ଭଲ ଶାସନ ପାଇବାର ଅଧିକାରୀ ବୋଲି ନବୀନ କହିଛନ୍ତି। ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ ଆବଶ୍ୟକ ହେଲେ ମଧ୍ୟ ଏହା ସାଧାରଣ ନାଗରିକଙ୍କୁ ହଇରାଣ କରିବାର ମାଧ୍ୟମ ହେବା ଉଚିତ୍ ନୁହେଁ। ବିଜୁ ଜନତା ଦଳ ସବୁ ସମୟରେ ଲୋକଙ୍କ ସହ ରହିଛି। ତେଣୁ ଏହି ଅବ୍ୟବସ୍ଥା ବିରୋଧରେ ଦଳ ନିଜର ସ୍ୱର ଶାଣିତ କରିଛି। ସରକାର ପିୟୁସିସି ପରୀକ୍ଷଣ ବ୍ୟବସ୍ଥାକୁ ସରଳ କରିବା, କେନ୍ଦ୍ର ସଂଖ୍ୟା ବଢ଼ାଇବା ଓ ଏହି ସମୟରେ ଅନ୍ୟାୟ ଭାବେ କୌଣସି ଜରିମାନା ଲାଗୁ ନ କରନ୍ତୁ। ଏହି ଭୁଲ୍‌ରୁ କିଛି ଶିଖିବା ଏବଂ ହଠାତ୍ ନିଷ୍ପତ୍ତି ନେବା ପରିବର୍ତ୍ତେ ଓଡ଼ିଶାର ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ରାଜ୍ୟ ସରକାରଙ୍କୁ ନବୀନ ଅନୁରୋଧ କରିଛନ୍ତି।

## ମମତାଙ୍କ ମହାରାଲି...

ନାହିଁ। ବିଜେପି ଜବରଦସ୍ତି ବହୁ ରାଜ୍ୟରେ କ୍ଷମତା ଦଖଲ କରିଛି। ଏବେ ପଶ୍ଚିମବଙ୍ଗରେ ପ୍ରୟାଶ କରୁଛି ବୋଲି ସେ କହିଥିଲେ। କୋଇଲା ଦୁର୍ନୀତିରେ ଦିଲ୍ଲୀର ବରିଷ୍ଠ ବିଜେପି ନେତାଙ୍କ ନିକଟକୁ ଟଙ୍କା ପହଞ୍ଚିଛି ଓ ଏହାର ପ୍ରମାଣ ମୋ ପାଖରେ ରହିଛି। ଆବଶ୍ୟକ ପଡିଲେ ଏହାକୁ ସାର୍ବଜନୀନ କରିବି ବୋଲି ସେ କହିଛନ୍ତି। ସେପଟେ କୋଲକାତା ହାଇକୋର୍ଟରେ ପ୍ରବଳ ଭିଡ଼ କାରଣରୁ ଇଡିର ଆବେଦନ ଶୁଣାଣିକୁ ସ୍ଥଗିତ ରଖାଯାଇଛି।

ସେହିପରି ସକାଳେ ଦିଲ୍ଲୀର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟବାହାରେ ୮ ଜଣ ଟିଏମ୍‌ସି ସାଂସଦ ପ୍ରଦର୍ଶନ କରିଥିଲେ। ଡେରେକ ଓ'ବ୍ରାଏନ, ମହୁଆ ମୋଇତ୍ର ଓ କୀର୍ତ୍ତି ଆଜାଦ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା। ସାଂସଦମାନେ ସ୍ଲୋଗାନ ଦେଇଥିଲେ ଯେ, 'ମୋଦୀ-ଶାହାଙ୍କ ମନ୍ଦ ଉଦ୍ଦ୍ୟେଶ ଓ ଚାଲ ପଶ୍ଚିମବଙ୍ଗରେ କାମ ଦେବନି'। ଦିଲ୍ଲୀ ପୁଲିସ ସାଂସଦମାନଙ୍କୁ ହଟାଇବାକୁ ପ୍ରୟାସ କରିଥିଲା। ଧସ୍ତାଧସ୍ତି ମଧ୍ୟ କିଛି ସାଂସଦ ତଳେ ପଡିଯାଇଥିଲେ। ପୁଲିସ ସାଂସଦମାନଙ୍କୁ ସକାଳ ୧୦ଟରେ ଅଟକ ରଖି ମଧ୍ୟାହ୍ନ ୧୨ଟାରେ ଛାଡିଦେଇଥିଲା। ନିର୍ବାଚିତ ସାଂସଦଙ୍କ ଉପରେ କିପରି ବ୍ୟବହାର କରାଯାଉଛି ତାହା ଦେଖନ୍ତୁ ବୋଲି ମୋହୁଆ କହିଥିଲେ। ଏହି କାର୍ଯ୍ୟାନୁଷ୍ଠାନ ପରେ ମମତା ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, 'ଆମ ସାଂସଦମାନଙ୍କ ପ୍ରତି ହୋଇଥିବା ଲଜ୍ଜାଜନକ ବ୍ୟବହାରକୁ ମୁଁ ଦୃଢ଼ ନିନ୍ଦା କରୁଛି'। ଗୃହମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବାହାରେ ପ୍ରତିବାଦ କରିବାର ଗଣତାନ୍ତ୍ରିକ ଅଧିକାରର ବ୍ୟବହାର କରିବା ପାଇଁ ନିର୍ବାଚିତ ପ୍ରତିନିଧିଙ୍କୁ ରାସ୍ତାକୁ ଟାଣିଆଣିବା ଆଇନ୍‌ର ଉଲ୍ଲଂଘନ ବୋଲି ବୋଲି ସେ କହିଛନ୍ତି।

## ରେକର୍ଡ ଭାଙ୍ଗୁଛି...

ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

୨୦୧୪ ମସିହାରୁ ଶିମିଳିପାଳରେ ତାପମାତ୍ରା ରେକର୍ଡ ହେଉଥିବା ବେଳେ ୧୩ବର୍ଷ ମଧ୍ୟରେ ତାପମାତ୍ରା ବିଯୁକ୍ତକୁ କେବେ ଖସି ନଥିଲା। ଏଥିଯୋଗୁଁ ଉପରବାରହାକାମୁଡା ସଂଲଗ୍ନ ଅଞ୍ଚଳର ବିଭିନ୍ନ ସ୍ଥାନରେ ତୁହିନର ଆସ୍ତରଣ ଦେଖାଦେଇଛି। ଅପରପକ୍ଷେ, ଏପରି ହାଡ଼ଭଙ୍ଗା ଶୀତର ପ୍ରକୋପ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲ୍ଲାବ୍ୟାପୀ ଦେଖିବାକୁ ମିଳିଛି। ଶୀତର ପ୍ରକୋପରେ ଜିଲ୍ଲାବାସୀ ଅସମ୍ଭାଳ ହୋଇପଡ଼ିଛନ୍ତି। ବିଶେଷକରି, ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ଅସହ୍ୟ ଜାଡ଼ରେ କଲବଲ ହେଉଥିବା ଦେଖିବାକୁ ମିଳୁଛି।

ସେହିପରି ଅଭୟାରଣ୍ୟର ଚହଲା ଓ ଗୁଡୁଗୁଡିଆରେ ୨ଡିଗ୍ରୀ, ବରେହିପାଣିରେ ୫ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୯ଡିଗ୍ରୀ ଏବଂ କିଆଝରୀରେ ୧୦ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୫ରୁ ୧୦ଡିଗ୍ରୀ ପାଖାପାଖି ରହୁଛି। ଅବାଧ ଗଛକଟା ଓ ଖଣି ଖନନ ଯୋଗୁଁ ଏହାର ପ୍ରଭାବ ଜିଲ୍ଲାବାସୀଙ୍କ ଉପରେ ପଡୁଛି। ଯାହାକୁ ନେଇ ଶୀତ ଦିନେ ପ୍ରବଳ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ପୂର୍ବବତ୍ ଜି ଉଦୟଗିରିରେ ପାରଦ ୨ ଡିଗ୍ରୀ ତଳେ ରହିଛି। ଗତ ୨୪ ଘଣ୍ଟାରେ ଏଠାରେ ତାପମାତ୍ରା ୨.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲାରେ ତାପମାତ୍ରା ୩.୬ ଡିଗ୍ରୀ ରହିଛି। ଏହି ତାପମାତ୍ରା ସହ ରାଜ୍ୟର ମୋଟ୍ ୨୫ ଟି ସହରରେ ପାରଦ ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରେକର୍ଡ କରାଯାଇଛି। ଏଥିରେ ସେମିଳିଗୁଡ଼ା ୪.୧, ଝାରସୁଗୁଡ଼ା ୪.୬ ଓ ଫୁଲବାଣୀରେ ତାପମାତ୍ରା ୫ ଡିଗ୍ରୀ ରେକର୍ଡ ହୋଇଛି। ଝାରସୁଗଡ଼ାରେ ଏବେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୭.୨ ଡିଗ୍ରୀ ତଳେ ରହିଛି। ଏନ୍ୟପଟେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ସ୍ଥିତି ଗମ୍ଭୀର ହଇଛି। ଆଜି ୯.୪ ଡିଗ୍ରୀ ସହ ଭୁବନେଶ୍ୱରରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି। ଏହା ସହ କଟକରେ ତାପମାତ୍ରା ୮.୬ ଡିଗ୍ରୀ ରେକର୍ଡ ହୋଇଛି। ଏହି ତାପମାତ୍ରା ସହ ରାଜଧାନୀ ଭୁବନେଶ୍ୱରରେ ଦୁଇଦିନ ଧରି ଚତୁର୍ଥ ସର୍ବନିମ୍ନ ତାପମାତ୍ରା ରେକର୍ଡ ହେବା ସାଙ୍ଗକୁ କଟକରେ ଜାନୁଆରୀ ମାସର ତଥା ସର୍ବକାଳୀନ ପଞ୍ଚମ ସର୍ବନିମ୍ନ ରାତ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫-୬ ଡିଗ୍ରୀ କମ୍ ରହିଥିବା ବେଳେ କଟକରେ ଏହା ୪-୯ ଡିଗ୍ରୀ କମ୍ ରେକର୍ଡ କରାଯାଇଛି।

ରବିବାର ସକାଳ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ଶୀତର ପ୍ରଭାବ ଜାରି ରହିବ। ଏହା ପରେ ତାପମାତ୍ରା କିଛି ମାତ୍ରାରେ ବୃଦ୍ଧି ଘଟିବା ହେତୁ ଶୀତ ସାମାନ୍ୟ ହ୍ରାସ ହେବ। ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ଢେଙ୍କାନାଳରେ ପ୍ରବଳ ଶୀତ ଆଶଙ୍କା କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ଶୀତ ଲହରୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ସତର୍କତା ଜାରି କରିଛି।

## ଓସ୍କାର ଦୌଡ଼ରେ...

'କାନ୍ତାରା ଚାପ୍ଟର-୧' ଓ ଅନୁପମ ଖେରଙ୍କ 'ତନଭୀ ଦି ଗ୍ରେଟ୍' ସହିତ ୪ଟି ଭାରତୀୟ ସିନେମା ଶ୍ରେଷ୍ଠ ଫିଲ୍ମ ପୁରସ୍କାର ଦୌଡ଼ରେ ସାମିଲ ହୋଇଛି। ଏହି ବର୍ଗରେ ମୋଟ୍ ଉପରେ ୨୦୧ଟି ସିନେମା ମଧ୍ୟରେ ପ୍ରତିଯୋଗିତା ହେବ। ଏକାଡେମୀ ଅଫ ମୋସନ ପିକ୍‌ଚର୍ସ ଆର୍ଟସ ଆଣ୍ଡ ସାଇନ୍ସେସ ଏହି ଘୋଷଣା କରିଛି। ଗୁରୁବାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ତାଲିକା ପ୍ରକାଶ କରିଛି। ଜାନୁଆରୀ ୨୨ରେ ନୋମିନେସନ ଘୋଷଣା କରାଯିବ। କାନ୍ତାର ଓ ତନଭୀ ସହ ବହୁଭାଷୀ ଆନିମେଟେଡ ଚଳଚ୍ଚିତ୍ର 'ମହାବତାର ନରସିଂହ' ଓ ତାମିଲ ଚଳଚ୍ଚିତ୍ର 'ଟୁରିଷ୍ଟ ଫ୍ୟାମିଲି' ମଧ୍ୟ ଶ୍ରେଷ୍ଠ ଫିଲ୍ମ ପୁରସ୍କାର ଦୌଡ଼ରେ ସାମିଲ ହୋଇଛି। ରାଧିକା ଆପତେଙ୍କ ଅଭିନୀତ ହିନ୍ଦୀ ସିନେମା 'ସିଷ୍ଟର ମିଡ୍‌ନାଇଟ୍' ମଧ୍ୟ ପୁରସ୍କାର ଦୌଡ଼ରେ ସାମିଲ ହୋଇଛି। ଏଥର ମୋଟ ୩୧୭ଟି ଫିଚର ସିନେମା ଓସ୍କାର ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ଓସ୍କାର ଏକାଡେମୀ ତରଫରୁ କୁହାଯାଇଛି। ଏଥି ମଧ୍ୟରୁ ୨୦୧ଟି ସିନେମା ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ ବିଚାର ପାଇଁ ଆବଶ୍ୟକ ଅତିରିକ୍ତ ମାନଦଣ୍ଡ ପୁରଣ କରେ। ନୀରଜ ଘାୟୱାନଙ୍କ ଚଳଚ୍ଚିତ୍ର 'ହୋମବାଉଣ୍ଡ' ମଧ୍ୟ ଆଶା ସୃଷ୍ଟି କରିଛି।

## ସ୍ୱର୍ଗଦ୍ୱାର ଆଗରେ...

ତାଙ୍କ ଘର ପାଖରେ ଜଣେ ସମ୍ପର୍କୀୟ ଜେଜେ ମା'ଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ଶବ ଦାହ ପାଇଁ ସ୍ୱର୍ଗଦ୍ୱାର ଆସିଥିଲା। ମାନସଙ୍କ ସମେତ ତାଙ୍କ ଘର ପାଖ ଭାଇ ଓ ସାଙ୍ଗ ଆନନ୍ଦ ମହାନ୍ତି, ଅଭିରାମ ବାରିକ, ସନ୍ତୋଷ ନାୟକ, ଦୟାନିଧି ନାୟକ, ରଞ୍ଜନ ଦାସ, ଡ୍ରାଇଭର ପ୍ରକାଶ ଜେନା ପ୍ରମୁଖ ଆସିଥିଲେ। ବିଳମ୍ବିତ ରାତିରେ ସେମାନେ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲେ। ତେବେ ଶବଦାହ କର୍ମରେ ପଇଡ଼ର ଆବଶ୍ୟକତା ପଡ଼ିଥିଲା। ତେଣୁ ମାନସ, ରଞ୍ଜନ, ଡ୍ରାଇଭର ପ୍ରକାଶ ଚୈତନ୍ୟ ଛକକୁ ପଇଡ଼ ପାଇଁ ଆସିଥିଲେ। ସେତେବେଳକୁ ରାତି ପ୍ରାୟ ୧ଟା ୪୫ ହୋଇଯାଇଥିଲା। ଲୋକଙ୍କର ଏତେଟା ଯା'ଆସ ନ ଥିଲା। କୌଣସି ଏକ ପ୍ରସଙ୍ଗକୁ ନେଇ ସେମାନେ ବଡ଼ପାଟିରେ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଅଭିଯୁକ୍ତଜଣଙ୍କ ସେଠାରେ ପହଞ୍ଚିଥିଲା। କାହିଁକି ଏତେବଡ଼ ପାଟିରେ କଥା ହେଉଛ ବୋଲି ପଚାରିବାରୁ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ, ଗାଳିଗୁଲଜ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତଜଣଙ୍କ ଅଣ୍ଟାରେ ରଖିଥିବା ଏକ ଛୁରି ବାହାର କରି ରଞ୍ଜନ ଓ ମାନସଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଛୁରିଟି ରଞ୍ଜନଙ୍କ ବେକରେ ଭୁସି ଦେଇଥିଲା ଅଭିଯୁକ୍ତ। ଘଟଣାସ୍ଥଳରେ ହିଁ ରଞ୍ଜନ ଟଳି ପଡ଼ିଥିଲେ। ମାନସ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁଇଜଣଙ୍କୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ସେଠାରେ ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

ଆଜି ଏହି ଘଟଣା ଜଣାପଡ଼ିବା ପରେ ସମୁଦ୍ରକୂଳ ପୁଲିସ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଘଟଣାକୁ ୧୨ଘଣ୍ଟା ପୂରି ନ ଥିବା ବେଳେ ପୁଲିସ ଅଭିଯୁକ୍ତକୁ କାବୁ କରିଥିଲା। ତା' ନିକଟରୁ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଥିବା ବେଳେ ପୁଲିସ ତାକୁ ପଚରାଉଚରା କରିଛି। ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଅଭିଯୁକ୍ତକୁ ସଙ୍ଗେସଙ୍ଗେ ଗିରଫ କରାଯାଇଛି। ଏନେଇ ସମୁଦ୍ରକୂଳ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ। ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର କହିଛନ୍ତି, ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଶବଦାହ ପାଇଁ ଆସିଥିବା ୩ଜଣ ପଇଡ଼ ପାଇଁ ଚୈତନ୍ୟ ଛକ ନିକଟକୁ ଆସିଥିବା ବେଳେ ବଡ଼ ପାଟିରେ କଥା ହେଉଥିଲେ। ଅଭିଯୁକ୍ତ ତାଙ୍କୁ ବାରଣ କରିବାରୁ ଯୁକ୍ତିତର୍କ ହୋଇଥିଲା। ଶେଷରେ ଅଭିଯୁକ୍ତ ଏକ ଛୁରୀ ବାହାର କରି ଆକ୍ରମଣ କରିଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାରକୁ ଶବଦାହ ପାଇଁ ଆସି ଜଣେ ଯୁବକ ହତ୍ୟାର ଶିକାର ହେବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବୁଦ୍ଧିଜୀବୀ। ପୁରୀର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇବା ସହ ସ୍ୱର୍ଗଦ୍ୱାର ଏବଂ ଏହାର ଆଖାପାଖ ପାଇଁ ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ମୁତୟନ କରିବାକୁ ଦାବି କରିଛନ୍ତି।

## ୫୦୨ ମେଡିକାଲ୍...

ଶୀଘ୍ର ଡିଏମଇଟିକୁ ପଠାଇବା ପାଇଁ ଚିଠିରେ କୁହାଯାଇଛି। ଏହାକୁ "ଅତି ଜରୁରୀ' ଭାବେ ବିବେଚନା କରି ଏନଏମସି ଆବେଦନ ପୋର୍ଟାଲ ମାଧ୍ୟମରେ ପ୍ରସ୍ତାବ ପଠାଇବାକୁ କୁହାଯାଇଛି। ଚିଠି ସହିତ ସଂଲଗ୍ନ ତାଲିକାରେ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜଗୁଡ଼ିକରେ ବିଭାଗଭିତ୍ତିକ ନୂଆ ପିଜି ସିଟ୍ ବୃଦ୍ଧିର ବିବରଣୀ ଦିଆଯାଇଛି। ଏହି ତାଲିକା ଅନୁଯାୟୀ ଆନାଷ୍ଟେସିଓଲୋଜି, ଆଣ୍ଟୋମି, ବାୟୋକେମିଷ୍ଟ୍ରି, କମ୍ୟୁନିଟି ମେଡିସିନ, କାର୍ଡିଓଲୋଜି, ଇଏନଟି, ଏମରଜେନ୍ସି ମେଡିସିନ, ଜେନେରାଲ ମେଡିସିନ, ଜେନେରାଲ ସର୍ଜରି, ମାଇକ୍ରୋବାୟୋଲୋଜି, ଓବଷ୍ଟେଟ୍ରିକ୍ସ ଆଣ୍ଡ ଗାଇନେକୋଲୋଜି, ଅର୍ଥୋପେଡିକ୍ସ, ପିଡିଆଟ୍ରିକ୍ସ, ଫାର୍ମାକୋଲୋଜି, ପାଥୋଲୋଜି, ଫିଜିଓଲୋଜି, ରେଡିଓ ଡାଇଗନୋସିସ, ରେଡିଓ ଥେରାପି ଓ ରେସ୍ପିରେଟରି ମେଡିସିନ ଭଳି ବିଭାଗଗୁଡ଼ିକରେ ସିଟ୍ ବୃଦ୍ଧି ପ୍ରସ୍ତାବିତ ରହିଛି। ଏହି ତାଲିକାରେ ଏମକେସିଜି ମେଡିକାଲ କଲେଜ ବ୍ରହ୍ମପୁର, ଏସସିବି ମେଡିକାଲ କଲେଜ କଟକ, ଭିଏମଏସଏସ ବୁର୍ଲା, ପିଆରଏମ ମେଡିକାଲ କଲେଜ ବାରିପଦା ସମେତ ୧୨ଟି ମେଡିକାଲ କଲେଜର ବିବରଣୀ ରହିଛି।


**GOVERNMENT OF ODISHA**
**DEPARTMENT OF WATER RESOURCE**
**OFFICE OF THE SUPERINTENDING ENGINEER**
**NABARANGPUR IRRIGATION DIVISION**
NABARANGPUR, DIST–NABARANGPUR (ODISHA)
Email ID: senidivision@gmail.com

A-1257

Lr no. 37 Dated: 08.01.2026

**E-PROCUREMENT NOTICE**
**BID IDENTIFICATION NO – SE-NID-05 /2025-26 (01)**

1. Nature of the work – Alteration & renovation of Division Office Building.
2. Total Nos. of works – 01 (one) No.
3. Tender cost of the works – ₹5.92 Lakhs (excluding GST)
4. Class of Contractor – 'D' & 'C' Class
5. Period of completion – 02 (Two) Month

Other details as follows:

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-05 /2025-26(01) | 13.01.2026 (10.00AM) | 28.01.2026 (up to 05.00 PM) | 16.01.2026 up to 5.00 PM | 29.01.2026 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government website: www.tendersodisha.gov.in, Addendum / Corrigendum / Cancellation if any required will be published in Govt. website only.

Superintending Engineer
Nabarangpur Irrigation Division, Nabarangpur

OIPR-



NOTIFIED AREA COUNCIL: KONARK
Phone No.- 06794-222054
Email id: nackonark@gmail.com

C-2034

QUOTATION CALL NOTICE NO.112/Dt.08.01.2026

1. Type of works : Temporary Barricading for kine House and different places for Magha saptami & Chandrabhaga Buda-2026
2. Total No. works : 1 No
3. Firms/Tent house : As per DQCN
4. Period of completion : within five days from issue of work order
5. Availability of Bid offline : Office working hours from 09.1.2026 to 13.1.2026 till 12.30 PM
6. Last date /time for Document Dropping : Upto Dt 13.01.2026 upto 1.00PM
7. Date & Time of opening of quotation : Dt 13.01.2026 at 3.00 PM

Authority reserves the right to reject any of all the tenders without assigning any reasons thereof.

OIPR- Executive Officer, Konark NAC,Konark



O-1952

Tel. 06766-258094(O)
Mail: eerw1_kjr@yahoo.com

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**
********

**"e" Procurement Notice for Road Works**
**Identification No Online NCB – 16/2025-26.**

1. Name of the Work : 18 No. Roads Work
2. Total Number of Work : 18 No.
3. Estimated Cost : Rs. 5.98 Lakhs to 47.10 Lakhs
4. Class of Contractor : "D, C"&"B" Class
5. Period of Completion : As per annexure of e-Procurement Notice No.16 of 2025-26.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No. 16 | Dt.12.01.2026 at 11.00 A.M. | Dt.20.01.2026 up to 5.00 P.M. | Dt.19.01.2026 up to 5.00 P.M. | Dt.21.01.2026 at 11.00 A.M. |

Further details can be seen from the Website www.tenderorissa.gov.in

Sd/-
Superintending Engineer
R.W. Division-I, Keonjhar

OIPR-



**AFFIDAVIT**

By virtue of an affidavit no. 57 before the Executive Magistrate, Phulbani, Kandhamal, dtd.09.01.2026, I, Bami Kanhar, At- Binjeripada, PO- Phiringia, PS- Phiringia, Dist- Kandhamal declare that I have changed my minor daughter's name from Kumari Tulasi Kanhar to Tulasi Kanhar. Henceforth, she shall be known as Tulasi Kanhar for all purposes.

Sd/- Bami Kanhar

**AFFIDAVIT**

By Virtue of an affidavit Before the Executive Magistrate, Cuttack, Odisha. I SASMITA ROUT, W/o: Anirudha Behera, At: Sendhagara, P.O: Raipur, P.S. Bansada, Dist.: Bhadrak, Orissa declare by this Affidavit No.: 155, Dtd: 07.01.2026, That I have changed my name from Sasmita Rout to **SASMITA BEHERA.** Sasmita Rout & Sasmita Behera is one and the same person. Henceforth I shall be known as **SASMITA BEHERA** for all purposes.

**AFFIDAVIT**

By virtue of an Affidavit no-11, dated **08/01/2026**. Before the Notary Public, Bhubaneswar. I **Chinmay Sahoo,** S/o- Brajkishor Sahoo at flat B405 Om Sai Arcade Of Kalarahanga, Dist- Bhubaneswar, 751024 declare that I will be known and sign as **CHINMAY SAHOO** instead of **CHINMAY BRIJKISHOR SAHOO** for all purpose in future.

**AFFIDAVIT**

I, Niranjan Pany, aged about 69 years, S/o- Budheswar Pani, resident of At- Plot No. 79/273, Millenium City, Lane No-1, Ps- Pahal, Bhubaneswar, Dist- Khurda, Odisha, Pin-752101, do hereby declare by this affidavit No. 66, dtd- 09/01/2026, that now onwards I shall be known as **NIRANJAN PANI** for all future purposes.

**NOTICE**

By virtue of an affidavit sworn before the Notary Public, Sunabeda dated 06/01/2026, I Sri Pradhan Krisani, S/o Damu Krisani, Vill: Bilaput, P.O.: Hikimput, P.S.: Nandapur, District: Koraput, declare that I have changed my name from Madan Krisani to Pradhan Krisani. Henceforth, I shall be known as Pradhan Krisani for all purposes.

Pradhan Krisani

**AFFIDAVIT**

I, **Nabin Patnaik** son of Late Jogendra Narayan Patnaik, resident of Flat no. 304, Gopal Enclave, Bira Maharana Lane, Nila Kantha Nagar, Nayapalli, Bhubaneswar, Khurda, Odisha-751012 declare by this affidavit No.: 50958, Dated: 23.10.2025 that now onwards I shall be known as **NABIN KUMAR PATNAIK** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated: 09/01/2026. I, **Laxman Mahananda** (applicant name), S/o- Giridhari Mahananda, permanent & current resident of AT- Ghusuramunda, PO- Gudighat, PS- Muribahal, Dist- Balangir, (Odisha), PIN- 767037 declare that I have changed my minor daughter's name from **Anuska Mahananda** (old name) to **Muskan Mahananda** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Muskan Mahananda** (new name) for all future purposes.

**Laxman Mahananda**

**AFFIDAVIT**

By virtue of an affidavit before the Executive Magistrate, Bhubaneswar, dtd.09.01.2026, I, Elina Das, resident of At- Saheb Nagar (Mirzapur), PO- Nandipur, PS- Dasarathpur, Dist- Jajpur, hereby declare that my correct name is "Elina Das" and correct Date of Birth is "03.06.1996". Due to clerical error, my name and D.O.B. have been wrongly recorded as "Elina Mallik" & "18.02.1996" in my Aadhaar Card. That both names refer to one and the same person, i.e., myself.

**AFFIDAVIT**

I, Paridhi Sandeepbhai Tekriwala, W/o- Saurav Agarwal, resident of At - Plot No- 1045, Bulding No - 9, Mahanadivihar, Nuabazar,Cuttack Sadar, Nayabazar, Cuttack, Pin - 753004, Odisha, declare by this Affidavit No -174, dated- 08/01/2026,that now onwards I shall be known as **PARIDHI AGARWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 25, dated 06.01.2026, I, SUSHREE BHAGYASHREE SOURA, D/o - Jagabandhu Soura, permanent resident of Chandahandi, PO.- Chandahandi, PS.- Chandahandi, Dist- Nabarangpur, Odisha, Pin - 764077, declare that I have changed my name from BHAGYASRI SOURA to SUSHREE BHAGYASHREE SOURA. Henceforth, I shall be known as SUSHREE BHAGYASHREE SOURA for all purposes.

**Sd/- Sushree Bhagyashree Soura**

**AFFIDAVIT**

I, SWAYAM SAMARTH son of Sri Prasanna Kumar Sahoo resident of Ward No.14, Plot No.- 148 C/o.- Malbika, Niladri Vihar, Sector - 5, Near HP Gas Office, P.O. Chandrasekharpur, P.S.- Chandrasekharpur, Bhubaneswar, Dist.- Khordha, Odisha -751021 declare by this affidavit No.- 09 dated 08.01.2026 that now onwards I shall be known as **SWAYAM SAMARTH SAHOO** for all future purposes.



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

CAD-2972

ପତ୍ର ସଂଖ୍ୟା ୧୯୪୭୬/ଭୁ.ଉ.କ., ଭୁବନେଶ୍ୱର, KNL-168/93 ତା. ୦୮.୧୦.୨୦୨୫

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି - କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଶୁକୁବିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ-K-4-760 କୁ ଅରୁଣୋଦୟ ପ୍ରଧାନ, ପିତା–ସର୍ଗତ ଧ୍ରୁବ ଚରଣ ପ୍ରଧାନ, ଗ୍ରାମ-ହଳଦିଆ, ପୋଷ୍ଟ -ଶାସନପଡା, ଥାନା-ପାଟକୁରା, ଜିଲ୍ଲା –କେନ୍ଦ୍ରାପଡା, ଓଡିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ଅରୁଣୋଦୟ ପ୍ରଧାନ ଗତ ତା-୦୪.୦୮.୨୦୨୧ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No.994/2021 dated 04.08.2021).

Legal heir certificate Misc. Case No. E-LHC/2024/108809 dt.23.07.2024 ଅନୁଯାୟୀ ଅରୁଣୋଦୟ ପ୍ରଧାନଙ୍କର ଉତ୍ତରାଧିକାରୀ (୧) ମିନାକ୍ଷୀ ପ୍ରଧାନ (ସ୍ତ୍ରୀ), (୨) ଅମିତ କୁମାର ପ୍ରଧାନ (ପୁତ୍ର) ଓ ଅଜିତ କୁମାର ପ୍ରଧାନ (ପୁତ୍ର) ଅଟନ୍ତି । ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-



**WALK-IN-INTERVIEW**

SWWS Targeted Intervention need 1 Out Reach Worker candidate in Parlakemundi, Gajapati

1) Candidate should be +2 Pass
2) Community will be preferable
3) 1 Year Experience in NGO
4) Candidate should be belonging to Gajapati district

Interested candidates send CV toswwstigajapati@gmail.com
The candidate should come to walk in interview on dated 11-01-2026 at 10.00 am
TI Office SWWS @ Natraj Hall, Parlakhemundi.

**Contact: 7978764827, 7989071072**

## ଜାନିମୁଣ୍ଡା-ବରଗୋଛା ପୂର୍ତ୍ତ ରାସ୍ତା ଶୋଚନୀୟ

# ବର୍ଷେ ନ ପୂରୁଣୁ ଉଠିଲା ପିଚୁ

ଶଗଡା, ୯ ।୧(ସମିସ)



- ପାଣିରେ ପଡ଼ିଲା ୨୦ କୋଟି ଟଙ୍କା
- ଯନ୍ତ୍ରୀ ଅନୁପସ୍ଥିତି; ଠିକାଦାରଙ୍କ ମନମାନି

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ର ଅନୁନ୍ନତ ତଥା ଉପାନ୍ତ ଲମ୍ବସରି ପଞ୍ଚାୟତର ଜାନିମୁଣ୍ଡାଠାରୁ ୧୫ କିମି ଦୂର ବରଗୋଛା ପଞ୍ଚାୟତ ସ୍କୁଲ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ଜାଲିଆତି ହୋଇଛି । ନିମ୍ନମାନର କାମ କରି ଠିକାଦାର ମାଲେମାଲ୍ ହେଉଛନ୍ତି । ନବ ନିର୍ମିତ ରାସ୍ତାର ବର୍ଷେ ନ ପୂରୁଣୁ ଅନେକ ସ୍ଥାନରେ ମରାମତି ହୋଇ ସାରିଲାଣି । ପୁଣି ଆହୁରି ମରାମତି ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି । ଲମ୍ବସରୀ ପଞ୍ଚାୟତ ଜାନିମୁଣ୍ଡାଠାରୁ ବରଗୋଛା ସ୍କୁଲ ପର୍ଯ୍ୟନ୍ତ ୧୫ କିମି ରାସ୍ତାକୁ ନୂତନ ଭାବରେ ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗ ଜଣେ ଠିକାଦାର ପ୍ରାୟ ୨୦ କୋଟି ବ୍ୟୟ ଅଟକଳରେ ୨୦୨୩ ମସିହାରେ ହାତକୁ ନେଇଥିଲେ । ୨୦୨୪ ଜୁନ୍‌ରେ ଶେଷ କରିବାକୁ ଚୁକ୍ତି କରିଥିଲେ; ହେଲେ କାମ ଶେଷ ହେଲା ବେଳକୁ ୨୦୨୫ ଆରମ୍ଭ ହୋଇଗଲା । ଇତି ମଧ୍ୟରେ ଏକ ବର୍ଷ ନ ପୂରୁଣୁ ସାରା ରାସ୍ତା ଶୋଚନୀୟ ହୋଇ ପଡ଼ିଲାଣି । ଅନେକ ସ୍ଥାନରେ ମରାମତି ହୋଇ ସାରିଲାଣି । ରାସ୍ତା ଉପରେ ବିରାଟ ଗର୍ତ୍ତକୁ ଲୁଚାଇବାକୁ ଠିକାଦାର ରାସ୍ତା ଉପରେ ପଥର ଗୁଣ୍ଡ ଗଦାଇ ରଖିଛନ୍ତି । ରାସ୍ତା ସାରା ୧୫/୨୦ ମିଟର ଦୂରତା ବିଶିଷ୍ଟ ପ୍ୟାଚ ପକାଇ ନିମ୍ନମାନର କାମକୁ ଲୁଚାଇବାକୁ ଉଦ୍ୟମ କରଯାଇଥିବା ଚନ୍ଦନିଆମୁଣ୍ଡା ଗ୍ରାମବାସୀ କହିଛନ୍ତି । ବିଶେଷ କରି ଜାନୀମୁଣ୍ଡା ଓ ଚନ୍ଦନିଆମଣ୍ଡା ଗ୍ରାମ ନିକଟରେ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହେଇଛି । ଏପରିକି ଗୋଟିଏ ଗୋଟିଏ ସ୍ଥାନରେ ପିଚୁ ଉପୁଡ଼ି ମାଟି ରାସ୍ତାରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି । ବିଭାଗୀୟ ଯନ୍ତ୍ରୀଙ୍କ ଲଗାତର ଅନୁପସ୍ଥିତିର ସୁଯୋଗ ନେଇ ସଂପୃକ୍ତ ଠିକାଦାର ମନମାନିରେ ନିମ୍ନମାନର କାମ କରି ପ୍ରଚୁର ଲାଭ ଗୋଟାଇ ଥିବା ବେଳେ ଅଞ୍ଚଳବାସୀ ଏବେ ଏହାର ଫଳ ଭୋଗୁଥିବା କହିଛନ୍ତି । ଏ ସଂପର୍କରେ ବୌଦ୍ଧ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ ଛୁଆଲ ସିଂଙ୍କୁ ପଚାରିବାରୁ କେତେକ ସ୍ଥାନରେ ନିମ୍ନ ମାନର କାମ ହୋଇଥିବା ସ୍ୱୀକାର କରିଥିବା ବେଳେ ଠିକାଦାରଙ୍କୁ କହି ଖୁବ୍ ଶୀଘ୍ର ଏହାର ମରାମତି କରାଯିବ ବୋଲି କହିଛନ୍ତି ।

## ସୁବର୍ଣ୍ଣପୁର ଫେରିଘାଟରେ ଲୋକେ ହନ୍ତସନ୍ତ

### ବିଶ୍ରାମାଗାର ନାହିଁ, ରାସ୍ତା ଅଣଓସାରିଆ

**ବୌଦ୍ଧ, ୯ ।୧(ସମିସ):** ବୌଦ୍ଧ ବ୍ଲକ୍ ତେଲିବନ୍ଧ ପଞ୍ଚାୟତ ସୁବର୍ଣ୍ଣପୁର-ସୁବଳୟା ଫେରିଘାଟରେ ଯାତ୍ରୀ କଲବଲ ହେଉଛନ୍ତି । ଏଠାରେ ଏକ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି; ହେଲେ ପ୍ରଶାସନ ଦୃଷ୍ଟି ଦେଉନି । ଏହି ଫେରିଘାଟ ଦେଇ ବୀରମହାରାଜପୁର, ସୁବଳୟା, କଦଳୀଗଡ଼, ରେଢ଼ାଖୋଲ, ପାତାଳି ଶ୍ରୀକ୍ଷେତ୍ର ଏବଂ ସମ୍ବଲପୁରକୁ ଅଞ୍ଚଳର ୭ଟି ପଞ୍ଚାୟତର ପ୍ରାୟ ୮୦ଟି ଗ୍ରାମର ଜନସାଧାରଣ ଯିବାଆସିବା କରିଥାନ୍ତି । ଗୋଟିଏ ପଟୁ ଅନ୍ୟପଟକୁ ଯିବାକୁ ହେଲେ ଡଙ୍ଗା ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ । ଖରା, ବର୍ଷା, ଶୀତ କାକରରେ ଲୋକଙ୍କୁ ଅପେକ୍ଷା କରିବାକୁ ପଡ଼େ । ପ୍ରତେକ ବର୍ଷ ଫେରିଘାଟ ନିଲାମ ଡାକି ପଞ୍ଚାୟତ ରାଜସ୍ୱ ଆଦାୟ କରୁଛି; ହେଲେ ଯାତ୍ରୀଙ୍କ ସୁବିଧା ପାଇଁ ଧ୍ୟାନ ଦେଉନି । ଏହି ଫେରିଘାଟକୁ ଯିବାକୁ ହେଲେ ଜହ୍ନାପଙ୍କ ଛକରୁ ଲକ୍ଷ୍ମୀପ୍ରସାଦ, ବାଘପାଲି ଚନ୍ଦ୍ରପୁର, ରାମପୁର ଦେଇ ଯିବାକୁ ପଡ଼ିଥାଏ । ସେହିପରି ତେଲିବନ୍ଧ ଛକରୁ ଆନନ୍ଦପୁର, ରାମପୁର ଦେଇ ଯିବାକୁ ପଡିଥାଏ । ଏହି ରାସ୍ତାର ରାମପୁର ପର୍ଯ୍ୟନ୍ତ ପିଚୁ ରାସ୍ତା ହୋଇଥିବା ବେଳେ ରାମପୁର ମାରୁତି ମଠ ପର୍ଯ୍ୟନ୍ତ ଅଧକିଲୋମିଟର ରାସ୍ତା ଉପରେ ପଞ୍ଚାୟତ ପ୍ରଶାସନ ମୋରମ ଗଣ୍ଡେ ପକାଇ ଦେଇ କାମ ସାରି ଦେଉଛି । ଯେଉଁ ରାସ୍ତାଗୁଡିକ ବାକି ରହିଛି ସେଇ ରାସ୍ତାରେ ଖାଲି ଗୋଡ଼ରେ ଯିବାକୁ ଭୟ ଲାଗେ । ରାସ୍ତାଟି ଏକ ହୁଡ଼ା ଦେଇ ଯାଉଥିବା ବେଳେ ଏହି ହୁଡ଼ାରେ ବାଇକ୍ ଓ ସାଇକଲଆରୋହୀ ଯିବା ଆସିବା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହାସହ ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିରହି ଥିବା ବେଳେ ବଡ ବଡ଼ ଖାଲଖମା ସୃଷ୍ଟି ହୋଇ ଅନେକ ଦୁର୍ଘଟଣା ଘଟୁଛି । ପୂର୍ବରୁ ଏହି ଫେରିଘାଟ ରାମପୁର ବରଗଛ ନିକଟରୁ ସୁବଳୟାକୁ ଡଙ୍ଗା ଚଳାଚଳ କରିଥିଲା । ଏହାଫଳରେ ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିଥିଲେ; କିନ୍ତୁ ନଦୀର ଗତିପଥ ବଦଳିବା ଯୋଗୁଁ ଏଠାରେ ବାଲି ପୋତି ହୋଇ ଯାଇଗଲା । ଏଣୁ ଏହି ଘାଟ ବନ୍ଦ ହୋଇଗଲା । ଏହାପରେ ସୁବର୍ଣ୍ଣପୁରରେ ଘାଟ ହୋଇଛି ।

ଏହି ଘାଟକୁ ରାସ୍ତା ଅଣଓସାରିଆ ହୋଇଥିବାରୁ ଯିବା ପାଇଁ ଅସୁବିଧା ହେଉଛି । ଏହି ରାସ୍ତା ନିର୍ମାଣ କରିବା ସହ ଫେରିଘାଟରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି । କେହି କିନ୍ତୁ ଲୋକଙ୍କ ସମସ୍ୟା ବୁଝି ନାହାନ୍ତି । ଏଣୁ ପ୍ରଶାସନ ପ୍ରତି ଲୋକଙ୍କ ଅସେନ୍ତାଷ ବଢୁଛି ।

## ଶୁଣ୍ଠିପଦର-ପୁରୁଷୋତ୍ତମପୁର ରାସ୍ତା ଶୋଚନୀୟ



**ମନମୁଣ୍ଡା, ୯ ।୧(ସମିସ):** କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ପଞ୍ଚାୟତ ସଦରମହକୁମାରୁ ପୁରୁଷୋତ୍ତମପୁର କେନାଲ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ସ୍ଥାନେ ସ୍ଥାନେ ମେଟାଲ ବାହାରକୁ ବାହାରି ପଡିଛି । ଏଣୁ ଖାଲଖମା ହୋଇ ଯାଇଛି । ବହୁତ ଜାଗାରେ ବଡ ବଡ ଗାତ ହୋଇଛି । ଯିବା ଆସିବା ଦୁର୍ବିସହ ହୋଇ ପଡୁଛି । ଛାତ୍ରଛାତ୍ରୀ ପାଠ ପଢିଯିବା ଓ ରୋଗୀଙ୍କୁ ନେବା ଆଣିବାରେ ଘୋର ଅସୁବିଧା ହେଉଛି । ରାସ୍ତା ଦୂରବସ୍ଥା ଯୋଗୁଁ ଅନେକ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି । ବର୍ଷା ଦିନରେ ପାଣି ଭର୍ତ୍ତି ହୋଇଗଲେ ଅବସ୍ଥା ଜଟିଳ ହୋଇ ପଡୁଛି । ଅନେକ ଥର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେଉନି ବୋଲି ଦେବଦତ୍ତ ବସ୍ତିଆ, ସୁବ୍ରତ ବସ୍ତିଆ, ସୁମନ୍ତ କଲତା, ଗଣେଶ ପାତ୍ର, ବିଶ୍ୱଜିତ୍ ମହାକୁଡ, ବିଧୁଭୂଷଣ ବସ୍ତିଆ, ସୁରେନ୍ଦ୍ର ତାଣ୍ଡିଆ, ସୁରେଶ ହାତୀ, ପଦ୍ମନାଭ କଲତା, ସୁମନ୍ତ ବସ୍ତିଆ ପ୍ରମୁଖ ଅଭିଯୋଗ କରିଛନ୍ତି ।

## ବୌଦ୍ଧରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

**ବୌଦ୍ଧ, ୯ ।୧(ସମିସ):** ବୌଦ୍ଧରେ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣ ତନ୍ତ୍ର ଦିବସ ପାଳନ ପାଇଁ ଜିଲାପାଳଙ୍କ ସଦଭାବନା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଛି । ସଭା ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଭୋର୍ ସାଢେ ୪ଟାରେ ରାମଧୁନ, ସକାଳ ୬ରୁ ସାଢେ ୬ଟା ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରି, ସକାଳ ୭ରୁ ସାଢେ ୭ଟା ମଧ୍ୟରେ ବିଭିନ୍ନ ସରକାରୀ-ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ୭ଟା୪୫ରୁ ୮ଟା ୧୦ ମଧ୍ୟରେ ସହରର ବିଭିନ୍ନ ଛକରେ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ସମସ୍ତ ବ୍ଲକରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟକ୍ଷର୍ପଣ କରାଯିବ । ମୁଖ୍ୟ ଅତିଥି ସକାଳ ସାଢେ ୮ରେ ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରିବେ । ପରେଡ ପ୍ରତିଯୋଗିତା ଓ ଶାରୀରିକ କ୍ରୀଡା କୌଶଳ ପ୍ରତିଯୋଗିତା, ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହେବ । ରକ୍ତଦାନ ଶିବିର, ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ କବିତା ପାଠୋତ୍ସବ, କ୍ରିକେଟ ମ୍ୟାଚ, ପୁଷ୍ପ ପ୍ରଦର୍ଶନୀ, ବନ ବିଭାଗ ପକ୍ଷରୁ ଚାରାରୋପଣ, ଜିଲା ମୁଖ୍ୟ ଚିକିତ୍ସାଳୟ, କୁଷ୍ଠାଶ୍ରମ ଓ ଜିଲ୍ଲା କାରାଗାରର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯିବ ।

ସନ୍ଧ୍ୟାରେ ଟାଉନହଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇଂରାଜୀ, ଓଡିଆ, ହିନ୍ଦୀ, ସଂସ୍କୃତ ବକ୍ତୃତା, ଯୋଗାସନ, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଂଗୀତ, କୌତୁକ ବେଶ ପୋଷାକ ଆଦି ପ୍ରତିଯୋଗିତା ପୂର୍ବରୁ ଅନୁଷ୍ଠିତ ହେବ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ, ନିର୍ବାହୀ ଅଧିକାରୀ, ସତ୍ୟ ନାରାୟଣ ପଧାନ, ଡେପୁଟି କଲେକ୍ଟର ନିରୋଜ କୁମାର ଭତ୍ରା, ସହକାରୀ ଜିଲ୍ଲାପାଳ ଚାନ୍ଦିନୀ ମେହେର, ସହକାରୀ ନିର୍ବାହୀ ଯନ୍ତ୍ରୀ (ପୂର୍ତ୍ତ ବିଭାଗ) ଇଂ କୁନା ଚରଣ ସିଂ, ନିର୍ବାହୀ ଯନ୍ତ୍ରୀ (ଟିପି ଏସ ଓ ଡି ଏଲ) ନରେଶ ଚନ୍ଦ୍ର ଆଚାର୍ଯ୍ୟ, ସରଜେଣ୍ଟ ଖଗେଶ୍ୱର ବିଶ୍ୱାଳ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ, ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡି, ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ଚିତ୍ତରଞ୍ଜନ ଦାଶ, ଗୋପାଳକୃଷ୍ଣ ବେହେରା, ଯୀଶୁ ପଧାନ, ସୁଶାନ୍ତ ବାଘ ପ୍ରମୁଖ ଯୋଗ ଦେଇଥିଲେ । ଉପ ଜିଲ୍ଲାପାଳ ବିନୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ



**ବିନିକା, ୯ ।୧(ସମିସ):** ବିନିକା ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ରେଖା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିନିକା ଜେଏମ୍ଏଫ୍‌ସିକମ ଚେୟାରମ୍ୟାନ ସୁପ୍ରଭା କୁଣ୍ଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଓକିଲ ସୁବାସ ଚନ୍ଦ୍ର ନାୟକ ନିଶା ସବୁଠାରୁ ବଡ଼ ଆତଙ୍କବାଦୀ ତେଣୁ ଏହାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଅପରାଧ ତଥା ଅପରାଧୀଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ କହିଥିଲେ । ସେହିପରି ଅଧ୍ୟାପକ ନୀଳମାଧବ ଛତ୍ର ପ୍ରଦୂଷିତ ମାନସିକଙ୍କ ଠାରୁ ନିବୃତ ରହିବାକୁ କହିଥିଲେ ।

ଚିତ୍ତରଞ୍ଜନ ପଣ୍ଡା ଅତିଥି ପରିଚୟ, ଅଧ୍ୟାପକ ଧନେଶ୍ୱର ସାହୁ ସଭା ସଂଯୋଜନା କରିଥିବାବେଳେ ଖେଳଶିକ୍ଷକ ନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଏସ୍ଆଇ ରଞ୍ଜିତ ନାୟକ, ଲାଇବ୍ରେରିଆନ ଗରିବ ସାଲମାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ସାଇବର କ୍ରାଇମ୍‌ରୁ ବର୍ତ୍ତିବା ପାଇଁ ସତର୍କତା ଆବଶ୍ୟକ

**ବୀରମହାରାଜପୁର, ୯ ।୧(ସମିସ):** ସୁବର୍ଣ୍ଣପୁରର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା "ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ ଅବସରରେ ସାଇବର ଅପରାଧର ପ୍ରଭାବ ଓ ପ୍ରତିକାର ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଲୋକ ମହୋତ୍ସବ ପରିସର ଓରମାସ ସମ୍ମିଳନୀ କକ୍ଷରେ ଏହା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଏଥିରେ ଅଧକ୍ଷତା କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧରୁ ବର୍ତ୍ତିବା ପାଇଁ ଜନ ସଚେତନତା ଖୁବ୍ ଜରୁରୀ ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ପୁଲିସ ଅଧିକାରୀ ରେଣୁକା ସୁନା ଓ ସାଇବର ବିଶେଷଜ୍ଞ ଅଧ୍ୟାପକ ଆଶିଷ ଅଗ୍ରୱାଲା ଯୋଗଦେଇ ସାଇବର ଅପରାଧର ସ୍ୱରୂପ, ସାମାଜିକ ଗଣମାଧ୍ୟମର ଦୁରୁପଯୋଗ, ବ୍ୟାପକତା ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଜନ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ । ବିଶେଷକରି ଯୁବଗୋଷ୍ଠୀ ଓ ଉଚ୍ଚଶିକ୍ଷା ଅଧ୍ୟୟନରତ ଛାତ୍ରଛାତ୍ରୀ ସାଇବର କ୍ରାଇମ ପ୍ରତି ସବୁ ସମୟରେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ । ଉଭୟ ଧନ ଜୀବନର ସୁରକ୍ଷା ଦୃଷ୍ଟିରୁ ସାଇବର କ୍ରାଇମରୁ ବର୍ତ୍ତିବାକୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଟି ସମୟରେ ସଜାଗ ରହିବାକୁ ଅତିଥି ଆହ୍ୱାନ ଦେଇଥିଲେ । ଗତିକୃଷ୍ଣ ମିଶ୍ର କାର୍ଯ୍ୟକ୍ରମପରିଚାଳନା କରିଥିଲେ । ଡ. ସୌରଭ ରଞ୍ଜନ ଖମାରୀ ଓ ବେଣୁଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା, ପରିବେଶ ଅନୁକୂଳ ପ୍ରକଳ୍ପ ପ୍ରଦର୍ଶନୀ ମେଳା ପାଇଁ ପ୍ରସ୍ତୁତି



**ହରଭଙ୍ଗା, ୯ ।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଧଳପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ବ୍ଲକସ୍ତରୀୟ କୁଇଜ୍ ଓ ପରିବେଶ ଅନୁକୂଳ ପ୍ରଦର୍ଶନୀ ମେଳା ଶନିବାର ଅନୁଷ୍ଠିତ ହେବ । ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଧଳପୁର ରାଜେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବାବୁଲାଲ ଭୋକ୍ତା, ତିଲେଶ୍ୱର ଲାଲବାହାଦୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମାଝୀ, ବ୍ଲକ ସହ ଗୋଷ୍ଠୀ ଅଧିକାରୀ ଭୁବନେଶ୍ୱର ସେଠୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶିକେଶନ ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ପଲଶାଗୋରା ଅଞ୍ଚଳରେ ଭାଲୁ ଆତଙ୍କ

**ପଲଶାଗୋରା, ୯ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବନାଞ୍ଚଳ ପଲଶାଗୋରା ଅଞ୍ଚଳରେ ୫ରୁ ଅଧିକ ଭାଲୁ ଆତଙ୍କ ଖେଳାଇଛନ୍ତି । ସନ୍ଧ୍ୟା ହେଲେ ବଘିଆବାହାଲ, ବାଘମୁଣ୍ଡା, ଘୁଲୁଘୁଲାପଦର, ପିପିଲିପାଲିରେ ଭାଲୁ ଆତଙ୍କ ଦେଖା ଦେଉଛି । ଗୁରୁବାର ଦିନବେଳା ବନ ବିଭାଗର ଜଣେ ୱାଚରଙ୍କୁ ଗୋଟିଏ ଭାଲୁ କାମୁଡି ଦେଇଥିଲା । ସେହି ରାତିରେ ମକର ଯାତ୍ରାକୁ ଆସିଥିବା ବ୍ୟବସାୟୀମାନେ ଅସ୍ଥାୟୀ ଜରିପାଲ ତଳେ ରହିଥିଲେ । ଗୋଟିଏ ଭାଲୁ ତା ୨ଟି ଛୁଆ ସହ ସେଠାରେ ପହଞ୍ଚିଥିଲା । ଏଣୁ ସେମାନେ ଭୟରେ ଜରି ତଳୁ ବାହାରକୁ ପଳାଇଥିଲେ । ରାଜ୍ୟ ରାଜପଥରେ ନିଆଁ ଜାଳି ରାତି କଟାଇଥିଲେ । ତେବେ ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଭାଲୁକୁ ବନ ବିଭାଗ ରାତି ସାରା ଜଗିଥିବା ବେଳେ ଅନ୍ୟ ଭାଲୁ ମୀନାବଜାରରେ ଆତଙ୍କ ଖେଳାଇଛନ୍ତି । ବନ ବିଭାଗ କର୍ମଚାରୀ ଗୋଟିଏ ଭାଲୁକୁ ରାତିରେ ଜଗି ସକାଳୁ ପଳାଇଥିଲେ । ଭାଲୁଟି କିନ୍ତୁ ସେହି ସ୍ଥାନରେ ଶୁକ୍ରବାର ଦିନସାରା ଥିଲା । ଅନ୍ୟପକ୍ଷେ ପଲଶାଗୋରା ଶିଶୁମନ୍ଦିର ପଛପଟେ ଭାଲୁ ଥିବାରୁ ଶୁକ୍ରବାର ସ୍କୁଲକୁ ଛୁଟି ଘୋଷଣା କରାଯାଇଥିଲା ।

● ହେଲମେଟ୍ ଓ ଲାଇସେନ୍ସ ଚେକିଂ

## ୨୮ ଅମାନିଆଙ୍କଠାରୁ ୯୧ ହଜାର ଆଦାୟ

**ତରଭା, ୯ ।୧(ସମିସ):** ସଡ଼କ ସୁରକ୍ଷା ମାସରେ ଶୁକ୍ରବାର ସୋନପୁର ଆରଟିଓ ପକ୍ଷରୁ ଅମାନିଆଙ୍କ ଉପରେ ଚଢ଼ଉ କରାଯାଇଥିଲା । ଟିଏସ୍ଆଇ ପୂଜା ଭେଙ୍ଗରାଙ୍କ ନେତୃତ୍ୱରେ ଗାୟତ୍ରୀପ୍ରଭା ସେଠୀ, ଧରିତ୍ରୀ ମାଝୀ ଓ ମଦନମୋହନ ଦଳେଇ ତରଭା ନିବୃତ୍ତି ବ୍ରିଜ ନିକଟରେ ହେଲମେଟ ନପିନ୍ଧି ବାଇକ ଚଳାଉଥିବା ଲୋକଙ୍କୁ ଅଟକାଇ ଯାଞ୍ଚ କରିବା ପରେ ଚାଲାଣ କାଟିଥିଲେ । ଆଜି ମୋଟ ୨୮ ଜଣଙ୍କ ଠାରୁ ୯୧ ହଜାର ଟଙ୍କା ଚାଲାଣ କଟାଯାଇଥିବା ଜଣାଯାଇଛି ।

## ଖମାରୀପଡ଼ାରେ ଚିକିତ୍ସା ଓ ସଚେତନତା ଶିବିର

**ଜହ୍ନାପଙ୍କ, ୯ ।୧(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଖମାରୀପଡ଼ାରେ ସେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ ଓ ଦେଶାଇ ଫାଉଣ୍ଡେସନର ମିଳିତ ସହଯୋଗରେ ଚିକିତ୍ସା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଣ୍ଡାପଡା ପଞ୍ଚାୟତର ୩ଟି ଗ୍ରାମରୁ ୩୦୭ ଜଣ ମହିଳା, ପୁରୁଷ ଓ ଶିଶୁ ଯୋଗ ଦେଇଥିଲେ । ଶିବିରରେ ଡ. ଡମ୍ବରୁ ବଙ୍ଗସିଂ, ଡ. ଶର୍ମିଷ୍ଠା ବାଘ, ସ୍ୱାସ୍ଥ୍ୟ ଅଧିକାରୀ ଯାଜ୍ଞସିନୀ ପ୍ରଧାନ, ନର୍ମଦା ନାଏକ, ଅଙ୍ଗନବାଡି ଓ ଆଶାକର୍ମୀ ଯୋଗ ଦେଇଥିଲେ । ୱାସିଡ଼ିଏର ମହେଶ ମେହେର, ପିଣ୍ଟୁ ମେହେର, ମହେନ୍ଦ୍ର ବଘାର, ଜ୍ୟୋସ୍ନା ମହାନନ୍ଦିଆ ଏବଂ ଦେଶାଇ ଫାଉଣ୍ଡେସନର କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଗ୍ରାମୋଦୟ ସମ୍ପର୍କୀତ ବୈଠକ

**ବୌଦ୍ଧ, ୯ ।୧(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହଠାରେ ଗ୍ରାମୋଦୟ ସମ୍ପର୍କୀତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧକ୍ଷତା କରିଥିଲେ । ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର ଅନୁନ୍ନତ ଓ ଉପାନ୍ତ ଅଞ୍ଚଳ ବରଗାଁ ପଞ୍ଚାୟତର ୧୧ଟି ଗ୍ରାମର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଥିଲା । ବିଦ୍ୟୁତ୍‌କରଣ, ପାନୀୟ ଜଳ, ବିଦ୍ୟାଳୟ ଓ ଅଙ୍ଗନବାଡ଼ିର ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ରାସ୍ତାଘାଟର ସୁବିଧା, ଇଣ୍ଟରନେଟ, ମିନିବ୍ୟାଙ୍କ, ସମସ୍ତ ପ୍ରକାର ଭତ୍ତା, ରାସନ କାର୍ଡ, ଆଧାର କାର୍ଡ, କେୱାଇସି ଅପଡେଟ, ପଶୁ ସମ୍ପଦ ବିଭାଗ, କୃଷି ବିଭାଗ, ବିଦ୍ୟାଳୟ,କ୍ରୀଡା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ସହ ସମସ୍ତ ବିଭାଗର ବିଭିନ୍ନ ପ୍ରକାର ସ୍କିମରେ ସେହି ୧୧ଟି ଗ୍ରାମର ହିତାଧିକାରୀ କିପରି ଉପକୃତ ହୋଇ ପାରିବେ ଏଥିସହ ଅନ୍ୟାନ୍ୟ ଭିତ୍ତିଭୂମି ଆଦିର ବିକାଶ ଉପରେ ଆଲୋଚନା ହୋଇଥିଲା ।

# ବିନା ଅନୁମତିରେ ଅନେକ ବେସରକାରୀ ବିଦ୍ୟାଳୟ

ବୌଦ୍ଧ, ୯ ।୧(ସମିସ)

- ଅନେକ ସ୍କୁଲର ଅନୁମତିପତ୍ର କିମ୍ବା ସାର୍ଟିଫିକେଟ ଅଫ ରିକଗନିଶନ ନାହିଁ
- ବିଜ୍ଞାପନ ଜରିଆରେ ଅଭିଭାବକଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା
- ସଚେତନ ନ ଥିବା ଅଭିଭାବକ ନିଜ ଶିଶୁଙ୍କ ନାମ ଲେଖାଉଛନ୍ତି
- ୨୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ଶିକ୍ଷାଦାନ ନିର୍ଦ୍ଦେଶକୁ ବେଖାତିର

ବୌଦ୍ଧ ବ୍ଲକରେ ଅନେକ ବେସରକାରୀ ବିଦ୍ୟାଳୟ ବିନା ଭିତ୍ତିଭୂମିରେ ଚାଲିଛି । ଏନେଇ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ଗତ ମାର୍ଚ୍ଚ ମାସରେ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ରାଜ୍ୟ ସରକାରଙ୍କ ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ-୨୦୧୦ ଅନୁସାରେ ରାଜ୍ୟରେ କୌଣସି ବେସରକାରୀ ବିଦ୍ୟାଳୟ ଖୋଲିବା ପୂର୍ବରୁ ସମ୍ପୃକ୍ତ ବିଦ୍ୟାଳୟର ଭିତ୍ତି ଭୂମି ଥିବା ଆବଶ୍ୟକ । ଏହା ପରେ ଅତିରିକ୍ତ ବିଇଓ ପରିଦର୍ଶନ କରି ସମ୍ପୃକ୍ତ ସ୍କୁଲ ଖୋଲିବା ପାଇଁ ଅନୁମତି ପ୍ରଦାନ କରିଥାନ୍ତି । ଏହା ପରେ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ପତ୍ର କିମ୍ବା ସାର୍ଟିଫିକେଟ ଅଫ ରିକଗନିଶନ ଅନିବାର୍ଯ୍ୟ । ତେବେ ବୌଦ୍ଧ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଖୋଲିଥିବା ସ୍କୁଲର ୨୦୨୪-୨୫ରୁ ୨୦୨୮-୨୯ ପର୍ଯ୍ୟନ୍ତ ୫ଟି ଶିକ୍ଷା ବର୍ଷ ପାଇଁ ସ୍କୁଲ ଖୋଲିବା ଅନୁମତି ପତ୍ର କିମ୍ବା ସାର୍ଟିଫିକେଟ ଅଫ ରିକଗନିଶନ ନାହିଁ । ଏହିଭଳି ମନଇଚ୍ଛା ବିନା ସରକାରୀ ଅନୁମତିରେ ବେସରକାରୀ ବିଦ୍ୟାଳୟ ଖୋଲିଛି । ବିଜ୍ଞାପନ ଜରିଆରେ ଅଭିଭାବକଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରାଯାଉଛି । ସଚେତନ ନ ଥିବା ଅଭିଭାବକ ଏସବୁ ବେଆଇନ ବିଦ୍ୟାଳୟରେ ନିଜ ଶିଶୁଙ୍କ ନାମ ଲେଖାଉଛନ୍ତି । ସେହିଭଳି ଘରୋଇ ବିଦ୍ୟାଳୟରେ ୨୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ଶିକ୍ଷା ଦାନ କରିବା ନିର୍ଦ୍ଦେଶ ରହିଛି । ଅନେକ ଘରୋଇ ଏହା ମଧ ମାନୁ ନାହାନ୍ତି । ସେହିଭଳି ଅନେକ ବିଦ୍ୟାଳୟ ସରକାରୀ ଜାଗାକୁ ଜବର ଦଖଲ କରିଥିବା ଅଭିଯୋଗ ହୁଏ । ତେବେ କେଉଁ ପରିସ୍ଥିତିରେ ଏବିଇଓ ଅନୁମତି ଦେଲେ ତାହା ତଦନ୍ତ ସାପେକ୍ଷ । ଏ ସଂକ୍ରାନ୍ତରେ ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ଏହି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଗତ ମାର୍ଚ୍ଚରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଗୋଷ୍ଠୀ ଶିକ୍ଷାଧିକାରୀ, ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ବୌଦ୍ଧ ଜିଲ୍ଲାପାଳ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅବଗତ କରାଯାଇଥିଲା । ଏଭଳି ଆଇନ ଖିଲାପକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଜରିମାନା ପୈଠ ନ କଲେ ଦୈନିକ ୧୦ ହଜାର ଟଙ୍କା ଲେଖାଏଁ ଅତିରିକ୍ତ ଜରିମାନା ଦେବାର ଆଇନୟ ରହିଛି । ତେବେ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ କୈଫିୟତ ମିଳିବା ପରେ ତାକୁ ତର୍ଜମା କରାଯାଇ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ସୂଚନା ଦେଇଥିଲେ । ୯ ମାସ ବିତିଯାଇଥିଲେ ମଧ୍ୟ ଏହିଭଳି ବିଦ୍ୟାଳୟକୁ କାହିଁକି ଅନୁକମ୍ପା ଦେଖା ଯାଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କୁ ଯୋଗାଯୋଗ କରିବାରୁ କ'ଣ ହୋଇଛି ଫାଇଲ ଦେଖିଲେ କହିବେ ବୋଲି କହିଥିଲେ ।

## ଘର ସହ ଧକ୍କା ହେଲା ବସ୍




**ମନମୁଣ୍ଡା, ୯ ।୧(ସମିସ):** ୫୭ ନମ୍ବର ଜାତୀୟ ରାଜପଥ ତଥା ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ସଦର ବାସୁଦେବପାଲିଠାରେ ଶୁକ୍ରବାର ଭୟଙ୍କର ଦୁର୍ଘଟଣା ଘଟିଛି । ଏକ ଘରୋଇ ରାତ୍ରିକାଳୀନ ଯାତ୍ରୀବାହୀ ବସ୍ ଗୋଟିଏ ଘରକୁ ଧକ୍କା ଦେଇଛି । ବସର ସମ୍ମୁଖ ଭାଗ ଭାଙ୍ଗି ଯାଇଥିବାବେଳେ ଘର ମଧ୍ୟ ଆଂଶିକ ଭାଙ୍ଗି ଯାଇଛି । ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି । ବସ୍‌ରେ ଥିବା ପ୍ରାୟ ୩୦ ଜଣ ଯାତ୍ରୀ ଏକ ବଡ ଦୁର୍ଘଟଣାରୁ ବଞ୍ଚି ଯାଇଛନ୍ତି । ଜୟ ଭୋଲେ ନାମକ ଏହି ବସ୍ (ଓଡି ୩୧ ଜେ ୯୦୯୯) ଗୁରୁବାର ରାତିରେ ଭୁବନେଶ୍ୱରରୁ ବଲାଙ୍ଗୀର ଅଭିମୁଖେ ଯାଉଥିଲା ।

# ମହିମା ସୁବର୍ଣ୍ଣପୁର ଲୋକମହୋତ୍ସବରେ ପ୍ରବଳ ଭିଡ଼



**ତରଭା, ୯ ।୧(ସମିସ):** ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କଳାକାରମାନେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର କଳା ସଂସ୍କୃତି ଐତିହ ଓ ବିକାଶ ଧାରାର ବାର୍ତ୍ତାବହ ୩୨ ତମ 'ମହିମା' ସୁବର୍ଣ୍ଣପୁର ଲୋକମହୋତ୍ସବ ୨୦୨୬ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ହଜାରହଜାର ସଂଖ୍ୟାରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଏହି ଅବସରରେ ସାଂସ୍କୃତିକ ସଭା ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ସମସ୍ତ ଅତିଥିମାନଙ୍କ ସହିତ ଉପସ୍ଥିତ ଦର୍ଶକମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ସାଂସ୍କୃତିକ ସଭାରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି 'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ ଉପଲକ୍ଷେ ସେମାନଙ୍କର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ଡ. ସୌମ୍ୟରୂପା ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ> ଦ୍ୱିତୀୟ ସନ୍ଧ୍ୟାରେ ନୃତ୍ୟ ପରିବେଷଣ କରିଥିଲେ ପୁରୀର ଗୋଟିପୁଅ ନୃତ୍ୟ ଦଳ, ଏହାପରେ ବ୍ଲକ କଳା ସଂସ୍କୃତି ସଂଘ, ବୀରମହାରାଜପୁର, ନୃତ୍ୟ ନିକେତନ, ବିନିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା, ଆଞ୍ଚଳିକ କଳା ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ତରଭା, ରୁମକୁ ଝୁମାନା, ବିନିକା, ରାଇଝରନ, ଝାରସୁଗୁଡ଼ା, ବିହୁ ନୃତ୍ୟ, ଆସାମ, ନଟରାଜ, ବଲାଙ୍ଗୀର, ଜିଲ୍ଲା ସଂସ୍କୃତି ପରିଷଦ, କନ୍ଧମାଳ, ଭାଙ୍ଗଡ଼ା, ପଞ୍ଜାବ, ବ୍ଲକ କଳା ସଂସ୍କୃତି ସଂଘ, ବିନିକା, ଗୁପ୍ତେଶ୍ୱର ଶଙ୍ଖବାଦ୍ୟ, ଗଞ୍ଜାମ ପ୍ରମୁଖ ଦର୍ଶକଙ୍କୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମେଇ ଥିଲେ। ଆସାମର ବିହୁ ଏବଂ ପଞ୍ଜାବର ଭାଙ୍ଗଡ଼ା ନୃତ୍ୟ ଦଳସମସ୍ତଙ୍କୁ ବିମୋହିତ କରିଥିଲେ। ଫୁଡ୍ କୋର୍ଟ ଓ ପଲ୍ଲିଶ୍ରୀ ମେଳାର ବିଭିନ୍ନ ଷ୍ଟଲରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## 'ମହିମା' ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

# କୁଟୀରଶିଳ୍ପର ସ୍ଥିତି ସମ୍ପର୍କରେ ଆଲୋଚନାଚକ୍ର

**ତରଭା, ୯ ।୧(ସମିସ)**

ଶୁକ୍ରବାର ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍‌ରେ 'ମହିମା' ସୁବର୍ଣ୍ଣପୁର ଲୋକମହୋତ୍ସବ ଏବଂ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା - ୨୦୨୬ର ତୃତୀୟ ଦିବସ ଅବସରରେ ଜିଲ୍ଲାର କୁଟୀର ଶିଳ୍ପର ସ୍ଥିତି ଓ ସମ୍ଭାବନା ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରର ସଭାପତି ସୌରଭ ରଞ୍ଜନ ଖମାରି ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ଆଲୋଚନା ଚକ୍ର ଆୟୋଜନ କରିଥିଲେ। ଆଲୋଚନା ଚକ୍ରରେ 'ସୁବର୍ଣ୍ଣପୁରର କୁଟୀର ଶିଳ୍ପ: ସ୍ଥିତି ଓ ସମ୍ଭାବନା' ବିଷୟବସ୍ତୁ ଉପରେ ଉପସ୍ଥିତ ଅତିଥି, ଅଂଶଗ୍ରହଣକାରୀ ଓ ଆୟୋଜକମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅତିଥି ଭାବେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପ୍ରବନ୍ଧକ ରମେଶ କୁମାର ପଟେଲ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ବୀରମହାରାଜପୁର ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ଓ ମୃତ୍ତିକା ଗବେଷକ ବନ୍ଦିତା ବିଶ୍ୱାଳ ଯୋଗ ଦେଇଥିଲେ। ଦେବାଶିଷ ପଧାନ ସଂଯୋଜନା କରିଥିଲେ। ଜିଲ୍ଲା ହସ୍ତଶିଳ୍ପ ସହାୟକ ନିର୍ଦ୍ଦେଶକ ବନମାଳୀ ଟୋପୋ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଗତିକୃଷ୍ଣ ମିଶ୍ର ପ୍ରମୁଖ ଏହି ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ। ମୃତ୍ତିକାର ବ୍ୟବହାର ପୁରାତନ ଯୁଗରୁ ହେଉଥିବା ପ୍ରମାଣ ମିଳୁଥିବା କଥା ବନ୍ଦିତା ବିଶ୍ୱାଳ କହିଥିଲେ। ସୁବର୍ଣ୍ଣପୁର ଜିଲ୍ଲାରେ ମୃତ୍ତିକା ଶିଳ୍ପର ବ୍ୟବହାର ଧାର୍ମିକ ପର୍ବପର୍ବାଣୀ ସହ ଜଡ଼ିତ ରହିଛି। ଲଙ୍କାପୋଡ଼ି ସମୟରେ ମାଟିର ହନୁମାନ ତିଆରି କରିବା ଏହାର ଏକ ଉଦାହରଣ ଅଟେ। ପୁରାତନ ଯୁଗରେ ସୁବର୍ଣ୍ଣପୁରର ବିଭିନ୍ନ ଅଞ୍ଚଳରେ ମାଟିର ମୂର୍ତ୍ତି ବ୍ୟବହାର ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିବା ସେ କହିଥିଲେ। କୁଇବାହାଲର ମୃତ୍ତିକା ବାହାର ରାଜ୍ୟ ଓ ଦେଶକୁ ରପ୍ତାନି ହେଉଥିବା ସହ ଏକ କିଲୋଗ୍ରାମ ମୃତ୍ତିକା ୩୦୦ ଟଙ୍କାରେ ବିକ୍ରି ହେଉଥିବା ବିଷୟରେ ସେ ଅବଗତ କରାଇଥିଲେ। ମୃତ୍ତିକା ଶିଳ୍ପ ଉତ୍ପାଦ ଘର ସୌନ୍ଦର୍ଯ୍ୟକରଣ ଉପାଦାନ, ଗୃହ ଉପକରଣ ଓ ଅଳଙ୍କାର ତିଆରିରେ ବ୍ୟବହୃତ ହେଉଛି। ପରିବେଶ ମୈତ୍ରୀ ହେବା ସହ ଏହାର ଉପକରଣ ଶରୀର ପାଇଁ ଉପକାରୀ ବୋଲି ବିଶ୍ୱାଳ କହିଥିଲେ। ସରକାରୀସ୍ତରରେ ମୃତ୍ତିକା ଶିଳ୍ପକୁ ଏକ ଉଦ୍ୟୋଗ ଭାବେ ବିକାଶ କରିବା ପାଇଁ ପ୍ରୟାସ ଚାଲିଥିବା କଥା ଉଲ୍ଲେଖ କରାଯାଇଥିଲା। ଜିଲ୍ଲା ହସ୍ତଶିଳ୍ପ ସହାୟକ ନିର୍ଦ୍ଦେଶକ ବନମାଳୀ ଟୋପୋ ସରକାରୀସ୍ତରରେ ୬୪ ଚିହ୍ନିତ ହସ୍ତଶିଳ୍ପ ପାଇଁ ଦିଆଯାଉଥିବା ତାଲିମ, ସହାୟକ ରାଶି ଓ ନିଃଶୁଳ୍କ ଉପକରଣ ବିଷୟରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ସେଥିସହ ମୃତ୍ତିକା, ଚାନ୍ଦୁଆ, ତରକାସି, ବାଉଁଶ, ଚାଉଳ ତିଆରି ଘର କରଣା ଓ ବୟନ ଶିଳ୍ପକୁ ଡିଜିଟାଲ ବଜାରରେ କିପରି ବିକ୍ରୟ କରାଯାଇପାରିବ, ସେଥିପ୍ରତି ସରକାର ଗୁରୁତ୍ୱ ଦେଉଥିବା କଥା ଉଲ୍ଲେଖ କରିଥିଲେ। ଅନିରୁଦ୍ଧ କୁରକୁରିଆ ଧନ୍ୟବାଦ ଦେଇଥିଲେ।



# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

**ନୂଆପଡ଼ା, ୯ ।୧(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ସାଂସଦ ପ୍ରେମ ଅଗ୍ରୱାଲ, ଏପିଡି କ୍ଷମାନିଧି ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ, କ୍ରୀଡାବିତ୍ ସରୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳ ଜିଲ୍ଲାସ୍ତରୀୟ ଜାତୀୟ ଦିବସକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରି ପାଳନ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରସ୍ତୁତି ବିବରଣୀ ଉପସ୍ଥାପନ କରିଥିଲେ।ବୈଠକର ନିଷ୍ପତ୍ତି ଅନୁଯାୟୀ ସାଧାରଣତନ୍ତ୍ର ଦିବସରେ ରାମଧୁନ ପ୍ରଭାତଫେରି ସହିତ ସମସ୍ତ ଅନୁଷ୍ଠାନରେ ସକାଳ ୭.୦୦ରୁ ୮.୦୦ ଘଣ୍ଟା ସମୟରେ ଜାତୀୟ ପତାକା ଉତ୍ତୋଳନ ହେବ। ଉତ୍ସବର ମୁଖ୍ୟ ଅତିଥି, ମହାତ୍ମାଗାନ୍ଧୀ ଏବଂ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଭିନ୍ନ ପ୍ରଜ୍ଞାପନ ମେଢ଼କୁ ଏକତା ଛକରେ ପତାକା ଦେଖାଇ ଶୁଭାରମ୍ଭ କରିବେ। ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ସକାଳ ୯.୦୦ଘଣ୍ଟା ସମୟରେ ଜାତୀୟ ପତାକା ଉତ୍ତୋଳନ କରିବେ। ମିଳିତ ପରେଡରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଦଳ ଭାଗ ନେବେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଦିବସ ଅବ୍ୟବହିତ ପୂର୍ବରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ସ୍ଥାନୀୟ ନେସନାଲ ହାଇସ୍କୁଲରେ ଦେଶାତ୍ମବୋଧକ ସଙ୍ଗୀତ, ଓଡିଆ ଓ ଇଂରାଜୀ ତର୍କ ପ୍ରତିଯୋଗିତା ଏବଂ କୁଇଜ କ୍ଲବ୍ ଦ୍ୱାରା କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ।ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ଦ୍ୱାରା ଚଉଦ ବର୍ଷରୁ କମ ଖେଳାଳିଙ୍କୁ ନେଇ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ହେବ। ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ସ୍ଥାନୀୟ ସଦଭାବନା ସଭା ଗୃହରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଦେଶାତ୍ମବୋଧକ କବିତା ଆବୃତି ସମାରୋହ ଅନୁଷ୍ଠିତ ହେବ। ଏହାସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୁଷ୍ପ ପ୍ରଦର୍ଶନୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସାଧାରଣତନ୍ତ୍ର ଦିବସ ଦିନ ସ୍ଥାନୀୟ ମୁଖ୍ୟ ଡାକ୍ତରଖାନାରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଦିବସ ଅବସରରେ ଜିଲ୍ଲାପାଳ ଏକାଦଶ, ଏସ୍‌ପି ଏକାଦଶ, ପ୍ରେସ୍ ଏକାଦଶ ଓ ବାର ଆସୋସିଏସନ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ହେବ। ସନ୍ଧ୍ୟାରେ ଜିଲ୍ଲା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଦେଶାତ୍ମବୋଧକ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ହେବ।

## ଖରିଆରରୋଡ୍ ଗୋପବନ୍ଧୁ ହାଇସ୍କୁଲରେ ପିଏମ୍‌ଶ୍ରୀ ମେଳା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଛାତ୍ରଛାତ୍ରୀ

**ନୂଆପଡ଼ା, ୯ ।୧(ସମିସ):** ଖରିଆରରୋଡସ୍ଥିତ ପିଏମ୍‌ଶ୍ରୀ ହାଇସ୍କୁଲରେ ପିଏମ୍‌ଶ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାରି ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ବାସ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ବିଦ୍ୟାଳୟ ପରିଚାଳନା କମିଟୀ ସଭାପତି ଗଦାଧର ବାଗ, ହରିବଂଶ ଠାକୁର, ପୂର୍ବତନ ଶିକ୍ଷକ ସଞ୍ଜୟ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଶିକ୍ଷାବିତ ଡ.ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଖରିଆରରୋଡ ଏନ୍‌ଏସି ଅଧ୍ୟକ୍ଷା ଡ.ସୋନିଆ ଜୈନ, ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ, ପୂର୍ବତନ ଶିକ୍ଷକ ପରମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ନନ୍ଦିଘୋଷ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନାରୀ ଶସକ୍ତିକରଣ ଉପରେ ଛାତ୍ରଛାତ୍ରୀମାନେ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିସରରେ ଆକାଂକ୍ଷୀ ପାଠ୍ୟକ୍ରମ ଦି ଟ୍ୟାଲେ ଗ୍ୟାଲେରୀ ସାହିତ୍ୟ ସୁଜନୀ, କୌଶଳୀ, ଜିଜ୍ଞାସା, କ୍ରିଡାଙ୍ଗନ, ପଢ଼ିବା ଗଢିବା ଓଡ଼ିଶା, ଦୋକାନ ଯାତ୍ରା, ଆକାଂକ୍ଷୀ ମେଳା ଇନ୍ସପାଇରିଂ ଓଡ଼ିଶା ୨୦୩୬ ଅନୁଷ୍ଠିତ ହୋଇଥିଲା।



# ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

**ଡୁଙ୍ଗୁରିପାଲି, ୯ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଶିଶୁମନ୍ଦିର ଛକ ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଲରିଆବାହାଲ ଗ୍ରାମର ମାୟାଧର ଦାଗଙ୍କ ପୁଅ ଫକିର ବାଗ(୨୨) ଅନ୍ୟ ଜଣେ ସାଙ୍ଗ ଆଦର୍ଶ ପୋଦ୍ଦଙ୍କ ସହିତ ୨୬ ନମ୍ବର ଜାତୀୟ ରାଜପଥ ବଲାଙ୍ଗିର ପଟରୁ ନିଜ ଘରକୁ ଆସୁଥିଲେ। ବିପରୀତ ଦିଗରୁ ଏକ ଟ୍ରାକ୍ଟର ଆସୁଥିବାବେଳେ ଶିଶୁମନ୍ଦିର ଛକ ନିକଟରେ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଉଭୟେ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ସଙ୍ଗେସଙ୍ଗେ ସେମାନଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଫକିର ବାଗଙ୍କୁ ମୃତ ଘୋଷଣା କରିଥିଲେ।

# ଅଟୋରୁ ୨୫ କେଜି ଗଞ୍ଜେଇ ଜବତ



**ବୌଦ୍ଧ, ୯ ।୧(ସମିସ):** ବୌଦ୍ଧ-ବଘିଆପଡ଼ା ରାସ୍ତାର ଗଉଡ଼ଦେଇ ଆଇଟିଆଇ ରାସ୍ତାରୁ ଏକ ଅଟୋରୁ ୨୫ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ବୌଦ୍ଧ ଥାନା ଭାଲିଆ ପଦର ଗ୍ରାମର ସୁଶାନ୍ତ କହଁର ଗିରଫ ହୋଇଛି। ଶୁକ୍ରବାର ସକାଳେ ବୌଦ୍ଧ ଥାନା ପୁଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ବଘିଆପଡ଼ପଟୁ ବୌଦ୍ଧ ଆଡକୁ ଆସୁଥିବା ଏକ ଅଟୋକୁ ଅଟକାଇ ଥିଲା। ଚାଳକ ଅଟୋ ଛାଡି ଖସି ପଳାଇବାକୁ ଉଦ୍ୟମ କରୁଥିଲା। ପୁଲିସ୍ କିନ୍ତୁ କର୍ମଚାରୀ କାବୁ କରି ନେଇଥିଲା। ଅଟୋ ଯାଞ୍ଚ କରିବାରୁ ଏକ ଜରି ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯାଇଥିଲା। ଅଟୋ ଓ ଗଞ୍ଜେଇ ଜବତ କରି ଅଭିଯୁକ୍ତକୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

# ଆଜି ୬ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

**ବୌଦ୍ଧ, ୯ ।୧(ସମିସ):** ମନମୁଣ୍ଡା ବିଦ୍ୟୁତ ଉପଖଣ୍ଡ ଅଧୀନ ଜହ୍ନାପଙ୍କ ଫିଡର ଲାଇନର ରକ୍ଷଣା ବେକ୍ଷଣ ପାଇଁ ଶନିବାର ଓ ରବିବାର ୬ ଘଣ୍ଟା ଲେଖାଏଁ ବିଦ୍ୟୁତ ସରବରାହ ବନ୍ଦ ରହିବ। ୩୩କେଭି ଜହ୍ନାପଙ୍କ ଫୀଡର ଲାଇନର ରକ୍ଷଣବେକ୍ଷଣ କରାଯିବ। ଏହାଫଳରେ ଜହ୍ନାପଙ୍କ ଅଞ୍ଚଳରେ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିବ।

## ସମାଜସେବୀଙ୍କ ନିଆରା ପ୍ରୟାସ

# ନିଜସ୍ୱ ପ୍ରୟାସରେ କଲେ ରାସ୍ତା ନିର୍ମାଣ



**ଭବାନୀପାଟଣା, ୯ ।୧(ସମିସ):** ନର୍ଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଥିବା ଜୟନ୍ତୀନଗରପଡ଼ାର ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିଥିଲା। ରାସ୍ତା ପୁନଃ ନିର୍ମାଣ କରିବା ପାଇଁ ପଡ଼ାବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏହାକୁ ଦୃଷ୍ଟିରେ ରଖି ବିଶିଷ୍ଟ ସମାଜସେବୀ ଅଭୟ ନାଏକ ବର୍ଷ ତମାମ ନିଃସ୍ୱାର୍ଥପର ଭାବେ ଶ୍ରମଦାନ କରି ରାସ୍ତା ନିର୍ମାଣ କରି ଅଞ୍ଚଳ ପାଇଁ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଏସବୁ ଜନହିତକର କାର୍ଯ୍ୟ କରିବା ପାଇଁ ସେ ସ୍ୱର୍ଗତ ଦଶରଥ ମାଝୀଙ୍କ ଠାରୁ ପ୍ରେରଣା ପାଇଥିବା ପ୍ରକାଶ କରିଛନ୍ତି। ତେବେ ନର୍ଲା ବ୍ଲକ ଛକରୁ ଜୟନ୍ତୀନଗରପଡ଼ା ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇଯାଇଥିବାରୁ ପଡ଼ାବାସୀ ଅଭୟ ନାଏକଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।

## କର୍ଲାପଡ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ବାଲିଗୁଡା ଓ ମଧ୍ୟପୁର

**ଭବାନୀପାଟଣା /କର୍ଲାପଡ଼ା, ୯ ।୧(ସମିସ):** କର୍ଲାପଡ଼ାରେ ଅନୁଷ୍ଠିତ ମରୁଆ କୁମାର ଓ ରଶ୍ମିତା ନାଏକ ମେମୋରିଆଲ ଫୁଟବଲ ଟୁର୍ଣ୍ଣମେଣ୍ଟର ଷଷ୍ଠ ଦିବସରେ ଜାମୁଖୁଣ୍ଟା ଓ ମଧ୍ୟପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ମଧ୍ୟପୁର ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛି। ରଶ୍ମି ରଞ୍ଜନ ପ୍ରଧାନ ଓ ନିର୍ମଳ ପ୍ରଧାନ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ, ସମ୍ମାନିତ ଅତିଥି ଜିଲ୍ଲାପରିଷଦ ସଭ୍ୟ ଦୟାନିଧି ନାଏକ, ପ୍ରିୟବ୍ରତ ପ୍ରଧାନଙ୍କ ସମେତ ସଭାପତି ଧ୍ରୁବଚରଣ ପ୍ରଧାନ, ସମ୍ପାଦକ କିଶୋର ଯୁଆଡ, ସଭ୍ୟ ଅଶ୍ୱିନ କୁମାର ପ୍ରଧାନ, ସ୍ୱରୂପ ପ୍ରଧାନ, ବୁଲୁ ଯୁଆଡ, ଅଶ୍ୱିନ ଭାଟି, ଗଜେନ୍ଦ୍ର କୁମାର, ମହେନ୍ଦ୍ର କୁମାର, ଅବକାଶ ଚନ୍ଦନ, ଗୋଲକ ବାରିକ, କାର୍ତ୍ତିକ ଚନ୍ଦନ, ରୋହନ ଯୁଆଡ, ଗୌରୀ କୁମାର, ପ୍ରତୀକ ପ୍ରଧାନ, ଟୁନୁ ମାଝୀ, ସିପୁନ ପ୍ରଧାନ, ଚେତକ ପ୍ରଧାନ, କେତନ ଯୁଆଡ, ରାହୁଲ ମିର୍ଦ୍ଧା, ଆଲୋକ ଜାଲ, ସଞ୍ଜୟ ଚନ୍ଦନ, ଆକାଶ ଦାଶ, ପ୍ରିୟାଂଶୁ ପ୍ରଧାନ, ବିକି ଜୁଆଡ଼ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜୀବ ଲୋଚନ ଯୁଆଡ ଏବଂ ମିଳନ କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଜିଲ୍ଲାପାଳଙ୍କ ସହ ବିଜେଡି ନେତାଙ୍କ ଆଲୋଚନା

**ବୌଦ୍ଧ, ୯ ।୧(ସମିସ):** ବୌଦ୍ଧ ଜିଲ୍ଲାର ବିକାଶ ଧିମେଇ ଯାଇଛି। ଏରୁ ଏହାକୁ ଆଗକୁ ବଢ଼ାଇବା ସହ ଦେଖା ଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ସହ ବିଜେଡିର ଏକ ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ବେଆଇନ ବାଲି ଚାଲାଣ, ୩୦୦ ବେଡ୍ ବିଶିଷ୍ଟ ମେଡିକାଲ ନ ଖୋଲା ନ ଯିବା, ଚିକିତ୍ସା ପାଇଁ ଡାକ୍ତର ଅଭାବ, ଚାଷୀ ହନ୍ତସନ୍ତ ନେଇ ବିଜୁ ଜନତା ଦଳ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଛି। ବିଜୁ ଜନତା ଦଳର ଜିଲ୍ଲା ସଭାପତି ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ଧୀରେନ୍ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ବସ୍ତିଆ, ଅଶୋକ ସାହୁ, ସୁବୋଧ ପ୍ରଧାନ, ମୃତ୍ୟୁଞ୍ଜୟ ମିଶ୍ର, ବିଶ୍ୱଜିତ ମିଶ୍ର, ପଞ୍ଚାନନ ମହାପାତ୍ର, ଯୋଗେନ୍ଦ୍ର ମହାକୁଡ, ଅମ୍ରିତ ପ୍ରଧାନ, ଅନିକେତ୍ ଦାନୀ ପ୍ରମୁଖ ଉପସ୍ଥିତ ଥିଲେ। ତୁରନ୍ତ ଜିଲ୍ଲାର ଏହି ସମସ୍ୟା ଗୁଡିକର ସମାଧାନ ପ୍ରତି ଦୃଷ୍ଟି ଦେବାକୁ ଏହି ଟିମ୍ ଦାବି କରିଛି। ନ ହେଲେ ବିଜୁ ଜନତା ଦଳ ରାସ୍ତାକୁ ଓହ୍ଲାଇବ ବୋଲି କଡା ଚେତାବନୀ ଦେଇଛନ୍ତି।



# ଯୁବୋଦୟ ଲିଡ୍ ସ୍କୁଲର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୯ ।୧(ସମିସ):** ଯୁବୋଦୟ ଲିଡ୍ ସ୍କୁଲର ବାର୍ଷିକ ଉତ୍ସବ 'ଯୁବା' ଅନୁଷ୍ଠିତ ହୋଇଯାଇଛି। ବୁର୍ଲାସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ସିନିୟର୍ ରେଡ଼ିଓଲୋଜିଷ୍ଟ ଡ. ଦିନେଶ ଅଗ୍ରୱାଲ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ସହକାରୀ ଜିଲ୍ଲାପାଳ ଶିବାନନ୍ଦ କର୍ମୀ, ମୁଖ୍ୟବକ୍ତା ଭାବେ କିଟ କ୍ୟାରିୟର ଅନୁଷ୍ଠାନର ଡିନ୍ ପ୍ରଫେସର ଡ. ପ୍ରିୟଦର୍ଶୀ ବିଶ୍ୱାଳ ଏବଂ ଅନୁଷ୍ଠାନର ସଚିବ ଅମ୍ବରୀଶ ଦାଶ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ତେବେ ପ୍ରଫେସର ବିଶ୍ୱାଳ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଆଗାମୀ ସମୟ ଏକ ବହୁମୁଖୀ ଜ୍ଞାନର ସମୟ। ବହୁ ପ୍ରତିଯୋଗିତାର ଭିଡ଼ ଭିତରେ ନିଜକୁ ପ୍ରସ୍ତୁତ କରିବାକୁ ଛାତ୍ରଛାତ୍ରୀ ସେହି ସମୟ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହାସହ ପିଲାମାନେ ମୋବାଇଲ ସ୍କ୍ରିନଠାରୁ ଦୂରେଇ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ନିଜ ଘରକୁ ଏକ ବିଦ୍ୟାଳୟ କରି ନିଜ ସନ୍ତାନକୁ ଉପଯୁକ୍ତ ଭାବରେ ଗଢିବାକୁ ସେ ଅଭିଭାବକଙ୍କ ଉଦ୍ଦେଶ୍ୟରେ କହିଥିଲେ। ଯୁବୋଦୟ ଅନୁଷ୍ଠାନ ସମୂହ ସମ୍ପାଦିକା ମିତ୍ରବିନ୍ଦା ଦାଶ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହ ଅଧ୍ୟକ୍ଷା ବିଶ୍ୱବାରା ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ପ୍ରତିଯୋଗିତାର ଭିଡ଼ ଭିତରେ ନିଜକୁ ପ୍ରସ୍ତୁତ କରିବାକୁ ଆହ୍ୱାନ**

**ମୋବାଇଲରୁ ଦୂରରେ ରହିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ**

**ଘରକୁ ବିଦ୍ୟାଳୟ କରି ସନ୍ତାନକୁ ଗଢିବାକୁ ଉପଦେଶ**

# ଗାଡ଼ିଚାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଲା ପରିବହନ ବିଭାଗ

**ବୌଦ୍ଧ, ୯ ।୧(ସମିସ):** ବୌଦ୍ଧ ବସଷ୍ଟାଣ୍ଡରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଡ୍ରାଇଭରମାନଙ୍କ ପାଇଁ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଇଂ ସୁଷମା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ବୌଦ୍ଧ ବସଷ୍ଟାଣ୍ଡରେ ଥିବା ବସ୍, ଟାକ୍ସି ଓ ଅଟୋ ଡ୍ରାଇଭରଙ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଇଥିଲା। ଦୃଷ୍ଟି ଶକ୍ତି କମ୍ ଥିବା ଡ୍ରାଇଭରଙ୍କୁ ନିଃଶୁଳ୍କ ଚଷମା ପ୍ରଦାନ କରା ଯାଇଥିଲା। ଜୁନିଅର ଏମଭିଆଇ ସଞ୍ଜୟ ବେହେରା, ଟ୍ରାଫିକ୍ ଇନ୍ସପେକ୍ଟର ଦେବାଶିଷ ନାଏକ, ବୌଦ୍ଧ ଜିଲ୍ଲା ଡାକ୍ତରଖାନାର ଡାକ୍ତର ଓ ଟେକନିସିଆନ୍‌ମାନେ ଡ୍ରାଇଭରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ।

# ସାଧୁଚରଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ

**ବୌଦ୍ଧ, ୯ ।୧(ସମିସ):** ବୀରନରସିଂହପୁରସ୍ଥିତ ସାଧୁଚରଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା କ୍ରୀଡା ଅଧିକାରୀ ସୁଧର୍ମା ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂ, ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଓମ୍‌ପ୍ରକାଶ ପ୍ରଧାନ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ନବକିଶୋର ଦୀପ ମଞ୍ଚ ପରିଚାଳନା କରିଥିବାବେଳେ ଶର୍ମି ଗୋଧୂଳିକା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦଶରଥ ଭୋଇ, ସ୍ମରଜିତ କର୍ମୀ, ଅଲିଭା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଶିକ୍ଷକ ବିଭୂତି ଭୂଷଣ ମହକୁଡ଼, ପ୍ରଭାତୀ ତ୍ରିପାଠୀ, ରାଜଲକ୍ଷ୍ମୀ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ରାଜୀବ କହଁର, ପଦ୍ମିନୀ ସାହୁ, ସଚିନ୍ଦ୍ର କଂହର, ପ୍ରେମଲତା ସାହୁ, ରମାକାନ୍ତ ନାଗ, ବ୍ରଜକିଶୋର ଜଗଦଲା, ସ୍ୱାଗତିକା ମହାକୁଡ଼, ରାଜେନ୍ଦ୍ର ରଣା, ଶୋଭନ ପଣ୍ଡା, ସ୍ମିତାରାଣୀ ସାହୁ, ଶୁଭସ୍ମିତା ପଟ୍ଟନାୟକ, ରୀନାରାଣୀ ମହାନନ୍ଦିଆ, ସରୋଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଓଲଟିଲା ମକା ବୋଝେଇ ଟ୍ରକ୍

**ଆମପାଣି, ୯ ।୧(ସମିସ):** ୨୬ ନମ୍ବର ଜାତୀୟ ରାଜପଥର କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲା ସିମାନ୍ତ କୋକସରା ବ୍ଲକ ଆମପାଣି ବିରିମୁହାଣ ଘାଟିର ବୁଲାଣିରେ ଶୁକ୍ରବାର ଏକ ମକା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ସୂଚନା ଅନୁସାରେ ଟ୍ରକ୍ ମକା ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାର ଏକ କୋଣରେ ଓଲଟି ପଡ଼ିଥିଲା। ଗାଡ଼ି ଓଲଟି ପଡ଼ିବାରୁ ତେଲ ଟ୍ୟାଙ୍କ ଫାଟି ରାସ୍ତା ଉପରେ ସମସ୍ତ ତେଲ ଝରିଥିଲା। ଯାହାଫଳରେ ଗାଡ଼ି ମୋଟର ଯାତାୟତରେ ସ୍ଲିପ ହୋଇ ଅନେକ ବାଧା ଉପୁଜୁଥିଲା। ଖବର ପାଇ ଆମପାଣି ଥାନା ପୁଲିସ ଏବଂ କୋକସରା ଦମକଳ ବାହୀନି ଘଟଣାସ୍ଥଳରେ ପହଞ୍ଚି ଥିଲା। ଦୁର୍ଘଟଣାରେ ଡ୍ରାଇଭର କିମ୍ବା ହେଲପର ସୁରକ୍ଷିତ ଥିବା ଜଣାପଡ଼ିଛି।



# ରମାକାନ୍ତ ବାଗ ହତ୍ୟା ଘଟଣାରେ ୫ଗିରଫ

**ପାଟଣାଗଡ଼, ୯ ।୧(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଅଧୀନ ସମଲେଶ୍ୱର ଗାଁର ରମାକାନ୍ତ ବାଗ(୨୫) ହତ୍ୟା ଘଟଣାରେ ୫ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏମାନେ ହେଲେ ଯୁବରାଜ ବାଗ (୫୬), ତାଙ୍କ ସ୍ତ୍ରୀ ଝରଣା ବାଗ (୪୫), ଭାଗ୍ୟବତୀ ବାଗ (୨୫), ଭୁଜରାଜ ବାଗ (୫୭) ଓ ସୁରେନ୍ଦ୍ର ଜାଲ (୪୩)। ସେମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ୨ଟି ଲାଠି ଓ ଏକ ଲୁହା ରଡ୍ ଜବତ କରାଯାଇଛି।

ରମାକାନ୍ତଙ୍କ ପରିବାର ଓ କାକା ଯୁବରାଜଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଝଗଡ଼ା ଲାଗି ରହିଛି। ସେଥିପାଇଁ ୪ ବର୍ଷ ହେଲା ରମାକାନ୍ତଙ୍କ ପରିବାର ଟିକରାପଡ଼ା ଗାଁରେ ଯାଇ ରହୁଛନ୍ତି। ଗତ ସୋମବାର ରମାକାନ୍ତ ସମଲେଶ୍ୱରକୁ ତାଙ୍କ ସ୍ତ୍ରୀ ଓ ଦୁଇ ପୁଅଝିଅଙ୍କ ସହ ଆସିଥିଲେ। ପରିବାର ଛାଡି ଟିକରାପଡ଼ା ଫେରି ଯାଇଥିଲେ। ପୁଣି ପରିବାର ନେବା ପାଇଁ ବୁଧବାର ସମଲେଶ୍ୱର ଆସିଥିଲେ। ରମାକାନ୍ତ ଗାଁକୁ ଆସିଥିବା ଜାଣି କାକା ଯୁବରାଜ, ଝରଣା, ତାଙ୍କ ବଡ଼ପୁଅ ରିଙ୍କୁ, ସ୍ତ୍ରୀ ଭାଗ୍ୟବତୀ, ମଝିଆ ପୁଅ ଆଦି, ସାନ ପୁଅ ଦୁର୍ଲ୍ଲଭ, କାକା ଆଦି ବାଗଙ୍କ ସମେତ ଗାଁର ସୁରେନ୍ଦ୍ର ଜାଲ ମିଶି ରମାକାନ୍ତଙ୍କୁ ତାଙ୍କ ଘର ଭିତରକୁ ଟାଣି ନେଇଥିଲେ। ଘର ଭିତରେ ଲୁହା ରଡ଼, ଲାଠି, ଟାଙ୍ଗିଆ ଆଦି ମାରଣାସ୍ତ୍ରରେ ଅମାନୁଷିକ ଭାବେ ରମାକାନ୍ତଙ୍କୁ ପିଟି ଚାଲିଥିଲେ। ରମାକାନ୍ତଙ୍କ ଦୁଇ ଗୋଡ଼ ଓ ହାତକୁ ପିଟି ପିଟି ଚୁନା କରିଦେବା ସହ ମୁଣ୍ଡରେ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ରମାକାନ୍ତଙ୍କ ମୃତ୍ୟୁ ହୋଇଥିବା ଭାବି ପରେ ଛାଡି ଦେଇଥିଲେ। ଏହି ଖବର ପ୍ରଚାରିତ ହେବାପରେ ପାଟଣାଗଡ଼ ପୁଲିସ ଖବର ପାଇ ସଦଳବଳେ ସମଲେଶ୍ୱରରେ ପହଞ୍ଚି ଗୁରୁତର ଅବସ୍ଥାରେ ରମାକାନ୍ତଙ୍କୁ ଉଦ୍ଧାର କରି ପାଟଣାଗଡ଼ ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ରମାକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରମାକାନ୍ତଙ୍କ ସ୍ତ୍ରୀ ନିରୁପମା ବାଗ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରିରଖିଥିଲା। ହତ୍ୟା ପରେ ଅଭିଯୁକ୍ତମାନେ ଫେରାର ମାରିଥିଲେ। ଏସଡ଼ିପିଓ ସଦାନନ୍ଦ ପୁଝାରୀଙ୍କ ତତ୍ତ୍ୱାବଧାନ ଏବଂ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏମାନଙ୍କୁ ଗିରଫ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ଯୁବରାଜଙ୍କ ତିନି ପୁଅ ରିଙ୍କୁ, ଆଦି ଓ ଦୁର୍ଲ୍ଲଭ ଫେରାର ଅଛନ୍ତି।

## ଲାଠି, ଲୁହାରଡ୍ ଜବତ

■ ସ୍ପଷ୍ଟ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

# କମିବନି ଭକ୍ତ ନିବାସର ପାର୍କିଂ ଫି'

ପୁରୀ, ୯ା୧(ସମିସ): କମିବନି ଭକ୍ତ ନିବାସର ପାର୍କିଂ ଫି'। ଯେଉଁମାନେ ଶ୍ରୀମନ୍ଦିର ପ୍ରଶାସନର ଚାରୋଟିଯାକ ଭକ୍ତ ନିବାସରେ ଗାଡ଼ି ପାର୍କିଂ କରିବେ, ସେମାନଙ୍କୁ ୫୦୦ ଟଙ୍କା ପାର୍କିଂ ଫି' ଦେବାକୁ ପଡ଼ିବ। ଏହା ପୁଣି ୨୪ ଘଣ୍ଟା ପାଇଁ। ଗତ ୬ ତାରିଖରେ ଜାରି ନିର୍ଦ୍ଦେଶନାମା ୭ତାରିଖରୁ କାର୍ଯ୍ୟକାରୀ କରାଯାଇଛି। ଗୁରୁବାର ମନ୍ଦିର ପ୍ରଶାସନର ଏହି ନିଷ୍ପତ୍ତିକୁ ଭକ୍ତ, ପର୍ଯ୍ୟଟକ, ସେବାୟତଙ୍କ ସମେତ ସବୁ ମହଲରୁ ବିରୋଧ କରାଯାଇଥିଲା। ଏହା ସତ୍ତ୍ୱେ ନିଜ ନିଷ୍ପତ୍ତିରେ ଅଟଳ ମନ୍ଦିର ପ୍ରଶାସନ। ଭକ୍ତନିବାସ ପାର୍କିଂ ଫି' କମାଯିବ ନାହିଁ ବୋଲି ଶୁକ୍ରବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି।

ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ପରେ ମୁଖ୍ୟ ପ୍ରଶାସକ କହିଛନ୍ତି, ଭକ୍ତନିବାସ ପାର୍କିଂର ଜାଗା ସୀମିତ। ବେଳେବେଳେ ଏଠାରେ ବାହାର ଗାଡ଼ି ପାର୍କିଂ ହେଉଛି। ଫଳରେ ରହୁଥିବା ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ବାହାର ଲୋକ କେହି ଭକ୍ତ ନିବାସରେ ଗାଡ଼ି ପାର୍କିଂ କରିପାରିବେ ନାହିଁ। ଅନେକ କହୁଛନ୍ତି ପାର୍କିଂ ଫି' କାହିଁକି ନେଉଛନ୍ତି ରୁମ୍‌ଭଡ଼ା କାହିଁକି ବଢ଼ାଉ ନାହାନ୍ତି। ଆମେ ରୁମ୍ ଭଡ଼ା ବଢାଇବା ସପକ୍ଷରେ ନାହୁଁ। ପୁରୀରେ ଯେତେ ଭକ୍ତ ନିବାସ, ହୋଟେଲ, ଲଜିଂ ରହିଛି ଆମେ ସବୁଠୁ କମ୍ ଭଡ଼ା ନେଉଛୁ। ଭକ୍ତ ନିବାସରେ ରୁମ୍ ଭଡ଼ା ବୃଦ୍ଧି କରାଯିବ ନାହିଁ। ଭଡ଼ା ବଢ଼ାଇଲେ ସାଧାରଣ ଭକ୍ତ ପ୍ରଭାବିତ ହେବେ। ରାଜସ୍ୱ ଆୟ ବଢ଼ାଇବା ଆମର ଅଭିପ୍ରାୟ ନାହିଁ। କିନ୍ତୁ ଯେଉଁମାନେ ଭକ୍ତ ନିବାସରେ ରହିବା ପାଇଁ ଚାରିଚକିଆ ଗାଡ଼ି ଆଣି ଆସୁଛନ୍ତି, ସେମାନେ ଏହି ପାର୍କିଂ ଫି' ଦେବାକୁ ସମର୍ଥ। ସେମାନେ ଦେଇପାରିବେ। ଅନ୍ୟ ପାର୍କିଂସ୍ଥଳରେ ୨୪୦ଟଙ୍କା ଦେଇ ଗାଡ଼ି ପାର୍କିଂ କରୁଛନ୍ତି ଯାତ୍ରୀ। ଯେଉଁମାନେ ଚାହୁଁଛନ୍ତି, ସେମାନେ ଅନ୍ୟ ପାର୍କିଂସ୍ଥଳରେ ଗାଡ଼ି ରଖି ଭକ୍ତ ନିବାସରେ ରହିପାରିବେ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

# ପିୟୁସିସି ନାମରେ ଆଦାୟ ହେଉଛି ଗୁଣ୍ଡାବଟି: କଂଗ୍ରେସ

## 'ସୁଭଦ୍ରା' ଓ ଧାନ କିଣା ଟଙ୍କା ଦେବାକୁ ରାଜ୍ୟବାସୀଙ୍କୁ ସରକାରଙ୍କ କର କଷଣ



**ପୁରୀ ଓ ଓଡ଼ିଶାକୁ ବଦନାମ କରିବାକୁ ପାର୍କିଂ ଫି ବୃଦ୍ଧି**

**ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିବ ଯୁବ କଂଗ୍ରେସ**

ଭୁବନେଶ୍ୱର, ୯ ।୧(ସମିସ): ରାଜ୍ୟରେ ସାଧାରଣ ଲୋକଙ୍କଠାରୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନାମରେ ଜୋରିମାନା ଆଦାୟକୁ କଡ଼ା ବିରୋଧ କରିଛି କଂଗ୍ରେସ। ପ୍ରଦୂଷଣ ଆଇନକୁ ଆଳ କରି ସରକାର ଜିଜିଆ କର ଆଦାୟ କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନାଟକ ବିରୋଧରେ ଆସନ୍ତାକାଲି ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିବାକୁ ଯୁବ କଂଗ୍ରେସ ଘୋଷଣା କରିଛି ।

ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି, କୌଣସି ମାନଦଣ୍ଡ ନଥାଇ ସରକାର ସାଧାରଣ ଲୋକଙ୍କଠାରୁ ମନଇଚ୍ଛା ଫାଇନ ଅସୁଲ କରୁଛନ୍ତି। ସମଗ୍ର ରାଜ୍ୟରେ କର ଅସୁଲି ପାଇଁ ହାହାକାର ପଡିଛି। ସାଧାରଣ ଖାଉଟି, କୃଷକ, ଛୋଟ ବେପାରୀ, ଛୋଟ ଚାକିରିଆ ଏପରିକି ବେକାରୀ ଯୁବକଙ୍କ ଉପରେ ମଧ୍ୟ ଫାଇନ ପଡୁଛି। ପରାଧୀନ ଭାରତରେ ଓଡ଼ିଶାବାସୀ ବିପ୍ଳବ କରିଥିଲେ। ଜଗନ୍ନାଥଙ୍କ ରାଜ୍ୟ ଶାନ୍ତ ସରଳ ବୋଲି ବାରମ୍ବାର କର ଅସୁଲିର ଅତ୍ୟାଚାର ଚାଲିଛି। ଗୋଟିଏ ଗାଡି ଉପରେ ବିଭିନ୍ନ ପ୍ରକାର କର ଅସୁଲି ଚାଲିଛି। ତାପଜ କେନ୍ଦ୍ର, ପାଉଁଶ, ତୈଳ ବିଶୋଧନାଗର, ଖଣି ଆଦିରୁ କେତେ ପ୍ରଦୂଷଣ ହେଉଛି ସରକାର ପରୀକ୍ଷା କରିବା ଦରକାର। ଏହି ସଂସ୍ଥାଗୁଡ଼ିକ ଓଡ଼ିଶାର ବାୟୁମଣ୍ଡଳକୁ ସମ୍ପୂର୍ଣ୍ଣ ପ୍ରଦୂଷିତ କରି ଦେଲେଣି। ମାତ୍ର ସମସ୍ତ କମ୍ପାନୀଙ୍କ ପ୍ରଦୂଷଣ ମୁକ୍ତ ସାର୍ଟିଫିକେଟ ନବୀକରଣ ହେଉଛି। ଫେବୃଆରୀରେ ବିଧାନସଭା ଘେରାଉ ହେବ ଏବଂ ସରକାରଙ୍କୁ କଂଗ୍ରେସ ଜବାବ ମାଗିବ। ପିୟୁସିସି ନାମରେ ପୁଲିସ ଦ୍ୱାରା ସରକାର ଯେଉଁ ଗୁଣ୍ଡାଗିରି କରୁଛି ତାହା ବନ୍ଦ କରିବାକୁ ସେ ଦାବି କରିଛନ୍ତି। ଯଦି ଲୋକଙ୍କ ଦ୍ୱାରା ନିର୍ବାଚିତ ତେବେ ଲୋକଙ୍କୁ ସରକାର ସମ୍ମାନ କରନ୍ତୁ ଓ ପ୍ରଦୂଷଣ କରୁଥିବା କମ୍ପାନୀକୁ ପ୍ରଥମେ ଯାଞ୍ଚକରି ପ୍ରଦୂଷଣ ମୁକ୍ତ କରନ୍ତୁ ବୋଲି ଭକ୍ତ କହିଛନ୍ତି।

ଏହି ଅବସରରେ ପୁରୀସ୍ଥିତ ଭକ୍ତ ନିବାସରେ ରହୁଥିବା ଜଗନ୍ନାଥ ଦର୍ଶନଭିଳାଷୀଙ୍କ ଗାଡି ଉପରେ କର କାହିଁକି ଲାଗିବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଭକ୍ତଙ୍କୁ ଆତଙ୍କିତ କରାଯାଉଛି। ଜଗନ୍ନାଥ ଧାମ ପୁରୀର ଗୁରୁତ୍ୱ କମାଇବା ଓ ଲୋକଙ୍କ ସଂଖ୍ୟା ହ୍ରାସ ପାଇଁ ପାର୍କି ଫି ବୃଦ୍ଧି କରାଯାଉଛି। ସରକାର ପୁଞ୍ଜିପତିଙ୍କ ଉପରେ କର ପକାଇବା ପାଇଁ ସାହସ କରୁନାହାନ୍ତି। କିନ୍ତୁ ସାଧାରଣ ଲୋକଙ୍କୁ କର ଦେବାକୁ ବାଧ୍ୟ କରାଯାଉଛି। ସରକାରଙ୍କ ପାଖରେ ଏବେ ଧାନ କିଣିବା ଓ ସୁଭଦ୍ରା ଯୋଜନା ପାଇଁ ପଇସା ନାହିଁ। ତେଣୁ ଜୋର ଜବରଦସ୍ତ କର ଆଦାୟ କରୁଛନ୍ତି ବୋଲି ଭକ୍ତ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର ପ୍ରଦୂଷଣ ଯାଞ୍ଚ ସହିତ ବକେୟା ଫାଇନର କଣ ସମ୍ପର୍କ ଅଛି ବୋଲି ପ୍ରଶ୍ନ କରିବା ସହ କେଉଁ ସ୍ଥାନରେ କେଉଁ ଗାଡି କେତେ ଗତିରେ ଯିବ ତାପାଇଁ ରାସ୍ତାରେ ପର୍ଯ୍ୟାପ୍ତ ଫଳକ ନାହିଁ ବୋଲି କହିଛନ୍ତି। ଯୁବ ନେତା ମନୋଜ ବିଶ୍ୱାଳ ପ୍ରଦୂଷଣ ନାମରେ ସାଧାରଣ ଜନତାଙ୍କ ଠାରୁ ଚିପି ଫାଇନ ଆଦାୟକୁ କଂଗ୍ରେସ ବିରୋଧ କରୁଛି ବୋଲି କହିବା ସହ ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରାଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ହିମ୍ସ ପୋର୍ଟାଲ୍‌ରେ ତଥ୍ୟ ଦେଉ ନାହାନ୍ତି ଉଚ୍ଚଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୯ ।୧(ସମିସ): ଉଚ୍ଚଶିକ୍ଷାନୁଷ୍ଠାନର ବିଭିନ୍ନ ତଥ୍ୟ ଏକତ୍ରିତ କରିବା ପାଇଁ ସରକାର ଏଚ୍‌ଆଇଏମ୍ଏସ୍ (ହିମ୍ସ) ପୋର୍ଟାଲ୍ କରିଛନ୍ତି। ତହିଁରେ ସମସ୍ତ ଅଧ୍ୟାପକ/ ଅଧ୍ୟାପିକାଙ୍କ ସମେତ ଶିକ୍ଷାନୁଷ୍ଠାନର ପ୍ରତିଟି ତଥ୍ୟକୁ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବହୁ ଶିକ୍ଷାନୁଷ୍ଠାନ ସରକାରଙ୍କ ଏହି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛନ୍ତି। କିଛି ଶିକ୍ଷାନୁଷ୍ଠାନ ମିଥ୍ୟା ତଥ୍ୟ ଅପଲୋଡ୍ କରୁଥିବାବେଳେ ଆଉକିଛି ଶିକ୍ଷାନୁଷ୍ଠାନ ମୂଳରୁ ତଥ୍ୟ ଉପଲୋଡ୍ କରୁ ନାହାନ୍ତି। ଏପରିକି ୪୦ ଟି ଶିକ୍ଷାନୁଷ୍ଠାନ ମୂଳରୁ କର୍ମଚାରୀଙ୍କ ତଥ୍ୟ ଅପଲୋଡ୍ କରି ନଥିବା ଜଣାପଡ଼ିଛି।

**୪୦ ଖିଲାପକାରୀ ମହାବିଦ୍ୟାଳୟ ତାଲିକା ପ୍ରକାଶ କଲା ବିଭାଗ**

ବରଗଡ଼ ଜିଲ୍ଲାର ଅଞ୍ଚଳ ଡିଗ୍ରୀ କଲେଜ, ବରପାଲି, ସୋହେଲା, ଦଧିବାମନ କଲେଜ ସମେତ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ସେମାନଙ୍କ କର୍ମଚାରୀଙ୍କ ତଥ୍ୟ ଦେଇ ନାହାନ୍ତି। ସେହିପରି ଭଦ୍ରକ ଜିଲ୍ଲାର ଆଗରପଡ଼ା, ଚରମ୍ପା, ଧାମନଗର, ନାମି ଓ ଭଦ୍ରକ ମହିଳା ମହାବିଦ୍ୟାଳୟ ମଧ୍ୟ ତଥ୍ୟ ଲୁଚାଇଛନ୍ତି। ଅନୁରୂପ ଭାବେ ବାଲେଶ୍ୱର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ସେନପୁର ଜିଲ୍ଲାର ୩ ଟି ଲେଖାଏଁ ମହାବିଦ୍ୟାଳୟ ଥିବାବେଳେ କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେଉଁଝର ଜିଲ୍ଲାର ଦୁଇଟି ଲେଖାଏଁ, ବଲାଙ୍ଗିର, ଜଗତସିଂହପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ଗୋଟିଏ ଲେଖାଏଁ ମହାବିଦ୍ୟାଳୟ ତଥ୍ୟ ଦାଖଲ କରିବାରେ ଖିଲାପ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଖିଲାପକାରୀ ମହାବିଦ୍ୟାଳୟର ତାଲିକା ଜାରି କରି ତୁରନ୍ତ ତଥ୍ୟ ଦାଖଲ କରିବାକୁ କୁହାଯାଇଛି। ଅପରପକ୍ଷରେ କିଛି ମହାବିଦ୍ୟାଳୟ ସେମାନଙ୍କ ମିଥ୍ୟ ତଥ୍ୟ ପୋର୍ଟାଲ୍‌ରେ ଅପଲୋଡ୍ କରିଛନ୍ତି। ଅତିଥି ଅଧ୍ୟାପକଙ୍କୁ ମ୍ୟାନେଜମେଣ୍ଟ ଷ୍ଟାଫ୍ ଭାବେ ଦର୍ଶାଇଛନ୍ତି। ଫଳରେ ପରବର୍ତ୍ତୀ ସମୟରେ ତଞ୍ଚକତା କରି ସେମାନଙ୍କୁ ମ୍ୟାନେଜମେଣ୍ଟ ଷ୍ଟାଫ୍ କରିବାକୁ ମସୁଧା କରୁଥିବା ବିଭାଗ ପାଖରେ ପୁଳାପୁଳା ଅଭିଯୋଗ ହୋଇଛି।

ଓଡିଶାରେ କନ୍ୟା ଅସୁରକ୍ଷିତ

# ମହିଳା ସୁରକ୍ଷାରେ ୩୪ତମ ସ୍ଥାନରେ ଭୁବନେଶ୍ୱର



**କାହା ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'**

**୧୫ ମାସରେ ୪୦, ୯୪୭ ମହିଳା ବିରୋଧୀ ହିଂସା**

ଭୁବନେଶ୍ୱର, ୯ ।୧(ସମିସ): ରାଜ୍ୟର ଉପରମୁହାଁ ମହିଳା ବିରୋଧୀ ହିଂସା ରୋକିବାକୁ ଅସମର୍ଥ ରାଜ୍ୟ ବିଜେପି ସରକାର 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଘୋଷଣା କରିଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ କରିବା ସହ ରାଜ୍ୟର କନ୍ୟାମାନଙ୍କୁ ସୁରକ୍ଷା ପ୍ରଦାନରେ ସରକାର ପ୍ରାଥମିକତା ଦିଅନ୍ତୁ ବୋଲି ବିଜେଡି କହିଛି। ଶୁକ୍ରବାର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ, ଅବତାର ଗ୍ରୁପ୍ ଦ୍ୱାରା ସଦ୍ୟ ପ୍ରକାଶିତ ରିପୋର୍ଟ 'ଟପ୍ ସିଟିଜ୍ ଫର୍ ୱମେନ୍ ଇନ୍ ଇଣ୍ଡିଆ'ରେ ଓଡିଶାର କୌଣସି ସହର ଶ୍ରେଷ୍ଠ ୨୫ ସହର ତାଲିକାରେ ସ୍ଥାନ ପାଇ ନାହିଁ। ୩୪ତମ ସ୍ଥାନରେ ଭୁବନେଶ୍ୱର ରହିଥିଲା ବେଳେ ରାଉରକେଲା ୪୨ତମ ସ୍ଥାନରେ ରହିଛି। ରାଜ୍ୟର ମହିଳାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ଜୀବନଜୀବିକା ସର୍ବୋପରି ସୁରକ୍ଷା ଓ ନିରାପତ୍ତା ଯୋଗାଇ ଦେବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଡବଲ ଇଂଜିନ ସରକାର ଆସିବା ପରେ, ମହିଳା ବିରୋଧୀ ହିଂସା ଲାଗି ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଓଡିଶା ନିନ୍ଦିତ ଓ ଅପମାନିତ ହୋଇଛି। ୧୫ ମାସରେ ରାଜ୍ୟରେ ୪୦, ୯୪୭ ମହିଳା ବିରୋଧୀ ହିଂସା ସଂଗଠିତ ହୋଇଥିଲା ବେଳେ ୪ ହଜାରରୁ ଉର୍ଦ୍ଧ୍ୱ ଦୁଷ୍କର୍ମ ଘଟିଛି। ଏହି ପରିସଂଖ୍ୟାନ ଖୋଦ୍ ମୁଖ୍ୟମନ୍ତ୍ରୀ ଓଡିଶା ବିଧାନସଭାରେ ଲିଖିତ ଭାବେ ଉପସ୍ଥାପନ କରିଛନ୍ତି। ଏହି ପରିସଂଖ୍ୟାନ ଓ ରିପୋର୍ଟରୁ ସ୍ପଷ୍ଟ ବାରି ହେଉଛି ଓଡିଶାରେ ନାରୀ ସୁରକ୍ଷିତ ନୁହଁନ୍ତି। ଲୋକଦେଖାଣିଆ ଭାବେ ସରକାର ମହିଳାଙ୍କ ପାଇଁ ଯୋଜନା କରିବା ପରିବର୍ତ୍ତେ ମହିଳା ସୁରକ୍ଷା, ନିରାପତ୍ତା, ବିକାଶ ଓ ସଶକ୍ତିକରଣ ନିମନ୍ତେ ଆନ୍ତରିକତାର ସହ ରାଜ୍ୟ ସରକାର ଉଦ୍ୟମ କରନ୍ତୁ ବୋଲି ବିଜେଡି ଦାବି କରିଛି।

# ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପରିଦର୍ଶନ କଲେ ବିଧାନସଭା କମିଟି



ଭୁବନେଶ୍ୱର, ୯।୧(ସମିସ): ଖଦି; ସ୍ୱଦେଶୀ, ସ୍ୱାଭିମାନ ଓ ସମୃଦ୍ଧିର ପ୍ରତୀକ। ଅଧିକରୁ ଅଧିକ ଖଦି ପିନ୍ଧିଲେ, ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହୋଇପାରିବ ବୋଲି ବିଧାନସଭା ପେପରସ୍ ଲେଡ୍ ଅନ୍ ଦ ଟେବୁଲ୍ କମିଟି ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି। ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପରିଦର୍ଶନ ସମୟରେ ଖଦିର ପୁନରୁଥାନ ପାଇଁ ଆଲୋଚନାରେ ଏହି ମତ ପ୍ରକାଶ ପାଇଛି।

ବିଧାନସଭା କମିଟି ସମ୍ମୁଖରେ ଖଦି ବୋର୍ଡ ସଦସ୍ୟ ଓ ବୁଣାକାରମାନେ ଖଦିର ପୁନରୁଥାନ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଆବଶ୍ୟକୀୟ କଞ୍ଚାମାଲ୍ ଯୋଗାଣ, ରିହାତି ବୃଦ୍ଧି, ବୁଣାକାରଙ୍କୁ ଭତ୍ତା ପ୍ରଦାନ, ନୂଆ ଗୋଦାମ ଗୃହ ନିର୍ମାଣ, ଚଳନ୍ତି ପୁଞ୍ଜି, ନୂତନ କର୍ମଚାରୀ ନିଯୁକ୍ତି, ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ, ଡିଜିଟାଲ ମାର୍କେଟିଂ, ନୂତନ ବିକ୍ରୟ କେନ୍ଦ୍ର ଖୋଲିବା ଆଦି ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଥିଲେ। ସ୍ଥାନୀୟ ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ବିଧାନସଭା ପେପରସ୍ ଲେଡ୍ ଅନ୍ ଦ ଟେବୁଲ୍ କମିଟି ଅଧ୍ୟକ୍ଷ ତଥା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, କମିଟି ସଭ୍ୟ ବିଧାୟକ ଅରବିନ୍ଦ ମହାପାତ୍ର, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ, ବୋର୍ଡ ଅଧ୍ୟକ୍ଷ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ସଚିବ ସଞ୍ଜୟ ମିଶ୍ର, କେନ୍ଦ୍ର ଖଦି କମିଶନର ରାଜ୍ୟ ନିର୍ଦ୍ଦେଶକ ସୁଭାଷ ଛେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କଲା ଉଚ୍ଚସ୍ତରୀୟ କମିଟି

# ଶିକ୍ଷା ଓ ଶିକ୍ଷକଙ୍କ ଦାବି ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର, ୯ ।୧(ସମିସ): ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକ/ଅଧ୍ୟାପକ ଓ କର୍ମଚାରୀଙ୍କ ସମସ୍ୟାକୁ ସମାଧାନ କରିବାକୁ ଅବସରପ୍ରାପ୍ତ ଆଇଏଏସ୍ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ ୪ ଜଣିଆ ଉଚ୍ଚ ସ୍ତରୀୟ କମିଟି ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀଙ୍କ ସମସ୍ୟା ଏବଂ ବିଭିନ୍ନ ସଂଘର ଦାବିକୁ ତର୍ଜମା କରି ସେମାନଙ୍କ ଦାବିକୁ କିପରି ସମାଧାନ କରାଯାଇ ପାରିବ, ସେନେଇ ବିଚାରବିମର୍ଶ କରିଛନ୍ତି। ଏହାସହ ଉଚ୍ଚଶିକ୍ଷାରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବାପରେ ଅଧ୍ୟାପକ/ଅଧ୍ୟାପିକାଙ୍କ ଦକ୍ଷତା ବିକାଶ, ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ ଲାଗୁ ହେବା ପରେ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା କୁଳପତି, ଅଧ୍ୟାପକ ଓ ଅଣଶିକ୍ଷକ ପଦ ପୂରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ଆଦି ବିଷୟରେ ବ୍ୟପକ ଆଲୋଚନା କରିଛନ୍ତି। ଏହି ଅବସରରେ କମିଟିର ସଦସ୍ୟ ଥିବା ଓଏଫ୍ଏସ୍ ଶାନ୍ତନୁ କୁମାର ସାହୁ, ଅବସରପ୍ରାପ୍ତ ଓଇଏସ୍ ସନାତନ ପଣ୍ଡା ଏବଂ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୬୩ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୯ ।୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ବର୍ଷ ଆରମ୍ଭରୁ ମାଓ ସଂଗଠନକୁ କ୍ରମାଗତ ଭାବେ ଶକ୍ତ ଧକ୍କା ଲାଗି ଆସୁଥିବା ବେଳେ ଆଜି ପୁଣି ମାଓ ସଙ୍ଗଠନ ଛାଡ଼ି ୬୩ଜଣ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ର ଦନ୍ତେୱାଡ଼ାରେ ଆଜି ୬୩ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୮ ଜଣ ମହିଳା ମାଓବାଦୀ ରହିଛନ୍ତି। ଏଥିରେ ପଶ୍ଚିମ ବସ୍ତର୍ ଡିଭିଜନ୍ କମିଟି ସଚିବ ମୋହନ କଡତି ମଧ୍ୟ ନିଜ ପତ୍ନୀଙ୍କ ସହ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ନକ୍ସଲ ନିପାତ ଦିଗରେ ଏହି ଘଟଣାକୁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ତେବେ ଏମାନଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ୮ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିବା ବେଳେ ୭ ଜଣଙ୍କ ନାମରେ ୫ ଲକ୍ଷ, ୮ ଜଣ ମାଓବାଦୀଙ୍କ ନାମରେ ୨ ଲକ୍ଷ, ୧୧ଜଣଙ୍କ ନାମରେ ୧ ଲକ୍ଷ ଏବଂ ୩ ଜଣଙ୍କ ନାମରେ ୫୦ ହଜାର ଟଙ୍କା ଲେଖାଏଁ ସର୍ବମୋଟ ୧ କୋଟି ୧୯ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରହିଥିଲା। ଆତ୍ମସମର୍ପଣ ନୀତି ଅନୁଯାୟୀ, ସମସ୍ତଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସମସ୍ତଙ୍କୁ ଆତ୍ମ ନିର୍ଭରଶୀଳ କରାଯିବ ଓ ପ୍ରତ୍ୟେକ ମାସରେ ୧୦ ହଜାର ଟଙ୍କା ମଧ୍ୟ ସେମାନେ ପାଇବେ ବୋଲି ଏସପି ଗୌରବ ରାୟ କହିଛନ୍ତି।

ଜନବସତି ନିକଟତର ହାତୀପଲ

# ହାତୀ ପାଦ ତଳେ ଗଲା ୨ ଜୀବନ



ରାଇରଙ୍ଗପୁର/କରଞ୍ଜିଆ, ୯।୧(ସମିସ): ହାତୀ ପାଦ ତଳେ ଗଲା ୨ ଜୀବନ। ଶୁକ୍ରବାର ଭୋର୍‌ରେ ରରୁଆଁ ନିକଟବର୍ତ୍ତୀ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟର ବେନିସାଗର ଅଞ୍ଚଳରେ ଏପରି ଏକ ଅଘଟଣ ଘଟିଛି। ଖାଦ୍ୟ ଅନ୍ୱେଷଣରେ ଆସିଥିବା ହାତୀପଲ ହାବୁଡ଼ରେ ପଡ଼ି ୨ଜଣ ଯୁବକ ପ୍ରାଣ ହରାଇଛନ୍ତି। ଜଣେ ଯୁବକଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଛି। ମୃତକଦ୍ୱୟ ଝାଡ଼ଖଣ୍ଡର। ସେମାନଙ୍କ ପରିଚୟ ମିଳିପାରିନାହିଁ।

ସୂଚନାନୁଯାୟୀ, ଧାନ ଓ ଅନ୍ୟାନ୍ୟ ଫସଲ ଖାଇବା ପାଇଁ ହାତୀପଲ ଜନବସତି ନିକଟତର ହେଉଛନ୍ତି। ଆଜି ଭୋର୍‌ରେ ଏକ ହାତୀପଲ ବେନିସାଗର ଅଞ୍ଚଳକୁ ପଶି ଆସିଥିଲେ। ହାତୀମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ବେଳେ ହାତୀପଲ ପାଲଟା ଆକ୍ରମଣ କରିଥିଲେ। ଏଥିରେ ୩ଣ ଯୁବକ ଆହତ ହୋଇଥିବା ବେଳେ ୨ଜଣଙ୍କ ମୃତ୍ୟୁ ଘଟିଛି।

## ସମ୍ପର୍କ ସାଜିଲା ବଇରୀ

# ବାପାର ଟାଙ୍ଗିଆ ଚୋଟରେ ପୁଅର ମୃତ୍ୟୁ



ମହୁଲଡିହା, ୯।୧(ସମିସ): ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଥାନାରେ ବାପାର ଆତ୍ମସମର୍ପଣ। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ, ଭରାଣ୍ଡିଆ ଗ୍ରାମର ତପନ ବାଈଶିଆ। ପୁଲିସ ଅଭିଯୁକ୍ତ ପୁଅ ଅନାମ ବାଈଶିଆ (୬୨)କୁ ଗିରଫ କରି ତଦନ୍ତ ଚଳାଇଛି। ଏହାସହ ତପନର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି।

ଅଧିକାଂଶ ସମୟରେ ତପନ ମଦ ପିଉଥିବାରୁ ପରିବାରରେ କଳହ ହେଉଥିଲା। ବିଶେଷକରି ବାପା ଅନାମ ତାକୁ ବିରୋଧ କରୁଥିବାରୁ ବହୁ ସମୟରେ ବାପା-ପୁଅଙ୍କ ଝଗଡ଼ା ହେଉଥିଲା। ଗୁରୁବାର ରାତିରେ ତପନ ପୁଣିଥରେ ମଦ ପିଇ ଘରକୁ ଫେରିବାରୁ ଅନାମ ତାକୁ ଗାଳିଗୁଲଜ କରିଥିଲେ। ତପନ ମଧ୍ୟ ପାଟିତୁଣ୍ଡ କରିବାରୁ ଅନାମଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥିଲା। ପାଖରେ ପଡ଼ିଥିବା ଏକ ଟାଙ୍ଗିଆରେ ଆକ୍ରମଣ କରି ତପନକୁ ହତ୍ୟା କରି ଦେଇଥିଲା। ଖବର ପାଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଏସଆଇ ଅନିତା ସ୍ୱାଇଁ, ଏଏସଆଇ ଅମରେଶ ବାରିକ ଓ ବାରିପଦାରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ଥାନାରେ ୭/୨୬ରେ ଏକ ମାମଲା ରୁଜୁ ହୋଇଛି।

# ଭାଇକୁ ଟାଙ୍ଗିଆରେ ହାଣି ହତ୍ୟା



ହତ୍ୟାକାରୀ



ମୃତକ

ଅମ୍ବାଦଳା, ୯।୧ (ସମିସ): ଭାଇ ହେଲା ବଇରୀ। ଟାଙ୍ଗିଆରେ ହାଣି ଭାଇକୁ ମାରିଦେଲା। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଇଚ୍ଛାପୁର ପଞ୍ଚାୟତ ବଡ଼ନାଗଝରି ଗ୍ରାମରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ବଡନୁନା କଟିମ। ଅମ୍ବାଦଳା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଭିଯୁକ୍ତ ବିସମ୍ବର କଟିମ୍‌କୁ ପୁଲିସ ଗିରଫ କରିବା ସହ ଘଟଣାସ୍ଥଳରେ ତାକୁ ନେଇ ସିନ୍-ରିକ୍ରିଏସନ୍ କରାଇଛି। ଏହାସହ ପୁଲିସ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ମଧ୍ୟ ଜବତ କରିଛି।

ସୂଚନା ଅନୁଯାୟୀ, ବିସମ୍ବରର ସାନବାପାଙ୍କ ପୁଅ ବଡନୁନା। ଦୁହିଁଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ଆଜି ବଡନୁନା ନିଜ କାନ୍ଦୁଲ ବାଡ଼ି ଦେଖିବାକୁ ଯାଉଥିଲେ। ସେତିକିବେଳେ ବିସମ୍ବର ନିଜ ଜମିରେ ଥିବା ଏକ ଜାମୁ କୋଳି ଗଛ କାଟୁଥିଲା। କାହିଁକି ଏତେ ବଡ଼ ଗଛ କାଟି ଦେଉଛୁ ବୋଲି ବଡନୁନା ପଚାରିବାରୁ ବିସମ୍ବର ଗଛରୁ ଓହ୍ଲାଇ ଆସିଥିଲା। ଉଭୟଙ୍କ ମଧ୍ୟରେ ଗଛକଟାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିସମ୍ବର ହାତରେ ଥିବା ଟାଙ୍ଗିଆରେ ବଡନୁନାଙ୍କୁ ଚୋଟ ପରେ ଚୋଟ ପକାଇଥିଲା। ଏଥିରେ ଘଟଣାସ୍ଥଳରେ ବଡନୁନା ଟଳି ପଡ଼ିଥିଲା।

ଅପରପକ୍ଷେ, କାନ୍ଦୁଲବାଡ଼ିରେ ପହଞ୍ଚିବାରେ ବିଳମ୍ବ ହେବାରୁ ବଡ଼ନୁନାଙ୍କ ଝିଅ ଖୋଜାଖୋଜି କରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପାଙ୍କୁ ଦେଖି ସାହାଯ୍ୟ ପାଇଁ ଗାଁ ଲୋକଙ୍କୁ ଡାକ ପକାଇଥିଲା। ଗାଁଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ।

## ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ଉଦ୍‌ଯାପିତ

# ଦୀର୍ଘସ୍ଥାୟୀ ବିକାଶ ଓ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ: ମୁଖ୍ୟମନ୍ତ୍ରୀ




**୯ ଟି ଆଇଟିଆଇରେ ଖୋଲିବ ଏଆଇ ଲାବୋରେଟୋରୀ**

ଭୁବନେଶ୍ୱର, ୯ ।୧(ସମିସ): ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ଆରମ୍ଭ ହୋଇଛି। ନିଜକୁ କୌଣସି ଗୋଟିଏ କ୍ଷେତ୍ରରେ ଦକ୍ଷ କଲେ ଓଡ଼ିଶାରେ ହିଁ ନିଯୁକ୍ତି ମିଳିପାରିବ ବୋଲି ଆଜି ଅନୁଷ୍ଠିତ ଓଡ଼ିଶା ଦକ୍ଷତା ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦକ୍ଷ ଓ ଯୁବ କୁଶଳୀ ଛାତ୍ରଛାତ୍ରୀଙ୍କୁ କହିଛନ୍ତି। ଦୀର୍ଘସ୍ଥାୟୀ ବିକାଶ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ। ଲୋକଙ୍କୁ ସଶକ୍ତ କରିବା ସରକାରଙ୍କ ମୂଳ ଲକ୍ଷ୍ୟ। ଯୁବବର୍ଗ ଦକ୍ଷ ଓ ଆତ୍ମବିଶ୍ୱାସୀ ହେଲେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ପାରିବେ, ଯାହା ୨୦୩୬ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଶିଳ୍ପାୟନ ପାଇଁ ଭିତ୍ତିଭୂମି ସହିତ ଅନୁକୂଳ ପରିବେଶ ଏବଂ ଦକ୍ଷତା କ୍ଷେତ୍ରକୁ ସୁଦୃଢ଼ କରି ରାଜ୍ୟର ଇଣ୍ଡଷ୍ଟ୍ରିଆଲ୍ ଇକୋ-ସିଷ୍ଟମକୁ ଶ୍ରେଷ୍ଠ କରିବା ପାଇଁ ଉଦ୍ୟମ ଜାରି ରହିଛି। ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଉତ୍କର୍ଷ ଆଇଟିଆଇ ସ୍କିମ୍‌କୁ କ୍ୟାବିନେଟ୍ ଅନୁମୋଦନ କରାଯାଇଛି। ରାଜ୍ୟର ୪୭ ଟି ଆଇଟିଆଇକୁ ସେଣ୍ଟର ଅଫ୍ ଏକ୍ସିଲେନସ୍‌ରେ ପରିଣତ କରି ଉନ୍ନତ ଏବଂ ଅତ୍ୟାଧୁନିକ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସେହିପରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ପାଇଁ ୯ଟି ଆଇଟିଆଇରେ ଏଆଇ ଲାବୋରାଟେରୀ ଖୋଲାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଏହି ଦକ୍ଷତା ପ୍ରତିଯୋଗିତା ନୂତନ ଓଡିଶାର ସାମୂହିକ ଆକାଂକ୍ଷାକୁ ପ୍ରଦର୍ଶିତ କରୁଛି। ଛାତ୍ରଛାତ୍ରୀଙ୍କ ପ୍ରତିଭା ଚିହ୍ନଟ କରିବା ସହ ଉତ୍କର୍ଷକୁ ପ୍ରୋତ୍ସାହନ ଏବଂ ବୃହତ୍ ଜାତୀୟ ଓ ଅନ୍ତର୍ଜାତୀୟ ସୁଯୋଗ ସୃଷ୍ଟି କରୁଛି। ଦକ୍ଷତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୫୪ ଜଣଙ୍କୁ ସ୍ୱର୍ଣ୍ଣ ପଦକ ସହ ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ସହ ଅର୍ଥରାଶି ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱରସ୍ଥିତ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୨୩ ଟି ସ୍ୱର୍ଣ୍ଣ ପଦକ ସହିତ ୧୯ଟି ରୌପ୍ୟ ଓ ୨୧ଟି ବ୍ରୋଞ୍ଜ ପଦକ ପାଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହ, ବିଭାଗୀୟ କମିଶନର ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ପୂର୍ବର ଭୁଲ୍‌କୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ। ବ୍ୟବସାୟରେ ସଫଳତା ପାଇବେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଉଧାର ଟଙ୍କା ଫେରି ପାଇପାରନ୍ତି।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଅଯଥା କଥାରେ ଯୁକ୍ତି କରନ୍ତୁନି। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି।

**କର୍କଟ:** ମାନସିକ ଶାନ୍ତି ମିଳିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ଗୁରୁଜନଙ୍କଠାରୁ ପରାମର୍ଶ ନେବା ଫଳପ୍ରଦ।

**ସିଂହ:** ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସମସ୍ୟାରେ ପଡ଼ିବାର ଆଶଙ୍କା ଅଧିକ। ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ।

**ବିଛା:** ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନିଜେ ନିଅନ୍ତୁ। ଯୋଜନା ଅନୁସାରେ କାମ କରିବା ଭଲ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି। ରାଜନୀତିରେ ସକ୍ରିୟ ରହିପାରନ୍ତି। ମନ ମୁତାବକ କାମ କରନ୍ତୁ।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ର ସହକର୍ମୀଙ୍କ ସହଯୋଗ ମିଳିବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଟକି ଥିବା ଅର୍ଥ ଫେରିପାଇବେ। ଅତିଥି ସତ୍କାରରେ ଦିନ ବିତିବ। ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

## ଆଜିର ଇତିହାସ

- ୧୮୩୯-ଭାରତୀୟ ଚା’ ଇଂଲଣ୍ଡରେ ପହଞ୍ଚିଥିଲା।
- ୧୮୬୩-ଲଣ୍ଡନରେ ପ୍ରଥମ ମେଟ୍ରୋ ରେଳସେବାର ଆରମ୍ଭ ହେଲା।
- ୧୯୪୬-ମିଳିତ ଜାତିସଂଘର ପ୍ରଥମ ବୈଠକରେ ୫୧ଟି ରାଷ୍ଟ୍ର ଅଂଶଗ୍ରହଣ କଲେ।
- ୧୯୬୩- ଭାରତ ସରକାର ସ୍ୱର୍ଣ୍ଣ ନିୟନ୍ତ୍ରଣ ଯୋଜନାର ଆରମ୍ଭ କଲେ ।
- ୨୦୦୮ - ଟାଟା ମୋଟର୍ସ ଲକ୍ଷେ ଟଙ୍କିଆ ନାନୋ କାର୍‌କୁ ବଜାରକୁ ଆଣିଲା।



## ନଦୀ ସଫା କରିବ ରୋବଟ୍

ଜଳବାୟୁ ପରିବର୍ତ୍ତନ, ଅନିୟନ୍ତ୍ରିତ ସହରୀକରଣ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଏବେ ନଦୀ, ଜଳାଶୟଗୁଡ଼ିକ ପ୍ରଦୂଷିତ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ଦକ୍ଷିଣ କୋରିଆର ଅଟୋନମସ୍ ରୋବଟ୍ କମ୍ପାନି 'ଇକୋପିସ୍' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛି। ଏହି କମ୍ପାନି ଏବେ ତାର ଜଳ ଗୁଣାବତ୍ତା ପରିଚାଳନା ପଦ୍ଧତିକୁ ବିଶ୍ୱସ୍ତରରେ ବିସ୍ତାର କରିବା ପାଇଁ ଯୋଜନା କରିଛି। ଏବେ ଜଳ ଉତ୍ସଗୁଡ଼ିକ ପ୍ରଦୂଷଣ, ସହରାଞ୍ଚଳର ବିକାଶ ଏବଂ ଶୈବାଳ ଯୋଗୁଁ ପ୍ରଦୂଷିତ ହେଉଛନ୍ତି। ଏଭଳି ସ୍ଥିତିରେ ପାରମ୍ପରିକ ଉପାୟରେ ନଦୀଗୁଡ଼ିକୁ ପରିଷ୍କାର କରିବା ସହଜ ନୁହେଁ। ତେଣୁ ଇକୋପିସ୍ ପ୍ରଦୂଷିତ ଜଳକୁ ସଫା ଲାଗି ଆଡଭାନ୍ସ ରୋବଟ୍ ଏବଂ ଏଆଇକୁ ବ୍ୟବହାର କରୁଛି। ଇକୋପିସ୍‌ର ରୋବଟ୍‌କୁ ଇକୋବଟ୍ କୁହାଯାଉଛି। ଏହା ଅଧା ପାଣିରେ ବୁଡ଼ି ରହେ ଏବଂ ଏହା ପୂରାପୂରି ସ୍ୱୟଂଚାଳିତ। ଏହା ପାଣିରେ ଥିବା ଶୈବାଳକୁ ଚିହ୍ନଟ କରି ପରିଷ୍କାର କରେ। ସଫେଇ ଲାଗି ଏଥିରେ ଷ୍ଟେନଲେସ୍ ଷ୍ଟିଲ୍ ମାଇକ୍ରୋ ଫିଲଟର୍ ଲଗାଯାଇଛି। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି, ଏହା ନିଜେ ନିଜକୁ ସଫା କରିବାକୁ ସକ୍ଷମ। ଏପରିକି ଆବଶ୍ୟକତା ପଡ଼ିଲେ ଇଲେକଟ୍ରୋକେମିକାଲ ଟ୍ରିଟ୍‌ମେଣ୍ଟ ମାଧ୍ୟମରେ ଏହା ଜଳରେ ଥିବା ପ୍ରଦୂଷକ ତତ୍ତ୍ୱକୁ ନଷ୍ଟ କରିପାରେ। ଉଲ୍ଲେଖନୀୟ କଥାଟି ହେଲା, ଏହି ରୋବଟ୍‌କୁ ଲଗାତାର କାମ କରିବା ପାଇଁ ଡିଜାଇନ୍ କରାଯାଇଛି। ଅନେକ ପ୍ରକାର ସେନସର୍ ସହିତ ଏହା କାମ କରିଥାଏ, ଯାହାକି ବାସ୍ତବିକ ସମୟ ମଧ୍ୟରେ ପାଣି ସହିତ ଜଡ଼ିତ ତଥ୍ୟକୁ ଏକତ୍ର କରେ। ଏହି ତଥ୍ୟ ଏଆଇ ସିଷ୍ଟମ୍ ପର୍ଯ୍ୟନ୍ତ ପହଞ୍ଚେ। ଏହା ପରିସ୍ଥିତି ଅନୁସାରେ, ଜଳ ପ୍ରବାହ ଏବଂ ଫିଲ୍ଟେରେସନକୁ ସ୍ୱୟଂଚାଳିତ ଭାବରେ ନିୟନ୍ତ୍ରଣ କରେ। ଏହାଦ୍ୱାରା ନଦୀରେ ଶୈବାଳ ବିସ୍ତାର ହେବାରୁ ରକ୍ଷା କରାଯାଇ ପାରିବ।



## ବିଶ୍ୱ ହିନ୍ଦୀ ଦିବସ

ଦେଶ ତାର ସୀମା ଓ ଭୌଗଳିକ ପରିସ୍ଥିତି ଯୋଗୁଁ ଚିହ୍ନିତ ହୋଇଥାଏ। ଏହା ପରେ ଏହାର ସବୁଠାରୁ ବଡ଼ ପରିଚୟ ହେଉଛି ତାର ଭାଷା। ଶହ ଶହ ବର୍ଷ ଧରି ସମଗ୍ର ଦେଶକୁ ଏକୀକରଣ କରିବା ପାଇଁ 'ହିନ୍ଦୀ' ଭାଷା କାର୍ଯ୍ୟ କରିଆସୁଛି। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା ଅଟେ। ହିନ୍ଦୀର ମହତ୍ତ୍ୱ ବଜାୟ ରଖିବା ସହ ଏହାର ପ୍ରଚାର ପ୍ରସାର ପାଇଁ ପ୍ରତି ବର୍ଷ ୧୦ ଜାନୁଆରୀକୁ ସାରା ବିଶ୍ୱରେ 'ବିଶ୍ୱ ହିନ୍ଦୀ ଦିବସ' ଭାବରେ ପାଳନ କରାଯାଏ। କେବଳ ଭାରତ ନୁହେଁ ବରଂ ଅନେକ ଦେଶ ଏହି ଉତ୍ସବରେ ଅଂଶଗ୍ରହଣ କରନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଆୟୋଜନ କରିଥିଲେ। ଯେଉଁଥିରେ ୩୦ଟି ଦେଶର ୧୨୨ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ମହାରାଷ୍ଟ୍ରର ନାଗପୁରରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ହିନ୍ଦୀକୁ ବିଶ୍ୱ ସ୍ତରରେ ସର୍ବାଧିକ କଥିତ ଭାଷା ମଧ୍ୟରୁ ଗୋଟିଏ ଭାବରେ ମାନ୍ୟତା ଦେବା ଏବଂ ଅନ୍ତର୍ଜାତୀୟ ଆଲୋଚନାରେ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀର ସ୍ମୃତିରେ ଭାରତ ସରକାର ୨୦୦୬ ମସିହାରୁ ପ୍ରତ୍ୟେକ ବର୍ଷ ଜାନୁୟାରୀ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆନ୍ତର୍ଜାତିକ ସ୍ତରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୀ ଦିବସ ପାଳନ ପାଇଁ ଘୋଷଣା କରିଥିଲେ। ବିଶ୍ୱର ସବୁଠୁ ଅଧିକ ବ୍ୟବହୃତ ହେଉଥିବା ଭାଷାଗୁଡ଼ିକ ମଧ୍ୟରେ ହିନ୍ଦୀ ଅନ୍ୟତମ। ସେପ୍ଟେମ୍ବର ୧୪କୁ ଜାତୀୟ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଥିବାବେଳେ ଜାନୁଆରୀ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରାଯାଏ। ବାସ୍ତବରେ ହିନ୍ଦୀ ଏକ ଭାଷା ନୁହେଁ ବରଂ ଭାରତୀୟ ସମ୍ପର୍କକୁ ଏକତ୍ର କରି ରଖିପାରିଥିବା ଭାଷା। ଏହି ଭାଷା ମାଧ୍ୟମରେ ବ୍ୟକ୍ତି ନିଜର ହଜାର ବର୍ଷ ପୁରୁଣା ସଂସ୍କୃତି ଏବଂ ସଭ୍ୟତା ସହ ଯୋଡ଼ି ରହିଛି। ବୈଶ୍ୱିକ ସ୍ତରରେ ମଧ୍ୟ ହିନ୍ଦୀ ଭାଷା ଲୋକମାନଙ୍କୁ ନିଜ ପ୍ରତି ଆକର୍ଷିତ କରିପାରିଛି। ଏହି କାରଣରୁ ହିନ୍ଦୀ ଭାଷାର ଅନେକ ଶବ୍ଦ ଇଂରାଜୀ ଶବ୍ଦକୋଷରେ ଦେଖିବାକୁ ମିଳିଥାଏ। ସାରା ବିଶ୍ୱରେ ୩୦ରୁ ଅଧିକ ଦେଶରେ ହିନ୍ଦୀ ଶିକ୍ଷା ଦିଆଯାଉଛି ଏବଂ ପାଖାପାଖି ୧୦୦ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଅଧ୍ୟୟନ କେନ୍ଦ୍ର ଖୋଲାଯାଇଛି। ହିନ୍ଦୀ ଭାଷାକୁ ସାରା ବିଶ୍ୱ ଦରବାରରେ ପ୍ରଚାର ପ୍ରସାର କରି ଏହି ଭାଷାର ମହତ୍ତ୍ୱ ବଢ଼ାଇବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ।

## 'ହମ୍‌ରାଜ୍ ୨'ରେ ଏକାଠି ହେବେ କି ଅକ୍ଷୟ-ବବି

'ଧୁରନ୍ଧର' ଫିଲ୍ମ ହିଟ୍ ହେବା ପରେ ଅଭିନେତା ଅକ୍ଷୟ ଖାନ୍ନାଙ୍କ ଲୋକପ୍ରିୟତା ବେଶ୍ ବଢ଼ିଯାଇଛି। ରେହମାନ ଡକାୟତ ଭୂମିକାରେ ଅକ୍ଷୟ ଦର୍ଶକଙ୍କ ମନ ଜିଣିଛନ୍ତି। 'ଆନିମଲ' ଫିଲ୍ମ ରିଲିଜ୍ ହେବା ସମୟରେ ଠିକ୍ ଏହିପରି ବବି ଦେଓ୍ୱଲଙ୍କ ସହ ହୋଇଥିଲା। ରଣବୀର କପୁରଙ୍କ ଅପେକ୍ଷା ବବିଙ୍କ ଅଭିନୟକୁ ବେଶ୍ ପସନ୍ଦ କରାଯାଇଥିଲା। ଏବେ ଦର୍ଶକେ ବବି ଓ ଅକ୍ଷୟଙ୍କୁ 'ହମ୍‌ରାଜ୍'ର ସିକ୍ୱେଲରେ ପୁଣି ଥରେ ଏକାଠି ଦେଖିବାକୁ ଇଚ୍ଛା କରିଛନ୍ତି। ଏକଥା 'ହମ୍‌ରାଜ୍'ର ପ୍ରଯୋଜକ ରତନ ଜୈନଙ୍କ କାନରେ ପଡ଼ିବାରୁ ଭଲ କାହାଣୀ ମିଳିବା ସହ ଉଭୟଙ୍କ ବୟସ ଅନୁସାରେ ଭୂମିକା ମିଳିଲେ ନିଶ୍ଚୟ ସେ ଏହାର ସିକ୍ୱେଲ ଆଣିବେ ବୋଲି କହିଛନ୍ତି। ରତନ, ଅକ୍ଷୟଙ୍କ ବାବଦରେ କହିଛନ୍ତି ଯେ, 'ସେ ଏମିତି ଜଣେ ଅଭିନେତା ଯିଏ ବାଛି ବାଛି ଫିଲ୍ମ କରନ୍ତି। ଯଦି ଫିଲ୍ମର କାହାଣୀ ପସନ୍ଦ ନ ଆସିଲା ତେବେ ସେ ତୁରନ୍ତ ପ୍ରତ୍ୟାଖ୍ୟାନ କରିଦିଅନ୍ତି।' ଏଠାରେ ପ୍ରକାଶ ଥାଉ କି, ଅକ୍ଷୟ ଖାନ୍ନା, ଅମିଷା ପଟେଲ ଓ ବବି ଦେଓ୍ୱଲଙ୍କ ଅଭିନୀତ 'ହମ୍‌ରାଜ୍' ୨୦୦୨ରେ ଆସିଥିଲା। ଏହାର କାହାଣୀ ପ୍ରେମ, ଧୋକା ଓ ସସ୍‌ପେନ୍ସ ଉପରେ ଆଧାରିତ ଥିଲା।



## ମକର ମେଳା



ଜଗଦୀଶ ସାହୁ

କୁନା ମୁନା ଟୁନା ମକର ମେଳା
ବୁଲି ବାହାରିଲେ ଉପର ବେଳା
ଗାଆଁ ପଡ଼ିଆରେ ହେଉଛି ଯାତ
ଦୂରକୁ ଶୁଭୁଛି ମାଇକି ଗୀତ
ଦୋକାନ ବସିଛି ଧାଡ଼ିକି ଧାଡ଼ି
ଜେଜେ କିଣୁଛନ୍ତି ସୁନୁ ପାମ୍ପୁଡ଼ି
ଜେଜେମା କହୁଛି ମିଠେଇ ଖଜା
ଖାଇଲେ ପାଟିକୁ ଲାଗିବ ମଜା
ଜେଜେମା କଥା ଶୁଣିକି ଜେଜେ
ପକେଟ ଅଣ୍ଡାଳି କହିଲେ ନିଜେ
ଅଣ୍ଟାରେ ଅଛି ମୋ ଅଳପ ଧନ
ବେଶି ଖାଇବାକୁ ନ କର ମନ
କହୁଥିଲ ପରା ଦୋଳି ଖେଳିବ
ଖେଳିସାର ଯେବେ ଟଙ୍କା ବଳିବ
କିଣିଦେବି ଗୋଟେ ସୁନ୍ଦର ପାଟ
ପାଟ ପିନ୍ଧି ତମେ କରିବ ନାଟ
ଅନତି ଦୂରରେ ପିଲାଏ ଥାଇ
ଥଟ୍ଟାମଜା ଦେଖି ଆନନ୍ଦ ପାଇ
ହସି କହେ କୁନା ସାଙ୍ଗମାନଙ୍କୁ
କହିବି କଥାଏ ନିଅ ମନଙ୍କୁ
ଜେଜେ ଜେଜେମା ଶିଖାଇ ଦେଲେ
ପରସ୍ପର ସ୍ନେହ ମମତା ଥିଲେ
ଆପେ ଆପେ ହସି ଉଠିବ ଘର
ଘର ପାଲଟିବ ସରଗପୁର ।■

ସଞ୍ଜପଡ଼ା, ଢେଙ୍କାନାଳ
ମୋ-୯୦୭୮୧୮୫୬୧୬



## ବିଶ୍ୱବିଜୟୀ



ସୁଜିତ କୁମାର ମିଶ୍ର

ବାଳୁତ କାଳୁ ଥିଲା ତାଙ୍କର
ଈଶ୍ୱର ଭକ୍ତି ମନ,
ପିତାମାତାଙ୍କୁ କରୁଥିଲେ ସେ
ଶ୍ରଦ୍ଧା ଓ ସନମାନ ।
ଭୁବନେଶ୍ୱରୀ ବିଶ୍ୱନାଥଙ୍କ
କୋଳ ମଣ୍ଡନ କଲେ,
ଦୁଃଖୀରଙ୍କୀଙ୍କ ଆଖିରୁ ସିଏ
ଲୁହକୁ ପୋଛୁଥିଲେ ।
ପିଲାଦିନର ନାମଟି ତାଙ୍କ
ଥିଲା ଯେ 'ବିଲେ' ଜାଣ,
ହୋଇଲେ ସିଏ ନରେନ୍ଦ୍ର ନାଥ
ତା'ପରେ ପ୍ରତିକ୍ଷଣ ।
ଧରମ ଭାବ ପଥରେ ଯାଇ
କରମ କଲେ ନିତି,
ସଂସାର ହିତେ ହେଲେ ସନ୍ୟାସୀ
ତେଜି ସଂସାର ପ୍ରୀତି ।
ଚିକାଗୋ ଯାଇ ରଖିଲେ ଯଶ
ଧରମ ଗୁରୁ ହୋଇ,
ବିଶ୍ୱ ବିଜୟୀ ବୋଲାଇଲେ ସେ
ମିଠା ଭାଷଣ ଦେଇ ।
ପରମ ହଂସ ରାମକୃଷ୍ଣଙ୍କୁ
ବରିଥିଲେ ସେ ଗୁରୁ,
ତାଙ୍କ ଆଦର୍ଶ ଜୀବନେ ଥିଲା
ପ୍ରେରଣା ଭରା ତରୁ ।
ବିବେକାନନ୍ଦ ନାମରେ ସିଏ
ସାରା ଜଗତେ ଖ୍ୟାତ,
ତାଙ୍କୁ ପୂଜିଲେ ହୋଇବ ପିଲେ
ସୁଗମ ଚଲାପଥ । ■



ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ପ୍ରହେଳିକା



- ଜାନୁଆରୀ ମାସେ ଏ ପର୍ବ ଆସେ
ମାଳ ମାଳ ଗୁଡ଼ି ଆକାଶେ ଦିଶେ
ଦକ୍ଷିଣକୁ ଛାଡ଼ି ପ୍ରଭୁ ତପନ
ଉତ୍ତରକୁ କରନ୍ତି ଆଗମନ
ଦିନ ବଡ଼ ହୁଏ ସେହି ଦିନରୁ
ଆରାମ ମିଳଇ ଶୀତ ଦାଉରୁ
ମହାନ ପରବଟିଏ
ଚାଉଳ ପ୍ରସାଦ ଲାଗିହୋଇ ଥାଏ
କୁହ ତା'ର ନାମ କିଏ।
ଉତ୍ତର-ମକର ସଂକ୍ରାନ୍ତି

- ଚଢ଼େଇ ନୁହେଁ ସେ ଉଡ଼େ ଆକାଶେ
ପବନ କମିଲେ ତଳକୁ ଖସେ
ନଟେଇ ସୂତାରେ ତାହାକୁ ଯୋଡ଼ି
ସରାଗେ ପିଲାଏଁ ତାକୁ ଉଡ଼ାନ୍ତି
ନାନା ରଙ୍ଗେ ମିଳେ ସିଏ
କାଗଜରେ ଗଢ଼ା ତାହାର ଶରୀର
କୁହ ତା'ର ନାମ କିଏ।
ଉତ୍ତର-ଗୁଡ଼ି

- ତୈଳବୀଜ ସହ ଗୁଡ଼ ମିଶେଇ
ଅତି ମନଲୋଭା ଲଡୁ ବନଇ
ମକର ସଂକ୍ରାନ୍ତି ଯେବେ ଆସଇ
ଭୋଗ ପାଇଁ ସିଏ ଖୋଜା ହୁଅଇ
ସୁଆଦରେ ଅନୁପମ
ଧଳା ଅବା କଳା ରଙ୍ଗଟି ତାହାର
କୁହ ଦେଖି ତା'ର ନାମ।
ଉତ୍ତର-ରାଶି ଲଡୁ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ସୁମନ

## ଜଳବାୟୁକୁ ନେଇ ଜୀବନ



ଦେବେନ୍ଦ୍ର କର

ଗୋଟେ ଜଙ୍ଗଲରେ ଗୋଟେ ବାଘ ରହୁଥିଲା। ସେ ଖୁବ୍ ବଳବାନ ଆଉ ସାହସୀ ଥିଲା। ଜଙ୍ଗଲରେ ତାକୁ ସଭିଏଁ ଖୁବ୍ ଡରୁଥିଲେ। ଦିନେ ସେ ଦୂର ଯାଗାକୁ ଯିବ ବୋଲି ସ୍ଥିର କଲା ଆଉ ତା ଯାତ୍ରା ଆରମ୍ଭ କଲା। ଅନେକ ବାଟ ଅତିକ୍ରମ ପରେ ସେ ଗୋଟେ ମରୁଭୂମିରେ ପହଞ୍ଚିଲା। ଏମିତି ଜାଗା ସେ ପୂର୍ବରୁ କେବେ ଦେଖିନଥିଲା। ମନେ ମନେ ଭାବିଲା, ଏଠି ମତେ କେହି ଚିହ୍ନନ୍ତି ନାହିଁ, ଭଲ ହେଲା ଏଠି ନୂଆନୂଆ ଶୀକାର କରି ମନ ଆନନ୍ଦରେ ଖାଇବି। ହେଲେ ଏ କ'ଣ ଚାରିଆଡ଼େ ଖାଲି ବାଲି ଆଉ ବାଲି। ଛୋଟ ବଡ଼ ଖାଲି କଣ୍ଟାଳିଆ ଗଛ। କେଉଁଠି ଗୋଟେ ଜଳାଶୟ ବି ଦିଶୁ ନ ଥାଏ। ତତଲା ପବନ ଦେହ ପୋଡ଼ି ଦେଉଥାଏ। ଏଇ ସମୟରେ ସେ ଦେଖିଲା ଗୋଟେ ଓଟ ଦଳ ତା ଆଡ଼କୁ ଆସୁଛନ୍ତି। ବାଘ ତାଙ୍କ ପାଖକୁ ଯାଇଁ କହିଲା ମୁଁ ଜଙ୍ଗଲର ରାଜା। ତମ ଆଡ଼େ ମୁଁ ବୁଲି ଆସିଛି। ଦେଖୁଛି ଏ ଜାଗା ତ ବଡ଼ ଅଦ୍ଭୁତ। ଏ ଜାଗାରେ ତମେ ସବୁ କେମିତି ରହୁଛ? ସେହି ଓଟମାନଙ୍କ ମଧ୍ୟରୁ ଓଟଟିଏ କହିଲ- ତୁମ ଜଙ୍ଗଲ ପରି ଇଏ ନୁହେଁ। ଇଏ ହେଲା ମରୁଭୂମି। ଆଉ ଜଣେ ଓଟ କହିଲା, ମରୁଭୂମି ଆମ ବାସଗୃହ। ଏ ଯୋଉ ତତଲା ଖରା ଆଉ ଗରମ ପବନ ଦେଖୁଛ ଇଏ ଆମ ପାଇଁ ସାମାନ୍ୟ ମାତ୍ର। ତୁମେ ଏଠି କଦାପି ଚଳି ପାରିବ ନାହିଁ। ଦିନରେ ଖରା ରାତିରେ ବହୁତ ଥଣ୍ଡା। ଆମେ ମରୁଭୂମିର ବାଦଶାହା। ବାଘ କୋଉ ଛାଡ଼ିଲାବାଲା, ସଙ୍ଗେ ସଙ୍ଗେ ବାହାଦୂରୀ ଦେଖାଇ କହିଲା, ସେମିତି କହିବ ନାହିଁ ମୁଁ ବି ମରୁଭୂମିରେ ରହିପାରିବି। ଏ ଖରାତାତି ମୋ ପାଇଁ ବି ସାମାନ୍ୟ। ଓଟମାନେ ଏକ ସଙ୍ଗରେ କହିଲେ, ସବୁ ଜଳବାୟୁ ସମାନ ନୁହେଁ। କାହିଁ ବାହାଦୂରୀ ଦେଖାଉଛ। ସେମିତି ସାହସ କରନି ନିଜେ ବିପଦରେ ପଡ଼ିବ। ଜଙ୍ଗଲ ଅଲଗା ଆଉ ମରୁଭୂମି ର ନିୟମ ବି ଅଲଗା। ତୁମ ଏଠୁ ଚାଲିଯାଅ ନହେଲେ ଟୋପେ ପାଣି ପାଇଁ ତହଳ ବିକଳ ହୋଇ ଜୀବନ ଚାଲିଯିବ। ବାଘ କିନ୍ତୁ ନିଜ ଜିଦ୍‌ରେ ଅଡ଼ି ବସିଲା। କହିଲା ଦେଖ, ଆଜିଠାରୁ ମୁଁ କେମିତି ମରୁଭୂମିରେ ଆରାମରେ ରହୁଛି। ସେଦିନ ଦିନ ତମାମ ଖରା ଗରମ ସହି ବାଘ କଷ୍ଟେ ମଷ୍ଟେ ମରୁଭୂମିରେ ପଡ଼ି ରହିଲା। ରାତିର ଭୀଷଣ ଥଣ୍ଡା ପଡ଼ିଲା, ଜାକିଜୁକି ହୋଇ କଣ୍ଟାବୁଦା କଡ଼ରେ ଶୋଇଗଲା। ବିଚରା କରିବ କ'ଣ ସାହସ ଦେଖାଇ କହିଦେଇଚି। ବଡ଼ ଅସହ୍ୟ ଥିଲା ଦିନ ଓଳି ତାତି ସାଙ୍ଗକୁ ବାଲିଧୂଳି ଝଡ଼। ହେଲେ ବାଘ ଟିକେ ବି ତା କଷ୍ଟ ଜଣେଇବାକୁ ଦେଲା ନାହିଁ। ଚାହୁଁ ଚାହୁଁ ଦୁଇ ଦିନ ବିତିଗଲା। ତୃତୀୟ ଦିନକୁ ବାଘର ଅବସ୍ଥା ଅସମ୍ଭାଳ ହେଇଗଲା। ଖାଇବା ଦୂର କଥା ପାଣି ଟୋପେ ବି ନାହିଁ କେଉଁଠି। ସବୁ ଆଡ଼େ ବୁଲି ଆସି ନିରାଶ ହେଇ ଫେରିଲା। ଓଟମାନେ କହିଲେ ଆରେ ତୁମକୁ ଏଠି ଖାଦ୍ୟ କି ପାଣି କିଛି ମିଳିବ ନାହିଁ। ଆମେ ସାତ ଆଠ ଦିନରେ ଥରେ ଦୂରକୁ ଯାଇଁ ପାଣି ପିଇ ଦେଇ ଆସୁ, ଏଥିରେ ଆମେ ଅଭ୍ୟସ୍ତ। ବାଘ କହିଲା, ତୁମେ ସତରେ ମରୁଭୂମିର ବାଦଶାହା। ଏଠି ମୋ ତଣ୍ଟି ଶୁଖି ଗଲାଣି, ଦେହହାତ ପୋଡ଼ି ଗଲାଣି। ମୁଁ ଏଠି ଆଉ ଘଡ଼ିଏ ବି ରହିପାରିବି ନାହିଁ। ତୁମେ ତୁମ ମରୁଭୂମିରେ ଭଲରେ ରୁହ ମୁଁ ଚାଲିଲି ମୋ ଜଙ୍ଗଲ। ଜଣେ ବୟସ୍କ ଓଟ ବାଘକୁ ବୁଝେଇଲା, ଜଳବାୟୁକୁ ନେଇ ଜୀବନ। ମରୁଭୂମିରେ ପାଣି ମିଳିବା ସ୍ୱପ୍ନ। ପାଣି ପାଇଁ ଆମକୁ ମାଇଲ ମାଇଲ ଦୂର ଯାତ୍ରା କରିବାକୁ ପଡେ। ଗୋଟେ ଥର ପାଣି ପିଇଲେ ଆମେ ଅନେକ ଦିନ ରହିପାରୁ। ଯିଏ ଯେମିତି ବଞ୍ଚି ପାରିବ ସୃଷ୍ଟିକର୍ତ୍ତା ସେଇ ଅନୁରୂପ ତାକୁ ଗଢ଼ିଛନ୍ତି। ବାଘ ଏଥର ନିଜ ଭୁଲ୍ ବୁଝିଲା ଆଉ ଜଙ୍ଗଲକୁ ଲେଉଟି ଆସିଲା। ■




ମଙ୍ଗଳାବାଗ, କଟକ
ମୋ-୯୯୩୭୯୬୩୯୧୦

## ତୁମ ଅଙ୍କନ






**ସଞ୍ଜନା ହେମ୍ବ୍ରମ୍**
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ





**ହର୍ଷବର୍ଦ୍ଧନ ମଣ୍ଡଳ**
ତୃତୀୟ ଶ୍ରେଣୀ
ସେଣ୍ଟ ଜୋସେଫ୍ ସ୍କୁଲ
ୟୁନିଟ୍ ୯, ଭୁବନେଶ୍ୱର





**ବେଦବ୍ରହ୍ମା ପାଢ଼ୀ**
ଏଲ୍‌କେଜି
କିଡ୍‌ଜି
ପୋଖରୀପୁଟ, ଭୁବନେଶ୍ୱର





**ଶାନ୍ତନୁ ଶାନ୍ତିସ୍ୱରୂପ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ମହିଳା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ମୁମ୍ବଇ, ୯।୧(ଏଜେନ୍ସି): ନୃତ୍ୟ, ସଙ୍ଗୀତ ଓ ଆକର୍ଷଣୀୟ ଆତସବାଜି କାର୍ଯ୍ୟକ୍ରମ ସହ ମହିଳା ପ୍ରିମିୟର ଲିଗ-୨୦୨୬ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଶୁକ୍ରବାର ୫ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ୍ ହିନ୍ଦୀ ସଙ୍ଗୀତର ତାଳେ ତାଳେ ତାଙ୍କ ଟ୍ରୁପ୍ ସହ ନୃତ୍ୟ ପରିବେଷଣ କରିଥିଲେ। ପରେ ତାଙ୍କ ସହ ମିସ୍ ୟୁନିଭର୍ସ ହରନାଜ ସାନ୍ଧୁ ଯୋଗ ଦେଇଥିଲେ। ଶେଷରେ ଖ୍ୟାତନାମା ଗାୟକ ହନି ସିଂ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସହ ଯୋଗଦେଇଥିଲେ ଜ୍ୟାକ୍‌ଲିନ୍ ଓ ହରନାଜ୍। ଦୀର୍ଘ ଏକ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା ଓ ଏହାକୁ ଦେଖିବା ଲାଗି ଷ୍ଟାଡିୟମ୍‌ରେ ଖଚାଖଚ ଦର୍ଶକ ଉପସ୍ଥିତ ଥିଲେ। ମହିଳା ପ୍ରିମିୟର ଲିଗ୍‌ର ଲୋକପ୍ରିୟତା ଦର୍ଶକଙ୍କ ଉପସ୍ଥିତି ଦର୍ଶାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣରେ ଗତବର୍ଷ ଭଳି ୫ଟି ଦଳ ଅଂଶଗ୍ରହଣ କରୁଛନ୍ତି। ମାର୍ଚ୍ଚ ୫ରେ ଟୁର୍ଣ୍ଣାମେଣ୍ଟ ଶେଷ ହେବ। ଅଂଶଗ୍ରହଣକାରୀ ଦଳଗୁଡିକ ହେଲେ ଦୁଇଥର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ, ଥରେ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଜାଏଣ୍ଟସ, ୟୁପି ୱାରିୟର୍ଜ ଓ ଦିଲ୍ଲୀ କ୍ୟାପିଟାଲ୍ସ।

# ବେଙ୍ଗାଲୁରୁକୁ ଜିତାଇଲେ ନାଦିନ ଡି କ୍ଲେର୍କ

ମୁମ୍ବଇ, ୯।୧(ଏଜେନ୍ସି)



ଧମାକାଦାର ମୁକାବିଲା ସହ ଆରମ୍ଭ ହୋଇଛି ମହିଳା ପ୍ରିମିୟର ଲିଗ୍ କ୍ରିକେଟ। ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ପ୍ରଥମ ମୁକାବିଲାରେ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ନାଦିନ ଡି କ୍ଲେର୍କଙ୍କ ଅଲରାଉଣ୍ଡ ସଫଳତା ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୩ ୱିକେଟରେ ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଡି କ୍ଲେର୍କ ପ୍ରଥମେ ଘାତକ ବୋଲିଂ କରି ୨୪ ରନ୍‌ରେ ୪ ୱିକେଟ ନେବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟରେ ୧୫୪ ରନ୍ କରିଥିଲା। ପରେ ୧୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ନିୟମିତ ୱିକେଟ ହରାଇଥିଲେ ମଧ୍ୟ ଡି କ୍ଲେର୍କ ଅପରାଜିତ ୬୩ ରନ୍ କରି ଦଳକୁ ଅବିଶ୍ୱନୀୟ ବିଜୟ ପ୍ରଦାନ କରିଥିଲେ। ତାଙ୍କୁ ଯଥାର୍ଥରେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଭଲ ବୋଲିଂ କରିବା ପରେ ବେଙ୍ଗାଲୁରୁ ୧୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନିୟମିତ ୱିକେଟ ହରାଇଥିଲା। ଏପରିକି ଅଧିନାୟିକା ତଥା ସୁପରଷ୍ଟାର ସ୍ମୃତି ମନ୍ଧାନା ୧୮, ଡି ହେମଲତା ୭, ରିଚା ଘୋଷ ୬ ଓ ପ୍ରଥମ ଓଭରରୁ ୨୦ ରନ୍ ସହ ବିସ୍ଫୋରକ ଆରମ୍ଭ କରିଥିବା ଗ୍ରେସ୍ ହାରିସ ୧୨ ବଲ୍‌ରୁ ୨୫ ରନ୍ କରି ଆଉଟ ହୋଇଥିଲେ। ୮ମ ଓଭର ବେଳକୁ ବେଙ୍ଗାଲୁରୁ ୬୫ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଡି କ୍ଲେର୍କଙ୍କ ସହ ଅରୁନ୍ଧତି ରେଡ୍ଡୀ ୬ଷ୍ଠ ୱିକେଟରୁ ୫୧ ବଲ୍‌ରେ ୫୨ ଓ ଅବିଭକ୍ତ ୮ମ ୱିକେଟରେ ପ୍ରେମା ରାୱତଙ୍କ ସହ ୧୮ ବଲ୍‌ରୁ ୩୬ ରନ୍ ସଂଗ୍ରହ କରିବା ଫଳରେ ମ୍ୟାଚ୍‌ର ଶେଷ ବଲରେ ଦଳ ବିଜୟୀ ହୋଇଥିଲା। ଶେଷ ଓଭରରେ ବେଙ୍ଗାଲୁରୁ ମ୍ୟାଚ୍ ଜିତିବାକୁ ୧୮ ରନ୍ ଆବଶ୍ୟକ ହେଉଥିଲାବେଳେ ନାତାଲି-ସିଭର ବ୍ରଣ୍ଟ ବୋଲିଂ କରିବା ଏହି ଓଭରରୁ ୨୦ ରନ୍ ସଂଗ୍ରହ କରି ଡି କ୍ଲେର୍କ ଏହି ମ୍ୟାଚ୍‌କୁ ଜିତାଇଥିଲେ। ଡି କ୍ଲେର୍କ ୪୪ ବଲ୍‌ରୁ ୭ ଚୌକା ଓ ୨ଛକା ସହ ୬୩ ଓ ପ୍ରେମା ୪ବଲ୍‌ରୁ ୮ ରନ୍ କରି ଅପରାଜିତ ରହିଥିଲେ। ଅରୁନ୍ଧତି ୨୦ ରନ୍‌ର ଯୋଗଦାନ ଦେଇଥିଲେ। ପୂର୍ବରୁ ୬୭ ରନ୍‌ରେ ୪ ୱିକେଟ ହରାଇଥିବା ମୁମ୍ବାଇ ୬ ୱିକେଟରେ ୧୫୪ ରନ୍ କରିଥିଲା। ଦଳ ପକ୍ଷରୁ ସଞ୍ଜୀବନ ସଜନା ସର୍ବାଧିକ ୪୫ ଓ ନିକୋଲା କ୍ୟାରୀ ୪୦ ରନ୍ କରିଥିଲେ।

**ଆଜିର ମ୍ୟାଚ୍**

| | |
|---|---|
| ଗୁଜରାଟ-ୟୁପି | ଅପରାହ୍ଣ ୩ଟା ୩୦ |
| ମୁମ୍ବାଇ-ଦିଲ୍ଲୀ | ରାତି ୭ଟା ୩୦ |

ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ

ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର

## ୮ ବର୍ଷ ପରେ ସେମିରେ ସିନ୍ଧୁ

କ୍ୱାଲାଲମ୍ପୁର, ୯।୧(ଏଜେନ୍ସି): ଭାରତର ନଂ-୧ ମହିଳା ଖେଳାଳି ପିଭି ସିନ୍ଧୁ ଦୀର୍ଘ ୯ ବର୍ଷ ପରେ ମାଲେସିଆ ଓପନର ସୁପର-୧୦୦୦



ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଜି ଅନୁଷ୍ଠିତ ମହିଳା ବିଭାଗରେ ପ୍ରଥମ କ୍ୱାର୍ଟର ଫାଇନାଲର ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱର ନଂ-୩ ଖେଳାଳି ଆକାନେ ୟାମାଗୁଚି ମୁକାବିଲାରୁ ଓହରିଯିବାରୁ ସିନ୍ଧୁ ସେମିରେ ପ୍ରବେଶ କରିଥିଲେ।

● ଓଡ଼ିଶା ଓପନ ଟେନିସ

## ସେମିରେ ତ୍ରିଶା, ସୁଶ୍ରୀ

ଭୁବନେଶ୍ୱର, ୯।୧(ସମିସ): ଏସ୍ ଟେନିସ କ୍ଲବ୍ ଆନୁକୂଲ୍ୟରେ ଦ୍ୱାଦଶ ଅଲ୍ ଓଡ଼ିଶା ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ଟେନିସ ସଂଘ ସଭାପତି ଅସିତ ତ୍ରିପାଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ପୂର୍ବତନ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ଓଡ଼ିଶା ପୁଲିସ୍ ଏଡିଜି ଦୟାଲ ଗଙ୍ଗୱାର, ଉତ୍କଳ ବିଲ୍ଡର୍ସ ଡାଇରେକ୍ଟର ଅମିତ ବୈଦ୍ୟ ଓ ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟି ମୁଖ୍ୟ ଡାକ୍ତର ବିଶ୍ୱଜିତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଆଜି ଖେଳାଯାଇଥିବା ୧୪ ବର୍ଷରୁ କମ୍ ବାଳିକା ବିଭାଗ ସେମିଫାଇନାଲ ଚୂଡାନ୍ତ ହୋଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ସେମିଫାଇନାଲରେ ଏସ୍‌କେ ଶାଜ୍‌ଫାଙ୍କ ସହ ତ୍ରିଶା ସାହୁ, ସୁଶ୍ରୀ କର୍ମାକାରଙ୍କ ସହ ସଂରଚନା ଦାସଙ୍କର ମୁକାବିଲା ହେବ।

**ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍**

# ପ୍ରଥମ ୩ଟି ମ୍ୟାଚ୍‌ରୁ ତିଳକ ବାଦ୍




ବେଙ୍ଗାଲୁରୁ, ୯।୧(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍ ଏବଂ ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳକୁ ଲାଗିଛି ଶକ୍ତ ଧକ୍କା। ନିକଟରେ ପେଟରେ ଅସ୍ତ୍ରୋପଚାର କରିଥିବା ତିଳକ ବର୍ମାଙ୍କୁ ଏହି ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିବା ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଯଥା ନାଗପୁରରେ ଜାନୁଆରୀ ୨୧, ରାୟପୁରରେ ଜାନୁଆରୀ ୨୩ ଓ ଗୁଆହାଟୀରେ ଜାନୁଆରୀ ୨୫ରେ ଖେଳାଯିବ। ଏହା ପରେ ଜାନୁଆରୀ ୨୮ ଓ ୩୧ରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ତାଙ୍କୁ ସାମିଲ କରାଯିବ କି ନାହିଁ ବିସିସିଆଇ ମେଡିକାଲ ଟିମ୍ ପରୀକ୍ଷା କରିବା ପରେ ନିଷ୍ପତ୍ତି ନେବ। ସୂଚନାଯୋଗ୍ୟ ନିକଟରେ ହାଇଦ୍ରାବାଦ୍ ଦଳର ନେତୃତ୍ୱ ନେଇ ବିଜୟ ହଜାରେ ଟ୍ରଫି ଖେଳୁଥିବା ବେଳେ ତିଳକଙ୍କ ତଳିପେଟରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲରେ ଭର୍ତ୍ତି କରାଯାଇଥିଲା ଓ ପରେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ରହିଛି ଓ ମେଡିକାଲରୁ ଛାଡ଼ ପାଇଲେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ ଏକ୍ସିଲେନ୍ସ ଯିବେ। ସେଠାରେ ତାଙ୍କର ପରବର୍ତ୍ତୀ ଫିଟ୍‌ନେସ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏହା ପରେ ସେ ଶେଷ ଦୁଇଟି ମ୍ୟାଚ୍‌ରେ ଖେଳିବେ କି ନାହିଁ ସ୍ପଷ୍ଟ ହେବ। କିନ୍ତୁ ଜଣେ ଅସୁସ୍ଥ ହେବା ପରେ ମ୍ୟାଚ୍ ଫିଟ୍ ହେବା ଲାଗି ବିସିସିଆଇ ପକ୍ଷରୁ ଯେଉଁ ନିର୍ଦ୍ଦେଶାବଳୀ ରହିଛି ସେଥିରେ ତିଳକ ଶେଷ ଦୁଇଟି ମ୍ୟାଚ୍ ଖେଳିବା ସମ୍ଭବ ନୁହେଁ। ଏଣୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କର ଖେଳିବା ଆଶା ବହୁତ କମ୍। ଏହା ପରେ ବିଶ୍ୱକପ୍ ଲାଗି କ'ଣ କରାଯିବ ତାହା ସ୍ଥିର ହେବ। ତିଳକ ବର୍ମାଙ୍କ ଅନୁପସ୍ଥିତି ଭାରତୀୟ ମିଡିଲ ଅର୍ଡରରେ ଶୂନ୍ୟସ୍ଥାନ ସୃଷ୍ଟି କରିବ। ଏଯାଏ କୌଣସି ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇନାହିଁ। ଜଣେ ବାମହାତୀ ଖେଳାଳି ଭାବେ ରିଙ୍କୁ ସିଂଙ୍କୁ ବ୍ୟାଟିଂ ଅର୍ଡରରେ ଉନ୍ନତି କରାଯିବ ବୋଲି ଆଶା କରାଯାଉଛି। ଯେ ଯାହା ହେଉ ତିଳକ ବର୍ମା ଖେଳି ନ ପାରିଲେ ବର୍ତ୍ତମାନ ସ୍ଥିତିରେ ଭାରତୀୟ ଟି-୨୦ ଦଳକୁ ଶକ୍ତ ଧକ୍କା ଲାଗିବା ନିଶ୍ଚିତ ହୋଇଛି।



ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ରବିବାର ପ୍ରଥମ ମ୍ୟାଚ୍ ପୂର୍ବରୁ ବରୋଦାରେ ଅଭ୍ୟାସ କରୁଛନ୍ତି ଭାରତୀୟ କ୍ରିକେଟ ଦଳର ସୁପରଷ୍ଟାର ବିରାଟ କୋହଲି।

# ନ୍ୟୁଜିଲାଣ୍ଡ ଦଳରେ ଭାରତୀୟ ବଂଶୋଦ୍ଭବ ଆଦିତ୍ୟ ଅଶୋକ



ବରୋଦା, ୯।୧(ଏଜେନ୍ସି): କ୍ରିକେଟ ଖେଳକୁ ଭାରତର ଧର୍ମ ଓ ସଚିନ ତେନ୍ଦୁଲକରଙ୍କୁ ଈଶ୍ୱର ବୋଲି କୁହାଯାଏ। ଭାରତୀୟମାନେ କେବଳ ଭାରତରେ କ୍ରିକେଟ ଖେଳୁନାହାନ୍ତି, ବିଶ୍ୱର ୯୯ ଭାଗ ଦେଶର ଜାତୀୟ ଦଳରେ ଉପସ୍ଥିତି ଜାହିର କରିଛନ୍ତି। ଏହି ତାଲିକାରେ ଏବେ ଯୋଡି ହୋଇଛନ୍ତି ଆଉ ଜଣେ ଖେଳାଳି ଆଦିତ୍ୟ ଅଶୋକ। ୨୩ ବର୍ଷୀୟ ଏହି ଲେଗ୍ ସ୍ପିନର ନ୍ୟୁଜିଲାଣ୍ଡ ସିନିଅର ଦଳରେ ସାମିଲ ହୋଇ ଭାରତରେ ଭାରତ ସହ ଦିନିକିଆ ସିରିଜ୍ ଖେଳିବାକୁ ଆସିଛନ୍ତି। ତାମିଲନାଡୁର ଭେଲୋରରେ ଜନ୍ମ ଗ୍ରହଣ କରିଥିବା ଓ ଅକ୍‌ଲାଣ୍ଡରେ ବଢ଼ିଥିବା ଏହି ଖେଳାଳି ଦୀର୍ଘଦିନ ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳିବାକୁ ଯୋଜନା କରିଛନ୍ତି। ବିଶେଷ କରି ନ୍ୟୁଜିଲାଣ୍ଡ ସୀମିତ ଓଭର କ୍ରିକେଟ ଦଳର ଅବିଚ୍ଛେଦ୍ୟ ଅଙ୍ଗ ଇସ୍ ସୋଧୀଙ୍କ ଉତ୍ତରାଧିକାରୀ ଭାବେ ସେ ଏହି ଦଳକୁ ପ୍ରତିନିଧିତ୍ୱ କରିବେ ବୋଲି କହିଛନ୍ତି। ଆସନ୍ତା ରବିବାରଠାରୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବରୋଦାରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଏହା ପୂର୍ବରୁ ଆଜି ସେ ବରୋଦାରେ ଜୋରଦାର ଅଭ୍ୟାସ କରିଛନ୍ତି। ଅଭ୍ୟାସ ବେଳେ ତାମିଲନାଡୁର ସୁପରଷ୍ଟାର ରଜନୀକାନ୍ତଙ୍କ ଏକ ଚଳଚ୍ଚିତ୍ର ସଂଳାପ ତାଙ୍କ ହାତରେ ଟାଟୁ ହୋଇଥିବାର ଦେଖାଯାଇଥିଲା। ତାହା ହେଉଛି 'ଏନ୍ ଭାଜି ଥାନି ଭାଜି'। ଏହାର ଅର୍ଥ ହେଉଛି 'ମୋ ରାସ୍ତା ହେଉଛି ଅଦ୍ୱିତୀୟ ରାସ୍ତା'। ଏହି ସଂଳାପଟି ରଜନୀକାନ୍ତ ତାମିଲ ଚଳଚ୍ଚିତ୍ର ପାଦାୟାପ୍ପାରେ କହିଛନ୍ତି। ଏହା ଯେପରି ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା, ଠିକ୍ ସେହିପରି ଅଶୋକଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇଛି। ପୂର୍ବରୁ ସେ ନ୍ୟୁଜିଲାଣ୍ଡ ପକ୍ଷରୁ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି।

**ଅସ୍ମିତା ଭାରୋତ୍ତୋଳନ**

# ପ୍ରଥମ ଦିନରେ ବନିତାଙ୍କୁ ୩ ରୌପ୍ୟ



ଭୁବନେଶ୍ୱର, ୯।୧(ସମିସ): ଉତ୍ତରପ୍ରଦେଶର ମୋଦିନଗରଠାରେ ଆଜିଠାରୁ ଆରମ୍ଭ ହୋଇଛି ଅସ୍ମିତା ଭାରୋତ୍ତୋଳନ ଲିଗ୍‌ର ଜାତୀୟ ପ୍ରତିଯୋଗିତା। ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାର ବନିତା ନାଏକ ୪୮ କିଲୋଗ୍ରାମ ଶ୍ରେଣୀରେ ୩ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୬୦ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୭୮ କେଜି ଏବଂ ମୋଟରେ ୧୩୮ କେଜି ଓଜନ ଉଠାଇ ୩ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟେକ ପଦକ ଲାଗି ୧୨,୦୦୦ ଲେଖାଏଁ ଟଙ୍କାର ପୁରସ୍କାର ମିଳିଛି। ଫଳରେ ପ୍ରଥମ ଦିନରେ ବନିତା ୩୬,୦୦୦ ଟଙ୍କାର ପୁରସ୍କାର ପାଇଛନ୍ତି। ସେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇ ପରଫର୍ମାନ୍ସ ୱେଟ୍‌ଲିଫ୍ଟିଂ ସେଣ୍ଟରରେ ଅଭ୍ୟାସ କରୁଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘର କର୍ମକର୍ତ୍ତାମାନେ ବନିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପିଏସ୍‌ପିବି କାର୍ଯ୍ୟନିର୍ବାହୀ ବୋର୍ଡର ସଦସ୍ୟ ହେଲେ ଅନୁରାଧା



ଭୁବନେଶ୍ୱର, ୯।୧(ସମିସ): ଓଡ଼ିଶାର ଅଲିମ୍ପିଆନ୍ ଆଥ୍‌ଲେଟ ଅନୁରାଧା ବିଶ୍ୱାଳଙ୍କୁ ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ କାଉନ୍ସିଲ ବୋର୍ଡର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏଭଳି ସଫଳତା ପାଇବାରେ ସେ ପ୍ରଥମ ଓଡ଼ିଆ। ଏହି ସମ୍ମାନଜନକ ନିଯୁକ୍ତି ଲାଗି ଅନୁରାଧା ତାଙ୍କ ନିଯୁକ୍ତିଦାତା ନାଲ୍‌କୋ, ପିଏସ୍‌ପିବି ସାଧାରଣ ସମ୍ପାଦକ ଗେନ ବାତ୍ରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନିଯୁକ୍ତି ମୋତେ ଅଧିକ କାମ କରିବା ଲାଗି ଉତ୍ସାହିତ କରିବ ବୋଲି ଅନୁରାଧା କହିଛନ୍ତି।

**ମୁସ୍ତାଫିଜୁର ରହମନ ବିବାଦ**

# ବାଂଲା ଖେଳାଳିଙ୍କ ଭାରତୀୟ ପ୍ରାୟୋଜକ ଓହରିଲେ

ନୂଆଦିଲ୍ଲୀ, ୯।୧(ଏଜେନ୍ସି)



ବାଂଲାଦେଶର ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ କୋଲ୍‌କାତା ନାଇଟ ରାଇଡର୍ସ ବିଦା କରିବା ପରେ ଯେଉଁ ସବୁ ବିବାଦ ସୃଷ୍ଟି ହେଉଛି ତାହାକୁ ନେଇ ତାଙ୍କ ଦେଶର ଖେଳାଳିମାନେ ପ୍ରବଳ ଚାପରେ ରହିଛନ୍ତି। ବାଂଲାଦେଶର ଅଧାରୁ ଅଧିକ ଅନ୍ତର୍ଜାତୀୟ ଖେଳାଳିଙ୍କ ପ୍ରାୟୋଜକ ରହିଛନ୍ତି ଭାରତୀୟ କିମ୍ବା ଭାରତରେ ଅବସ୍ଥିତ କମ୍ପାନୀ। ଭାରତରେ ଟି-୨୦ ବିଶ୍ୱକପ୍ ନ ଖେଳିବା ଲାଗି ବାଂଲାଦେଶ ସରକାର ଓ କ୍ରିକେଟ ବୋର୍ଡ ନିଷ୍ପତ୍ତି ନେବା ଓ ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଆଇସିସିକୁ ଅନୁରୋଧ କରିବା ପରେ ବାଂଲା ଖେଳାଳିଙ୍କ ଭାରତୀୟ ପ୍ରାୟୋଜକ ଓହରିଯାଉଛନ୍ତି। ଏହା ମଧ୍ୟରେ ପ୍ରଥମ ବଡ଼ ପ୍ରାୟୋଜକ ହେଉଛି ଏସ୍‌ଜି ବା ସାନ୍ସପାରେଲସ ଗ୍ରୀନ୍‌ଲାଣ୍ଡସ। ପ୍ରାୟୋଜକ ଭାବେ ଓହରିଯିବାକୁ ଏସ୍‌ଜି ପକ୍ଷରୁ ଏଯାଏ କୌଣସି ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। କିନ୍ତୁ ଖେଳାଳିଙ୍କ ଏଜେଣ୍ଟଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ବାଂଲାଦେଶର ଟି-୨୦ ଅଧିନାୟକ ଲିଟନ ଦାସଙ୍କ ସହ ଏସ୍‌ଜି ବିପୁଳ ପରିମାଣ ଅର୍ଥରେ ପ୍ରାୟୋଜକ ରହିଛି। ଅନ୍ୟ କମ୍ପାନୀମାନେ ମଧ୍ୟ ଖେଳାଳିଙ୍କ ସହ ହୋଇଥିବା ରାଜିନାମାକୁ ନବୀକରଣ କରିବେ ନାହିଁ ବୋଲି ଅଣଆନୁଷ୍ଠାନିକ ସୂଚନା ଦେଇଛନ୍ତି।

ଅନ୍ୟ ପକ୍ଷରେ ମୁସ୍ତାଫିଜୁର ରହମନଙ୍କ ବିଦା ହେବା ଘଟଣାକୁ ନେଇ କେବଳ ଦୁଇ ଦେଶର କ୍ରିକେଟ ବୋର୍ଡ ନୁହେଁ ବରଂ ଦୁଇ ଦେଶର ରାଜନୈତିକ ଓ କୂଟନୈତିକ ସ୍ତରରେ ବିବାଦ ସୃଷ୍ଟି ହୋଇଛି। ଦିନକୁ ଦିନ ଏହି ବିବାଦ ବଢ଼ିବାରେ ଲାଗିଛି। ଭାରତ ସରକାର କିମ୍ବା ବିସିସିଆଇ ଏହି ଘଟଣାରେ ଚୁପ୍ ରହିବାକୁ ଉଚିତ ମନେ କରିଛନ୍ତି। ଦେଶ ଚଳାଇବା କିମ୍ବା ପ୍ରଶାସନିକ କ୍ଷେତ୍ରରେ ଅଭିଜ୍ଞତା ନ ଥିବା ବାଂଲାଦେଶର ବ୍ୟକ୍ତିବିଶେଷ ଉଗ୍ର ଜାତୀୟତାବାଦକୁ ନେଇ ଯେପରି ମନ୍ତବ୍ୟମାନ ଦେଉଛନ୍ତି ସେଥିରୁ ଏହି ଘଟଣା ଅଧିକ ବିବାଦୀୟ ହୋଇ ପଡୁଛି। ଭାରତରେ ନ ଖେଳିବା ଓ ଭେନ୍ୟୁ ପରିବର୍ତ୍ତନ କରିବାକୁ ବାଂଲାଦେଶ ଯେଉଁ ଆବେଦନ କରିଛି ତାହା ଉପରେ ଆଇସିସି ଏଯାଏ କୌଣସି ନିଷ୍ପତ୍ତି ନେଇ ନାହିଁ। ବରଂ ଭାରତରେ ଖେଳିବା ଲାଗି କ୍ରିକେଟ ବୋର୍ଡ ଯେଉଁ ସୁରକ୍ଷା ପ୍ରସଙ୍ଗ ଉଠାଇଛି, ସେଥିରେ କୌଣସି ବିପଦ ନ ଥିବା କଥା ଆଇସିସିର ହୃଦ୍‌ବୋଧ ହୋଇଛି। ଫଳରେ ବାଂଲାଦେଶର ଟି-୨୦ ବିଶ୍ୱକପ୍ କାର୍ଯ୍ୟକ୍ରମ ଏବେ ମଧ୍ୟ ଭାରତରେ ରହିଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

ଏହି ଘଟଣାର ସମାଧାନର ସୂତ୍ର ବାହାରୁ ନ ଥିବାରୁ ବାଂଲାର ଖେଳାଳି ଓ ସପୋର୍ଟଷ୍ଟାଫ୍ ଅସ୍ଥିର ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏମାନେ କେଉଁଠି ମ୍ୟାଚ୍ ଖେଳିବେ, କି ପ୍ରକାର ପ୍ରସ୍ତୁତି କରିବେ ସେ ସମ୍ପର୍କରେ ସନ୍ଦିହାନ ରହିଛନ୍ତି। ଏଭଳି ସ୍ଥିତିରେ ବାଂଲାଦେଶର ଖେଳାଳି ଯେ କ୍ଷତିଗ୍ରସ୍ତ ହେଉଛନ୍ତି ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ।

**ପୁରୁଷ ହକି ଇଣ୍ଡିଆ ଲିଗ୍**

# ସୁଟ୍‌ଆଉଟରେ ଜିତିଲା ସୁରମା, ଡ୍ରାଗନ୍ସ



ଚେନ୍ନଇ, ୯।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଆଜି ଖେଳାଯାଇଥିବା ଦୁଇଟି ଯାକ ଲିଗ୍ ମ୍ୟାଚ୍ ସୁଟ୍‌ଆଉଟରେ ଫଳାଫଳ ନିର୍ଣ୍ଣିତ ହୋଇଛି। ଏହା ମଧ୍ୟରେ ପ୍ରଥମ ମୁକାବିଲାରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍ ୩-୧ ଗୋଲରେ ହାଇଦ୍ରାବାଦ୍ ତୁଫାନ୍ସକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ୫-୪ ଗୋଲରେ ଏସ୍‌ଜି ପାଇପର୍ସକୁ ହରାଇ ପୂରା ପଏଣ୍ଟ ହାସଲ କରିଛି। ନିର୍ଦ୍ଧାରିତ ଖେଳରେ ସୁରମା ସହ ତୁଫାନ୍ସ ୧-୧ ଗୋଲରେ ଓ ଦ୍ୱିତୀୟ ମୁକାବିଲାରେ ଡ୍ରାଗନ୍ସ ସହ ପାଇପର୍ସ ୪-୪ ଗୋଲରେ ସମାନସ୍ତରରେ ରହିଥିଲା। ଆସନ୍ତାକାଲି ରାଞ୍ଚିରେ ବେଙ୍ଗଲ ଟାଇଗର୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ମହିଳା ହକି ଇଣ୍ଡିଆ ଲିଗ୍‌ର ଫାଇନାଲ ମୁକାବିଲା ହେବ। ପ୍ରଥମ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟରେ ସୁରମା ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂହ ଓ ହାଇଦ୍ରାବାଦ୍ ପକ୍ଷରୁ ଓଡ଼ିଆ ଖେଳାଳି ଅମନଦୀପ ଲାକ୍ରା ଗୋଲ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଡ୍ରାଗନ୍ସ ପକ୍ଷରୁ ଓଡ଼ିଆ ଖେଳାଳି ତଥା ଅଧିନାୟକ ଅମିତ ରୋହିଦାସ, ଫିଲିପ ପଲ କୌଫମାନ୍, ଟମ୍ କ୍ରେଗ୍ ଓ ସେଲଭାରାଜ କନଗରାଜ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପାଇପର୍ସ ପକ୍ଷରୁ ଟୋମାସ ଡୋମେନ ୨ଟି, କୀ ୱାଲଟ ଓ ଆଦିତ୍ୟ ଲଲାଗେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ସୁଟ୍‌ଆଉଟରେ ପାଇପର୍ସର ରୋମାନ ଡୁଭେକୋଟଙ୍କ ସଟ୍‌କୁ ଗୋଲରକ୍ଷକ ପ୍ରିନ୍ସ ଦୀପସିଂହ ଅଟକାଇ ଦଳକୁ ଜିତାଇଥିଲେ। ଅନ୍ୟ ସମସ୍ତ ୯ଟି ସଟ୍ ସିଧାସଳଖ କିମ୍ବା ପେନାଲ୍ଟି ଷ୍ଟ୍ରୋକ୍‌ରେ ଗୋଲ ହୋଇଥିଲା। ସେହିପରି ଆସନ୍ତାକାଲି ଖେଳର ବିଶ୍ରାମ ଦିବସ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS